READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ | ସଂଖ୍ୟା-୩୩ | ୨୬ ଅଗଷ୍ଟ - ୧ ସେପ୍ଟେମ୍ବର, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-33 | 26th AUGUST - 1st SEPTEMBER, 2024 | BHUBANESWAR | ₹ 5/- (8 Pages)

### ମାନଚିତ୍ରରେ ନାଁ ଅଛି, ଗାଁ ନାହିଁ

## କୋଟିଆ ପଞ୍ଚାୟତରୁ ଲୋପ ପାଇଗଲା ଦୁଇ ବିବାଦୀୟ ଗାଁ ମହିପାଣି, ସିଡ଼ିଓ୍ୱାଲସା



**କୋରାପୁଟ :** କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଚାଲିଥିବା ବିବାଦର କୌଣସି ସମାଧାନ ହୋଇ ନ ଥିବା ବେଳେ ଉଭୟ ରାଜ୍ୟ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ ବର୍ତ୍ତମାନ କୋଟିଆ ପଞ୍ଚାୟତର ଦୁଇଟି ବିବାଦୀୟ ଗ୍ରାମ ଦୃଶ୍ୟପଟରୁ ଲୋପ ପାଇଯାଇଛି। ମହିପାଣି ଏବଂ ସିଡ଼ିଓ୍ୱାଲସା ଏହି ଦୁଇଟି ଗାଁ କେବଳ କୋଟିଆ ମାନଚିତ୍ରରେ ଅଛି, କିନ୍ତୁ ବାସ୍ତବରେ ସେହି ସ୍ଥାନରେ ଆଉ ଗାଁ ନାହିଁ କି କେହି ଲୋକ ମଧ୍ୟ ନାହାନ୍ତି। ଉଭୟ ରାଜ୍ୟ ଦ୍ୱାରା ଉପେକ୍ଷିତ ହେବା ପରେ ଦୁଇ ଗ୍ରାମର କିଛି ଲୋକ ଓଡ଼ିଶା ସୀମା ଭିତରେ ପଡ଼ୋଶୀ ଗାଁକୁ ଚାଲି ଆସିଥିବା ବେଳେ ଆଉ କିଛି ଲୋକ ଆନ୍ଧ୍ର ପ୍ରଦେଶକୁ ସ୍ଥାନାନ୍ତର ହୋଇ ସେଠାରେ ବସବାସ କରୁଛନ୍ତି। ୬୦ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ପଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତର ୨୧ଟି ଗ୍ରାମକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଆର ବିକାଶ ନିମନ୍ତେ ୧୫୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇ ନୂତନ ଥାନା, ହସ୍ପିଟାଲ, ଆବାସିକ ବିଦ୍ୟାଳୟ, ସ୍ୱତନ୍ତ୍ର ଭାବେ ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିଲେ। ଓଡ଼ିଶା ସରକାରଙ୍କ ଯୋଜନା ଦେଖି ଆନ୍ଧ୍ର ପକ୍ଷରୁ ମଧ୍ୟ ବିବାଦୀୟ ଗ୍ରାମଗୁଡ଼ିକରେ କଂକ୍ରିଟ ରାସ୍ତା, ସ୍କୁଲ ଗୃହ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଦୁଇ ରାଜ୍ୟ ମଧ୍ୟରେ ଏଭଳି ବିବାଦ ଲାଗି ରହିଥିବା ଏବଂ ବିକାଶଠାରୁ ଦୂରେଇ ଯାଉଥିବା ଅନୁଭବ କରି ➤ ପୃ-୬

### ବଢ଼ିଲା ଡିଏସ୍ କୁଟେ ଓ ଆଶୀଷ ସିଂଙ୍କ ଅଡୁଆ

## ସହଜ ହେବନି ଖସିବା



**ଭୁବନେଶ୍ୱର :** ବିଜେଡି ସରକାରରେ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଖାସ୍ ସହଯୋଗୀ ଆଇପିଏସ୍ ଡିଏସ୍ କୁଟେ ଓ ଆଶୀଷ ସିଂଙ୍କ ଅଡୁଆ ବଢ଼ିଛି। ଉଭୟ ଅଫିସରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହ ସେମାନଙ୍କୁ ଚାର୍ଜସିଟ୍ ଜାରି କରିଛନ୍ତି। ତେବେ ଆଇପିଏସ୍ ଶ୍ରୀ କୁଟେଙ୍କ ବିରୁଦ୍ଧରେ ୨ଜଣ ଆଇଏଏସ୍ ଅଫିସର ଲିଖିତ ଭାବେ ଦେଇଥିବା ସଙ୍ଗୀନ ଅଭିଯୋଗ ଆଧାରରେ ତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଜାରି ହୋଇଛି ଓ ୩୦ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ କୁଟେଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହେଲେ, ତାଙ୍କୁ ଚାକିରିରୁ ବରଖାସ୍ତ ହେବାକୁ ପଡ଼ିପାରେ ଅବା ତାଙ୍କୁ ପଦୋନ୍ନତି ଭଳି କାର୍ଯ୍ୟାନୁଷ୍ଠାନ ଭୋଗିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ସେହିପରି ଆଇପିଏସ୍ ଆଶୀଷ ସିଂଙ୍କ ବିରୁଦ୍ଧରେ ବି ଅଗଷ୍ଟ ୬ତାରିଖରେ ଚାର୍ଜସିଟ୍ ଜାରି ହୋଇଛି। ରାଜ୍ୟ ଗୃହ ବିଭାଗର ତଥ୍ୟ ଅନୁସାରେ, ବିଜେଡି ସରକାରରେ ସବୁଠୁ ପାଓ୍ୱାରଫୁଲ ଅଫିସର ୧୯୯୭ ବ୍ୟାଚ୍ ଆଇପିଏସ୍ ଶ୍ରୀ କୁଟେଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ୨୧ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତାଙ୍କୁ ବିରୁଦ୍ଧରେ ରହିଥିବା ସଙ୍ଗୀନ ଅଭିଯୋଗକୁ ଆଧାର କରି ଚାର୍ଜସିଟ୍ ଜାରି କରିଛନ୍ତି। ୩୦ଦିନ ମଧ୍ୟରେ ତାଙ୍କୁ ଜବାବ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ନିର୍ବାଚନ ପରିଚାଳନାରେ ➤ ପୃ-୬

## ସୁଭଦ୍ରା ପାଇଁ ଗଠନ ହେବ 'ସୁଭଦ୍ରା ସମିତି'



**ଭୁବନେଶ୍ୱର :** ରାଜ୍ୟର ମହିଳାମାନଙ୍କୁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ରାଜ୍ୟ ସରକାର ଯୋଗାଇଦେବେ। ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ମହିଳା ଦିବସରେ ୨ଟି କିସ୍ତିରେ ଏହି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ସେମାନେ ନିଜ ଇଚ୍ଛାରେ ଏହି ଟଙ୍କା ଖର୍ଚ୍ଚ କରିପାରିବେ। ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ବାଦ୍ ଦେଇ ରାଜ୍ୟର ୨୧ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନେ ଏହି ଟଙ୍କା ପାଇପାରିବେ। ପ୍ରାୟ ଏକ କୋଟିରୁ ଅଧିକ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ଚଳିତ ଆର୍ଥିକ ବର୍ଷରୁ ପାଇବେ। ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ମହତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା'ର ଗାଇଡଲାଇନକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି 'ସୁଭଦ୍ରା' ଯୋଜନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅଗଷ୍ଟ ୨୨ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତ୍ତି

> **ଆସିଲା 'ସୁଭଦ୍ରା' ଗାଇଡଲାଇନ**
> **ବର୍ଷକୁ ମହିଳାଙ୍କୁ ମିଳିବ ୧୦ହଜାର**
> **୫ ବର୍ଷରେ ମିଳିବ ୫୦ ହଜାର**

ହୋଇଛି। ୨୦୨୮-୨୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫୮୨୫ କୋଟିର ବଜେଟ୍ ଧାର୍ଯ୍ୟ ହୋଇଛି। ଏହି ଯୋଜନାରେ ରାଜ୍ୟର ୧କୋଟିରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆସିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସରକାର ଅନ୍ତ୍ୟୋଦୟରେ ବିଶ୍ୱାସ କରନ୍ତି। ତେଣୁ ଆର୍ଥିକ ➤ ପୃ-୬

## ବିଷାକ୍ତ ମଦର ମାଷ୍ଟର ମାଇଣ୍ଡ କିଏ ?



**ଭୁବନେଶ୍ୱର :** ରାଜ୍ୟରେ ଏବେ ଉପରମୁହାଁ ଦେଲାଣି ବିଷାକ୍ତ ମଦ ମୃତ୍ୟୁ। ଗୋଟିଏ ଦିନରେ ରାଜ୍ୟରେ ୨ ଜଣଙ୍କ ମୃତ୍ୟୁର ଖବର ଆସିବା ପରେ ଚର୍ଚ୍ଚା ଜୋର। ତେବେ ବିଷାକ୍ତ ମଦ ବିକ୍ରି କରିବା ପଛରେ କେଉଁମାନେ ଦାୟୀ ? କାହିଁକି ଏମିତି ଘଟଣା ଘଟିଲା ? ତାହାକୁ ନେଇ ଏବେ ଉଠିଲାଣି ଅନେକ ପ୍ରଶ୍ନ। ଫୁଲ ଟେନସନ୍ ବଢ଼ାଉଛି ଚିକିଟି ମଦ ଟ୍ରାଜେଡି। ବିଷାକ୍ତ ମଦର ବିଭୀଷିକାରେ ଗୋଟିଏ ଦିନରେ ଗଡିଲାଣି ଦୁଇ-ଦୁଇଟି ମୁଣ୍ଡ। ସକାଳେ ସାମ୍ନାକୁ ଆସିଥିଲା ଚିକିଟି ପେଣ୍ଠ ଜେନାପୁରର ଜୁର ବେହେରାଙ୍କ ମୃତ୍ୟୁ ଖବର, ଆଉ ଅପରାହ୍ନରେ ଆସିଲା ସେହି ଜେନାପୁରର ଲୋକନାଥ ବେହେରାଙ୍କ ଜୀବନ ଯିବାର ଖବର। ଉଭୟେ ବିଷାକ୍ତ ମଦ ପିଇ ଅସୁସ୍ଥ ହେବା ପରେ ଗଜପତିରେ ଚିକିତ୍ସାଧିନ ଥିଲେ। ତେବେ ଜୁରଙ୍କ ମୃତ୍ୟୁ ପରେ ମୃତଦେହକୁ ଧରି ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦାବିରେ ରାସ୍ତାରୋକ କରିଥିଲେ ଆତ୍ମୀୟ ସ୍ୱଜନ ଏବଂ ଗାଁ ଲୋକେ। କେମିତି ଓ କେଉଁଠୁ ଆସିଲା ବିଷାକ୍ତ ମଦ ? ସେନେଇ ତନାଘନା ଭିତରେ ୫ ଜଣଙ୍କୁ ଗିରଫ କରିଛି ଅବକାରୀ ପୋଲିସ। ସୂଚନା ଅନୁସାରେ, ସମସ୍ତେ ମାଉନ୍ଦପୁର ପାଖରେ ବିକ୍ରି ହେଉଥିବା ଦେଶୀ ମଦ ପିଇଥିଲେ। ଯାହାର ବ୍ୟବସାୟୀ ହେଉଛି ଦିଗପହଣ୍ଡି ଅଞ୍ଚଳର ସୁରେନ୍ଦ୍ର ମଲ୍ଲିକ। ସେପଟେ, ଅବକାରୀ ବିଭାଗର ଅତିରିକ୍ତ କମିଶନରଙ୍କ କହିବା କଥା, ବେଆଇନ ମଦ କାରବାର ଅଭିଯୋଗରେ ସୁରେନ୍ଦ୍ର ପୂର୍ବରୁ ବି ଜେଲ୍ ଯାଇଛି। ଜେଲରୁ ମୁକୁଳି ପୁଣି ଚଳାଇଥିଲା ମଦ ବେପାର। ତେବେ କିଏ ଏହି ସୁରେନ୍ଦ୍ର ମଲ୍ଲିକ ? ➤ ପୃ-୬

### ଖୋଲିଲା ବିଜେଡି ସରକାରର ମିଛ ରୂପାନ୍ତରୀକରଣର ପୋଲ

## ମାଲକାନଗିରି ବିମାନ ବନ୍ଦରକୁ ମିଳିନଥିଲା ଡିଜିସିଏ ଅନୁମତି



**ଭୁବନେଶ୍ୱର :** ୯ ଜାନୁଆରୀ ୨୦୨୪। ସାଧାରଣ ନିର୍ବାଚନର ମାସ କେଇଟା ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମାଲକାନଗିରିରେ ଏ ବିମାନ ବନ୍ଦରର ଉଦଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଚାର କରାଗଲା ରୂପାନ୍ତର ଯାତ୍ରାରେ ଆଉ ଏକ ପାଦ ଆଗେଇଲା ମାଲକାନଗିରି। ଆକାଶ ପଥରେ ଯୋଡ଼ି ହୋଇ ଇତିହାସ ରଚିଲା ମାଲକାନଗିରି। କିନ୍ତୁ ଉଦଘାଟନ ପରେ ନା ଏ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେଲା ନା କାର୍ଯ୍ୟକ୍ଷମ କରିବା ଅବସ୍ଥାରେ ଥିଲା। କେବଳ ନିର୍ବାଚନୀ ଫାଇଦା ଓ ଭୋଟ୍ ରାଜନୀତି ପାଇଁ କେମିତି ମାଲକାନଗିରିବାସୀଙ୍କୁ ଭୁଆଁ ବୁଲାଇଥିଲେ ନବୀନ ପଟ୍ଟନାୟକ ଏବେ ଖୋଲିଛି ତାର ପୋଲ୍। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ମାଲକାନଗିରି ବିମାନ ବନ୍ଦରକୁ ନଥିଲା ଡିଜିସିଏ ଅନୁମତି। ରାଜ୍ୟର ୪ଟି ବିମାନ ବନ୍ଦର ➤ ପୃ-୬

### ବକ୍ରବାଣୀ



ଆମଦାନୀ ନେତା ଭାଉ ପ୍ରବଳ
ସଦ୍ୟ ମୋଦିଙ୍କର ଆଦର୍ଶେ ଭୋଳ
ଦଳ ପାଇଁ ନେତା ଜୀବନ ଦିଏ
ଆମଦାନୀ ନେତା ଆସନ ପାଏ
ତଥାପି ନେତାଏ ଚାତକ ପରି
ଦଳ ଅଗଣାରେ ଥାଆନ୍ତି ପଡ଼ି
ରାଜନୀତି ଖେଳ ଗହନ ଅତି
ଆମ ଜଗା ଭାଇ କୋମଳ ମତି
ତଥାପି ଭାଇଟି କରେ ଲଢ଼େଇ
ଏମପି ଆସନେ ବସିବା ପାଇଁ।

—— ଟୁଟୁ

### ଆସିବ ନୂଆ ଅବକାରୀ ନୀତି

## ବନ୍ଦ ହେବ ସବୁ ଡ୍ୟାନ୍ସ ବାର : ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଆଉ ଡ୍ୟାନ୍ସବାର ଚାଲିପାରିବ ନାହିଁ। ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ପାଖରେ ଥିବା ମଦ ଦୋକାନଗୁଡ଼ିକୁ ବି ବନ୍ଦ କରାଯିବ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଜେପି ସରକାରଙ୍କ ଆଭିମୁଖ୍ୟ ପୂରା ସ୍ପଷ୍ଟ। ଯାହା କହୁଛୁ ସେଥିରେ ସ୍ପଷ୍ଟତା ଅଛି ଓ ତାକୁ କାର୍ଯ୍ୟରେ କରି ଦେଖାଇବୁ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ଖୁବଶୀଘ୍ର ଏକ ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି, ଯେଉଁଥିରେ ରାଜ୍ୟରେ ସମସ୍ତ ଡ୍ୟାନ୍ସବାର ଚଳାଚଳକୁ ସବୁଦିନ ପାଇଁ ବନ୍ଦ କରିଦିଆଯିବ। ଏହା ଆମର ସଂସ୍କୃତି ନୁହେଁ। ସେହିପରି ପୂର୍ବ ସରକାର ସମୟରେ ବେଆଇନ ଭାବେ ଅନେକ ମଦଦୋକାନ ସ୍କୁଲକଲେଜ ଓ ମନ୍ଦିର ପାଖରେ ଖୋଲିଛି। ବିଜେପି ସରକାର ସେସବୁ ବନ୍ଦ କରିବେ। ନିୟମ ଅନୁସାରେ ଧାର୍ଯ୍ୟ ଦୂରତ୍ୱ ରହିଲେ ହିଁ ସେସବୁ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ। ➤ ପୃ-୬

## ବିଜେଡି ଶାସନକାଳରେ ଆଇନକୁ ଫୁଁ'




**ଭୁବନେଶ୍ୱର :** ବିଜେଡି ଶାସନକାଳରେ ଆଇନକୁ ଫୁଁ' କରି କେବଳ ଯାଜପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନରୁ ୩୦୦୮କୋଟି ଟଙ୍କା ଦିଆଯାଇଛି। ଆଉ ଜିଲ୍ଲା ଖଣିଜ ପାଣ୍ଠିରୁ ମଧ୍ୟ ୧୦୩୨.୫୪କୋଟି ଟଙ୍କା ଯାଜପୁରକୁ ମଞ୍ଜୁର ହୋଇଛି। ବିଭିନ୍ନ ଜିଲ୍ଲା ପାଇଁ ରାଜ୍ୟ ସରକାର ଖର୍ଚ୍ଚ କରୁଥିବା ପାଣ୍ଠି ବାଦ୍ ଏହି ପ୍ରାୟ ୪୦୪୦କୋଟି ଟଙ୍କାକୁ ନବୀନ ନିଜର ଶେଷ କାର୍ଯ୍ୟକାଳରେ ଯାଜପୁର ଜିଲ୍ଲାକୁ ଦେଇଛନ୍ତି। ରାଜ୍ୟର ବହୁ ପଛୁଆ ଜିଲ୍ଲାରେ ପାଣ୍ଠିର ଆବଶ୍ୟକତା ଥିବା ସତ୍ତ୍ୱେ ଯାଜପୁର ଭଳି ଆଗଧାଡ଼ିର ଜିଲ୍ଲାକୁ ଏତେ ପରିମାଣର ପାଣ୍ଠି କାହିଁକି ମଞ୍ଜୁର କରାଯାଇଥିଲା ଓ ସେସବୁ ପାଣ୍ଠି ବାସ୍ତବରେ ଖର୍ଚ୍ଚ ହୋଇଛି କି ନାହିଁ ତାକୁ ନେଇ ଏବେ ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ୨୦୨୧-୨୨ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନରୁ ୧୭୨୯ଟି ପ୍ରକଳ୍ପ ପାଇଁ ମୋଟ ୩୦୩୭.୩୪କୋଟି ଟଙ୍କା ଯାଜପୁର ଜିଲ୍ଲାକୁ ମଞ୍ଜୁର କରାଯାଇଛି। ସେଥିରୁ ୧୭୨୯ଟି ପ୍ରକଳ୍ପ ପାଇଁ ୩୦୦୮.୩୮କୋଟି ଟଙ୍କାର ପାଣ୍ଠିକୁ ଜିଲ୍ଲା ଦ୍ୱାରା କାର୍ଯ୍ୟନିର୍ବାହୀ ଏଜେନ୍ସୀକୁ ପ୍ରଦାନ କରାଯାଇଛି। ମାତ୍ର ଆଶ୍ଚର୍ଯ୍ୟର କଥା ଏତେ ପରିମାଣର ପ୍ରକଳ୍ପ ମଞ୍ଜୁର ହୋଇଥିଲେ ବି ସେଥିରୁ ମାତ୍ର ୪୩୭ଟି ପ୍ରକଳ୍ପ ବାବଦରେ ୧୧୦୨କୋଟି ଟଙ୍କା ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

> **ଯାଜପୁର ଜିଲ୍ଲାକୁ ସ୍ୱତନ୍ତ୍ର ଅନୁଦାନରେ ମିଳିଛି ୩୦୦୮କୋଟି**

ଆବଶ୍ୟକ ପାଣ୍ଠି ମଞ୍ଜୁର ହୋଇଥିଲେ ମଧ୍ୟ ୨୫୫ଟି ପ୍ରକଳ୍ପ କାର୍ଯ୍ୟ ଏବେ ଜାରି ରହିଛି ଓ ୧୦୩୭ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହୁଥିଲେ ମଧ୍ୟ ଯାଜପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ବାବଦରେ ବିଗତ ଦୁଇବର୍ଷରେ ପ୍ରାୟ ୨୬୮୦କୋଟି ଟଙ୍କା ଦିଆଯାଇଛି। ➤ ପୃ-୬


## ନିର୍ମାଣ ହେବ ୫୮ ଶୀତଳଭଣ୍ଡାର



**ଭୁବନେଶ୍ୱର :** ଖୁବଶୀଘ୍ର ଆଳୁ ଓ ପିଆଜ ମୂଲ୍ୟ ଖସିବ। କଲକାତାରୁ ୧୦୦୦ଟ୍ରକ ଆଳୁ ଆସି ଓଡ଼ିଶାରେ ପହଞ୍ଚିଛି। ସେହିପରି ଉତ୍ତରପ୍ରଦେଶରୁ ୨ଟି ଟ୍ରେନରେ ଆଳୁ ଆସି ପହଞ୍ଚିଛି। ପିଆଜ ବି ସରକାର ନାଫେଡ ମାଧ୍ୟମରେ କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନାଫେଡରେ ୨ଲକ୍ଷ ମେଟ୍ରିକ ଟନ ପିଆଜ ମହଜୁଦ ରହିଛି। ନାଫେଡ ଦୈନିକ ୨ ଟ୍ରକ ପିଆଜ ରାଜ୍ୟକୁ ଯୋଗାଇ ଦେବାକୁ ସମ୍ମତି ଜଣାଇଛି। ଆଳୁ ପରି ପିଆଜ ଦର ବି କମିଯିବ। ଆଳୁ, ପିଆଜକୁ ନେଇ ଖାଉଟି ଚିନ୍ତାପ୍ରକଟ ନ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଅପରପକ୍ଷରେ ଆଳୁ କିଲୋ ପିଛା ମୂଲ୍ୟ ୨୦ ଟଙ୍କାକୁ ଖସିଥିବା ଜଣାପଡିଛି। ରାଜ୍ୟ ସରକାର ବିଭିନ୍ନ ସବଡିଭିଜନରେ ୫୮ଟି ଶୀତଳଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ର ଶୀତଳଭଣ୍ଡାର ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ। ଶୀତଳଭଣ୍ଡାର ହେଲେ କୃଷକଙ୍କୁ ଆଳୁ ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସେମାନଙ୍କ ଉତ୍ପାଦିତ ଆଳୁକୁ ଶୀତଳଭଣ୍ଡାରରେ ସଂରକ୍ଷିତ ରଖାଯିବ। ଶୀତଳଭଣ୍ଡାର ହେବା ପରେ ଆସନ୍ତାବର୍ଷରୁ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କରାଯିବନି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। କେବଳ ସେତିକି ନୁହେଁ, ଅନ୍ୟ ପରିବା ଚାଷକୁ ମଧ୍ୟ ପ୍ରୋତ୍ସାହନ କରାଯିବ ବୋଲି ସେ କହିଛନ୍ତି। ➤ ପୃ-୬

### ମହାନଦୀ-ପୋଲାଭରମ୍ ବିବାଦ

## ଅଣ-ମୌସୁମୀ ସମୟରେ ଛତିଶଗଡ ନିଷ୍ଠୁର



**ଭୁବନେଶ୍ୱର :** ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗରେ ହାତ ଝାଡ଼ିଦେଲେ ରାଜ୍ୟ ସରକାର। ଅଦାଲତ ଓ ଟ୍ରିବ୍ୟୁନାଲରେ ଏହି ପ୍ରସଙ୍ଗ ବିଚରାଧୀନ ଥିବା ଉଲ୍ଲେଖ କରି ସରକାର ଉଭୟ ପ୍ରସଙ୍ଗରେ ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛନ୍ତି। ବିଧାନସଭାରେ ବିଧାୟକ ପବିତ୍ର ସାଉଁତାଙ୍କର ଏକ ଅଣତାରକା ପ୍ରଶ୍ନରେ ମିଳିଥିବା ଉତ୍ତରରୁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଇଛି। ବିଧାନସଭାରେ ଉଭୟ ମହାନଦୀ ଏବଂ ପୋଲାଭରମ୍ ପ୍ରକଳ୍ପ ସମ୍ବନ୍ଧରେ ବିଧାୟକ ପବିତ୍ର ସାଉଁତା ଏକ ଅଣତାରକା ପ୍ରଶ୍ନ କରିଥିଲେ। ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଅଣ-ମୌସୁମୀ ସମୟରେ ଛତିଶଗଡ଼ ନିଷ୍ଠୁର ଆଚରଣ କରୁଛି। ଛତିଶଗଡ଼ ଓ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ୍ ସରକାର ଚାଲୁଥିବା ବେଳେ ଓଡ଼ିଆ ଅସ୍ମିତାର ରକ୍ଷା ପାଇଁ ଛତିଶଗଡ଼ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସମସ୍ୟାର ସମାଧାନ କରିବେ କି ? ସମାନ ଭାବେ ପୋଲାଭରମ୍ ବିଷୟରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ସହ ରାଜ୍ୟ ସରକାର ଆଲୋଚନା କରିବେ କି ବୋଲି ଏକ ଅଣତାରକା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଓଡ଼ିଶା ସରକାର ନ୍ୟାୟିକ ପଦ୍ଧତି ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ କରିବା ପାଇଁ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛନ୍ତି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** – ଶରୀରରେ ବହୁବିଧ ପରିବର୍ତ୍ତନ ହୋଇପାରେ। ଦୀର୍ଘମିଆଦି ନିବେଷ କରନ୍ତୁନାହିଁ। ପରିବାରରେ ସାମାଜିକ ସ୍ଥିତି ଠିକ୍ ରହିବ। ଶିକ୍ଷା କ୍ଷେତ୍ରରେ ଚାହୁଁଥିବା ଫଳ ପାଇବେ। ଦମ୍ପତିମାନେ ନିକଟବର୍ତ୍ତୀ ହେବେ। ସନ୍ତାନଙ୍କ ପାଇଁ ଶୁଭ ଖବର ଆସିବ।

**ବୃଷ** – ପୂର୍ବ ରୋଗରୁ ମୁକ୍ତି ମିଳିବ। ବନ୍ଧୁ ଓ ପରିବାର ସହଯୋଗ ପାଇବେ। ପୂର୍ବ ଋଣ ସୁଝି ପାରନ୍ତି। ପରିବାରରେ ଶାନ୍ତି ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖିତ ହୋଇପାରନ୍ତି। ବିଦେଶ ଭ୍ରମଣ ସୁଯୋଗ ରହିଛି।

**ମିଥୁନ** – ମାନସିକ ଅଶାନ୍ତି ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି। ହଠାତ୍ ଖରାପ ଖବର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇପାରନ୍ତି। ପଦୋନ୍ନତି ହୋଇପାରେ।

**କର୍କଟ** – ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମ କରନ୍ତୁ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ଅନ୍ୟଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ। କ୍ଷମତାରୁ ଅଧିକା କାମ କରନ୍ତୁ ନାହିଁ। ଛାତ୍ର ମାନେ ଉଦାସ ରହିପାରନ୍ତି। ପ୍ରେମୀଙ୍କ ସହ ଅଧିକ ସମୟ କଟାଇବେ।

**ସିଂହ** – ନିଜର ସ୍ୱାସ୍ଥ୍ୟ ଓ ମନୋରଞ୍ଜନ ପାଇଁ ଅଧିକ ଧ୍ୟାନ ଦେଇ ପାରନ୍ତି। ଖର୍ଚ୍ଚରେ ବୃଦ୍ଧି ହେବ। ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଛାତ୍ରମାନେ ପାଠରୁ ଦୂରେଇ ଭ୍ରମଣରେ ମନଦେବେ। ପ୍ରେମିକଙ୍କ ସହ ସମୟ କଟାଇ ପାରନ୍ତି।

**କନ୍ୟା** – ସ୍ୱାସ୍ଥ୍ୟରେ ଅବନତି ଯୋଗୁଁ ସୁଯୋଗ ହାତଛଡା ହୋଇପାରେ। ବ୍ୟବସାୟରେ ଲାଭ ହେବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ। ଭଲ ଖବର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ତୁଳା** – ଉତ୍ତମ ସ୍ୱାସ୍ଥ୍ୟ ରହିବ। ଆର୍ଥିକ ଲାଭ ଓ ଆୟ ବୃଦ୍ଧିର ଅନେକ ମାର୍ଗ ଦେଖାଦେବ। ଘର ପରିବାରରେ ଝଗଡା ହୋଇପାରେ। ତରବରିଆ ଭାବରେ ନିଷ୍ପତ୍ତି ନିଅନ୍ତୁ ନାହିଁ। ଛାତ୍ରମାନେ ସ୍ଥିରତା ଅବଲମ୍ବନ କରନ୍ତୁ।

**ବିଛା** – ଘର ତିଆରି ଖାଦ୍ୟ ଖାଆନ୍ତୁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଘରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟରେ ଖର୍ଚ୍ଚ ହେବ। ପରିବାରରେ ଅଧିକ ସମୟ ଦେବେ। ମାତ୍ରାଧିକ କାର୍ଯ୍ୟ କରିବାରୁ ଦୂରେଇ ରହନ୍ତୁ।

**ଧନୁ** – ଆବଶ୍ୟକ ଦ୍ରବ୍ୟ କିଣାକିଣି କରି ଆର୍ଥିକ ସଙ୍କଟରେ ପଡିପାରନ୍ତି। ଆଇନ ଅଦାଲତର ଫଇସଲା ଆପଣଙ୍କ ପକ୍ଷରେ ଆସିବ। କାର୍ଯ୍ୟକ୍ଷେତ୍ରରେ ପୂର୍ବ ଅପେକ୍ଷା ଅଧିକ ପ୍ରଶଂସିତ ହେବେ। ପ୍ରେମୀଙ୍କ ଠାରୁ ଉପହାର ପାଇବେ।

**ମକର** – ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନେ ସମ୍ମାନିତ ହୋଇପାରନ୍ତି। ଯାନବାହନ କିଣି ପାରନ୍ତି। ଛାତ୍ରମାନେ ପ୍ରତିବନ୍ଧକର ସାମନା କରିବେ।

**କୁମ୍ଭ** – ଆରାମରେ ସମୟ କଟାଇବେ। ଆର୍ଥିକ ପ୍ରତିବନ୍ଧକ ଦୂର ହୋଇପାରେ। ପାରିବାରିକ ସ୍ଥିତିରେ ପରିବର୍ତ୍ତନର ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀ ଆପଣଙ୍କୁ ତାଗିଦ କରିପାରନ୍ତି। ଶିକ୍ଷାରେ ଥିବା ସମସ୍ୟା ଦୂର ହେବ। ପ୍ରେମୀମାନେ ଭବିଷ୍ୟତ ଯୋଜନା କରିବେ।

**ମୀନ** – ସ୍ୱାସ୍ଥ୍ୟ ଓ ମନୋବଳରେ ଉନ୍ନତି ହେବ। ଅନାବଶ୍ୟକତ ଖର୍ଚ୍ଚ ହୋଇପାରେ। ଆୟ ବ୍ୟୟରେ ସନ୍ତୁଳନ ରଖନ୍ତୁ। ଜୀବନସାଥୀଙ୍କ ସହଯୋଗରେ ପରିବାରରେ ଶାନ୍ତି ପ୍ରତିଷ୍ଠାରେ ସକ୍ଷମ ହେବେ। ଉପହାର ପାଇ ପାରନ୍ତି।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କାହିଁକି ଦେଶରେ ବଢୁଛି ଦୁଷ୍କର୍ମ ?

**ନୂଆଦିଲ୍ଲୀ :** କୋଲକତା ଗଣଦୁଷ୍କର୍ମକୁ ନେଇ କେବଳ ପଶ୍ଚିମବଙ୍ଗରେ ନୁହେଁ ବରଂ ପୁରା ଦେଶରେ ଆନ୍ଦୋଳନ ବଢିବାରେ ଲାଗିଛି। କେମିତି ଜଣେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ଅତି ନୃଶଂସ ଭାବରେ ହତ୍ୟା କରାଗଲା ତାହା ପୁରା ଦେଶ ଦେଖିଲା। ତେବେ ଘଟଣା ସାମ୍ନାକୁ ଆସିବା ପରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଆଇନ ଦୁର୍ବଳ ଥିବାରୁ ବଢିବାରେ ଲାଗିଛି ଦୁଷ୍କର୍ମ ମାମଲା। ତେବେ ଆପଣ ଜାଣିଛନ୍ତି କି ଏମିତି ସଙ୍ଗୀନ ମାମଲାରେ କେଉଁଠି କି ଦଣ୍ଡବିଧାନ ହେଉଛି ? ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଲେ ସଙ୍ଗେ ସଙ୍ଗେ ଦଣ୍ଡବିଧାନ କରିବାକୁ ଦାବି ଜୋର ଧରେ। ଖାଲି ଏତିକି ନୁହେଁ ବରଂ କେଉଁ କେଉଁ ଦେଶରେ ବିଚ୍ ରାସ୍ତାରେ ଫାଶୀ ଦିଆଯାଏ ତ ଆଉ କେଉଁଠି ପଥର ମାଡ କରାଯାଏ। ହେଲେ ଏହି ଅପରାଧ ପାଇଁ ଭାରତରେ କି ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ? ଦୁଷ୍କର୍ମ, ଗଣଦୁଷ୍କର୍ମ, ନାବାଳିକା ଦୁଷ୍କର୍ମ ଏବଂ ଦୁଷ୍କର୍ମ ପରେ ହତ୍ୟା। ପୂର୍ବରୁ ଏମିତି ସଙ୍ଗୀନ ମାମଲା ଆସିଲେ ଆଇପିସି ୩୭୫ ଓ ୩୭୬ ଧାରାରେ ଏହି ସବୁ ଜଘନ୍ୟ ଅପରାଧ ପାଇଁ ଦଣ୍ଡବ୍ୟବସ୍ଥା ଥିବା ବେଳେ, ନୂଆ ଭାରତୀୟ ନ୍ୟାୟ ସଂହିତାରେ ଏହାକୁ ବିଏନ୍‌ଏସ୍-୬୩ ରୁ ବିଏନ୍‌ଏସ୍-୭୦ ଯାଏଁ ସାମିଲ କରାଯାଇଛି। ସୂଚନା ଅନୁସାରେ,



ଦୁଷ୍କର୍ମ ଓ ହତ୍ୟା ପାଇଁ ଅଭିଯୁକ୍ତଙ୍କୁ ସର୍ବନିମ୍ନ ୨୦ ବର୍ଷ ସଶ୍ରମ କାରାଦଣ୍ଡ ମିଳୁଥିବା ବେଳେ, ସର୍ବାଧିକ ଆଜୀବନ ଜେଲ୍ କିମ୍ବା ପ୍ରାକୃତିକ ଭାବେ ମୃତ୍ୟୁ ହେବା ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ମିଳିପାରେ। ହେଲେ ଦିଲ୍ଲୀ ନିର୍ଭୟା କାଣ୍ଡ ପରେ, ଏଭଳି ବିରଳରୁ ଅତିବିରଳ ମାମଲାରେ ଆଇନରେ ଫାଶି ଦଣ୍ଡକୁ ମଧ୍ୟ ସାମିଲ କରାଯାଇଥିଲା। ତେବେ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଯେହେତୁ ପୀଡ଼ିତା ଜୀବିତ ନଥାନ୍ତି ତେଣୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ଅତି ଜଟିଳ କିନ୍ତୁ ଅସମ୍ଭବ ନୁହେଁ। ଭାରତର ପଡୋଶୀ ଦେଶର କଥା ଯଦି କହିବା ତାହାଲେ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଲେ ସଙ୍ଗେ ସଙ୍ଗେ ଫାଶୀ ଦିଆଯାଏ। ପାକିସ୍ତାନ ଓ ବାଂଲାଦେଶରେରେ ଫାଶି ଦଣ୍ଡ ମିଳୁଥିବା ବେଳେ, ଚୀନ୍‌ରେ ବି ରହିଛି ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି। ଆଫଗାନିସ୍ତାନରେ ୪ ଦିନ ଭିତରେ ଫାଶି ଖୁଣ୍ଟରେ ଝୁଲାଯାଏ କିମ୍ବା ମୁଣ୍ଡକୁ ଗୁଳି କରି ଦିଆଯାଏ। ସାଉଦି ଆରବରେ ଧରାପଡ଼ିବାର ଅଳ୍ପ କିଛି ଦିନ ଭିତରେ ସର୍ବସମ୍ମୁଖରେ ହୁଏ ଦୁଷ୍କର୍ମୀର ମୁଣ୍ଡକାଟ। ଉତ୍ତର କୋରିଆରେ ଦୋଷୀର ଜୀବନ ନିଅନ୍ତି ଫାୟାରିଂ ସ୍କ୍ୱାଡ୍। ଇଜିପ୍ଟ ଓ ଇରାନରେ ବି ଫାଶି ଦଣ୍ଡ ମିଳୁଥିବା ବେଳେ, କିଛି ନୃଶଂସ ଅପରାଧୀଙ୍କୁ ସରିଆ ଆଇନ ଅନୁସାରେ ପଥର ମାଡ଼ ଦ୍ୱାରା ମୃତ୍ୟୁଦଣ୍ଡ ଦିଏ ଇରାନ। ତେବେ ଆମେରିକା, ରୁଷ, ଫ୍ରାନ୍ସ, ଜାପାନ, ଇସ୍ରାଏଲ ଆଦି ଦେଶରେ ସର୍ବାଧିକ ଆଜୀବନ ସଜା ମିଳେ ଦୁଷ୍କର୍ମ ଅପରାଧୀକୁ। ତେବେ କୋଲକତା ଦୁଷ୍କର୍ମ ମାମଲା ସାମ୍ନାକୁ ଆସିବା ପରେ ଏବେ ପୁରା ଦେଶରେ ଗୋଟିଏ ଦାବି ହେଉଛି କି, ତୁରନ୍ତ ଦୋଷୀକୁ ମୃତ୍ୟୁଦଣ୍ଡ ଦିଆଯାଉ। ତେବେ ସମୟ କହିବ ମୁଖ୍ୟ ଅଭିଯୁକ୍ତକୁ କି ଦଣ୍ଡ ଦିଆଯାଉଛି ?

### ଏଡିଆର୍ ଓ ଜାତୀୟ ଇଲେକ୍ସନ୍ ୱାଚ୍ ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ

# ମହିଳା ବିରୋଧୀ ହିଂସାରେ ବିଜେପି ଆଗରେ

**ନୂଆଦିଲ୍ଲୀ :** ମହିଳା ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧରେ ଜଡ଼ିତ ଜନ ପ୍ରତିନିଧି। ଏଡିଆର୍ ଓ ଜାତୀୟ ଇଲେକ୍ସନ୍ ୱାଚ୍ ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ। ୨୦୨୪ରେ ନିର୍ବାଚିତ ୧୫୧ ଜଣ ସାଂସଦ ଓ ବିଧାୟକଙ୍କ ବିରୋଧରେ ଚାଲିଛି ମହିଳା ବିରୋଧୀ ହିଂସା ମାମଲା। ମହିଳା ବିରୋଧୀ ହିଂସାରେ ସବୁଠୁ ଆଗରେ ରହିଛି ବିଜେପି। ତା' ପଛକୁ କଂଗ୍ରେସ ଓ ଟିଡିପିର ଜନପ୍ରତିନିଧି। ଏକାଧିକ ଥର ଦୁଷ୍କର୍ମ ଅପରାଧରେ ଅଭିଯୁକ୍ତଙ୍କ ଭିତରେ ୨ ଜଣ ସାଂସଦ ଓ ୧୪ ଜଣ ବିଧାୟକଙ୍କ ନାମ ରହିଛି। ରିପୋର୍ଟ କହୁଛି, ଗୁରୁତର ଅପରାଧରେ ଜନ ପ୍ରତିନିଧିଙ୍କ ସଂପୃକ୍ତି ୨୦୦୯ ତୁଳନାରେ ୧୨୪ ପ୍ରତିଶତ ବଢିଛି। ସତ୍ୟପାଠ ଧରାଇଛି ସାଂସଦ ଓ ବିଧାୟକଙ୍କ କଳା କାରନାମା। ମହିଳା ବିରୋଧୀ ହିଂସାରେ ଅଭିଯୁକ୍ତ ଥିବା ୧୫୧ ଜଣ ଜନପ୍ରତିନିଧିଙ୍କ ଭିତରୁ ୧୬ ଜଣ ସାଂସଦ ଥିବାବେଳେ ୧୩୫ ଜଣ ବିଧାୟକ ରହିଛନ୍ତି।

ରିପୋର୍ଟ ଅନୁଯାୟୀ, ମହିଳା ବିରୋଧୀ ହିଂସାରେ ବିଜେପିର ୫୪, କଂଗ୍ରେସର ୨୩ ଓ ଟିଡିପିର ୧୭ ଜଣ ସାଂସଦ ଓ ବିଧାୟକଙ୍କ ନାମରେ ମାମଲା ଗଡୁଛି। ସଙ୍ଗୀନ ଅପରାଧରେ ଜନ ପ୍ରତିନିଧି ଅଭିଯୁକ୍ତ ହେବା ସଂଖ୍ୟା ପ୍ରତିଥର ନିର୍ବାଚନରେ ବଢି ଚାଲିଛି। ସ୍ଥିତି ଏମିତି ଯେ ୨୦୦୯ ତୁଳନାରେ ଜନ ପ୍ରତିନିଧିଙ୍କ ଅପରାଧିକ କାର୍ଯ୍ୟକଳାପ ୧୨୪ ପ୍ରତିଶତ ବଢିଛି। ରାଜନୀତିରେ ଅପରାଧୀକରଣ ଦିନକୁ ଦିନ ବଢି ଚାଲିଛି। ଏଡିଆର୍ ରିପୋର୍ଟ ୨୮ଟି ରାଜ୍ୟ ଓ ୮ ଟି କେନ୍ଦ୍ରଶାସିତ ଅଞ୍ଚଳର ସାଂସଦ ଓ ବିଧାୟକଙ୍କ ସତ୍ୟପାଠକୁ ଅନୁଶୀଳନ କରିଛି। ସେଥିରୁ ଜଣାପଡ଼ିଛି ମହିଳା ବିରୋଧୀ ହିଂସାରେ ସର୍ବାଗ୍ରେ ରହିଛି ପଶ୍ଚିମବଙ୍ଗ। ୨୫ ଜଣ ସାଂସଦ ଓ ବିଧାୟକଙ୍କ ନାମରେ ମାମଲା ରହିଛି। ତା' ପଛକୁ ଆନ୍ଧ୍ରପ୍ରଦେଶ ୨୧ ଓ ତୃତୀୟରେ ଓଡ଼ିଶାରେ ୧୭ ଜଣ ଏମପି ଓ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ମାମଲା ରହିଛି। ମହିଳାଙ୍କୁ ସୁଭଦ୍ରା ଭାବେ ବିବେଚନା କରିଆସୁଛି ବିଜେପି। ହେଲେ ତାଙ୍କରି ଦଳର ବିଧାୟକ ଓ ସାଂସଦ ବେଶୀ ମହିଳାଙ୍କ ପ୍ରତି ଅସମ୍ମାନ କାର୍ଯ୍ୟରେ ଲିପ୍ତ ରହିଥିବା ସତ୍ୟପାଠରୁ ଜଣାପଡ଼ିଛି। ଯେଉଁମାନେ ବିଧେୟକ ପ୍ରସ୍ତୁତ କରୁଛନ୍ତି ସେମାନେ ହିଁ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହୁଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ବି ମୂଲ୍ୟବୋଧ ନଥିବା ବାହୁବଳୀ ନେତାଙ୍କୁ ନିଜ ଦଳରେ ସାମିଲ କରି ଟିକେଟ୍ ଦେବାକୁ ଭୁଲୁନାହାନ୍ତି। ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର କଥା କହୁଥିବା ରାଜନୈତିକ ଦଳଙ୍କ ଉଚ୍ଚାରଣ ଓ ଆଚରଣରେ ରହୁନି ତାଳମେଳ।

### କେରଳ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ରୋଗଶଯ୍ୟାରେ ଥିବା ସ୍ୱାମୀଙ୍କ ସ୍ପର୍ମ ସଂରକ୍ଷିତ ରଖିବାକୁ ଅନୁମତି

**ନୂଆଦିଲ୍ଲୀ :** କେରଳ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର କରି ସ୍ପର୍ମ ବା ଶୁକ୍ରାଣୁ ସଂରକ୍ଷଣକୁ ଅନୁମତି ଦେଇଛନ୍ତି। ଜଣେ ମହିଳାଙ୍କ ଆବେଦନ କ୍ରମେ ସନ୍ତାନ ପ୍ରାପ୍ତି କ୍ଷେତ୍ରରେ ତାଙ୍କ ସ୍ୱାମୀଙ୍କ ସ୍ପର୍ମ ସଂରକ୍ଷଣ ରଖିବାକୁ ଅନୁମତି ଦେଇଛନ୍ତି କେରଳ ହାଇକୋର୍ଟ। ସୂଚନା ଅନୁସାରେ, ଆବେଦନକାରୀ ମହିଳାଙ୍କ ସ୍ୱାମୀଙ୍କ ଅବସ୍ଥା ଗୁରୁତର ରହିଛି। ସେ ବର୍ତ୍ତମାନ ଡାକ୍ତରଖାନାରେ ଜୀବନ ମରଣ ସହ ଲଢେଇ କରୁଛନ୍ତି। ଏହି ଦମ୍ପତିଙ୍କର କୌଣସି ସନ୍ତାନ ନଥିବାରୁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ଶୁକ୍ରାଣୁ ସଂରକ୍ଷଣ ରଖି ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି ମାଧ୍ୟମରେ ତାଙ୍କୁ ମାଆ ହେବାର ସୁଯୋଗ ଦେବାକୁ ଅନୁମତି ମାଗିଥିଲେ। ମହିଳାଙ୍କ ପକ୍ଷରୁ ଲଢୁଥିବା ଓକିଲ କୋର୍ଟଙ୍କୁ ନିବେଦନ କରିଥିଲେ ଯେ, ଯଥା ସମ୍ଭବ ଏଥିପାଇଁ ଅନୁମତି ଦିଆଯାଉ। ନିହାତି ଭାବରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନୁମତି ଆବଶ୍ୟକ ଥିଲେ ମଧ୍ୟ ସେ ରୋଗଶଯ୍ୟାରେ ପଡ଼ିଥିବାରୁ ତାଙ୍କର ଲିଖିତ ସମ୍ମତି ପାଇବା ଅସମ୍ଭବ, ଆଉ ଯଦି ବିଳମ୍ବ ହୁଏ ତେବେ ପରିସ୍ଥିତି କଣ ହେବ, ତାହା କହିବା ଅସମ୍ଭବ। କେରଳ ହାଇକୋର୍ଟର ଜଷ୍ଟିସ ଭି.ଜି ଅରୁଣ ଏହି ଆବେଦନ



ଉପରେ ବିଚାର କରି ଆବେଦନକାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଆସ୍ୱସ୍ତି ଦେଇଛନ୍ତି। ଗର୍ଭବତୀ ହେବା ପାଇଁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସ୍ପର୍ମକୁ କ୍ରାୟୋପ୍ରିଜର୍ଭିଂ ବା ସଂରକ୍ଷଣ ରଖିପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି। ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି (ଏଆରଟି) ରେଗୁଲେସନ ଆକ୍ଟ ଅନୁସାରେ କୋର୍ଟ ଏହି ଅନୁମତି ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କୋର୍ଟଙ୍କ ଅନୁମତି କ୍ରମେ ହସ୍ପିଟାଲରେ ଉକ୍ତ ବ୍ୟକ୍ତିଙ୍କ ସ୍ପର୍ମ ବାହାର କରାଯାଇ ସଂରକ୍ଷଣ ରଖାଯାଇପାରିବ। ଏଆରଟି ରେଗୁଲେସନ ଆକ୍ଟ ଅନୁସାରେ ଏହା ବ୍ୟତୀତ ଅନ୍ୟ କୌଣସି ପରବର୍ତ୍ତୀ ପ୍ରକ୍ରିୟା କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ମାମଲା ଉପରେ ସେପ୍ଟେମ୍ବର ୯ରେ ପରବର୍ତ୍ତୀ ଶୁଣାଣି ହେବ।

# 'ଭାରତ ଆଭିମୁଖ୍ୟ ବଦଳାଇଲେ ରୁଷ ଯୁଦ୍ଧ ବନ୍ଦ କରିବାକୁ ବାଧ୍ୟ ହେବ'

**କିବ୍ :** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନ ଗସ୍ତରେ ଯାଇଥିବା ବେଳେ ସେଠାରେ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ତାଙ୍କୁ ସ୍ୱାଗତ କରିଛନ୍ତି। ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ବ୍ୟାପକ ସହମତି ହୋଇଛି। ଏହା ସହ ଦୁଇ ଦେଶ ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଭାରତ ଓ ଭାରତବାସୀଙ୍କ ପାଇଁ ଏକ ବଡ଼ କଥା କହିଛନ୍ତି। ଭାରତ ନିଜର ଆଭିମୁଖ୍ୟ ବଦଳାଇଲେ ରୁଷିଆ ୟୁକ୍ରେନ ଯୁଦ୍ଧ ଶେଷ ହୋଇପାରେ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜେଲେନସ୍କି କହିଛନ୍ତି ଯେ ଯଦି ଭାରତ ଓ ଭାରତୀୟ ଲୋକମାନେ ରୁଷିଆ ପ୍ରତି ନିଜର ଆଭିମୁଖ୍ୟ ବଦଳାଇବେ, ତେବେ ଏହି ଯୁଦ୍ଧ ଶେଷ ହୋଇଯିବ। ନିଜେ ରୁଷରାଷ୍ଟ୍ରପତି ପୁଟିନ୍ ଏହି ଯୁଦ୍ଧ ବନ୍ଦ କରିବାକୁ ବାଧ ହେବେ ବୋଲି ଜେଲେନସ୍କି କହିଛନ୍ତି। ଭାରତ ସହ ବାଣିଜ୍ୟ ପ୍ରସଙ୍ଗରେ



ଜେଲେନସ୍କି କହିଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ର କିମ୍ବା ଅନ୍ୟ କୌଣସି କ୍ଷେତ୍ର ପାଇଁ ଆମେ ଭାରତ ସହ ଏକ ବଡ଼ ଚୁକ୍ତି ପାଇଁ ପ୍ରସ୍ତୁତ ଅଛୁ। ଏହି ଆଲୋଚନାବେଳେ ମୋଦୀ କହିଥିଲେ ଯେ ଯୁଦ୍ଧ ଦ୍ୱାରା କିଛି ହୋଇନଥାଏ। ଶାନ୍ତି ପାଇଁ ସବୁ ପ୍ରକାର ଉଦ୍ୟମରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିବ।

# କାହିଁକି ନାଗ ମୃତ୍ୟୁର ପ୍ରତିଶୋଧ ନିଏ ନାଗୁଣୀ ?

**ନୂଆଦିଲ୍ଲୀ :** ଭାରତରେ ନାଗ ନାଗୁଣୀକୁ ନେଇ ଅନେକ ଲୋକକଥା ରହିଛି। ଯଦି ନାଗକୁ ହତ୍ୟା କରାଯାଏ ତା ଆଖିରେ ହତ୍ୟା କରିଥିବା ଲୋକର ଫଟୋ ଉଠିଯାଏ। ଏହା ପରେ ନାଗୁଣୀ ନିଜ ପାର୍ଟନର ମୃତ୍ୟୁର ପ୍ରତିଶୋଧ ନିଶ୍ଚୟ ନେଇଥାଏ। ଏହି କାରଣରୁ ଆଜି ବି ନାଗ ନାଗୁଣୀକୁ ମାରିଦେବା ପରେ ତା ମୁଣ୍ଡକୁ ନଷ୍ଟ କରିଦିଆଯାଏ ନଚେତ ପୋତି ଦିଆଯାଇଥାଏ। ବଲିଉଡର ଅନେକ ଫିଲ୍ମ ନାଗ ନାଗୁଣୀ ପ୍ରତିଶୋଧ ଉପରେ ଆଧାରିତ। ପ୍ରାୟତଃ କାହାଣୀରେ ନାଗୁଣୀ ପ୍ରତିଶୋଧ ନେଉଥିବା ଦେଖିବାକୁ ମିଳେ। କିନ୍ତୁ ନାଗୁଣୀର ପ୍ରତିଶୋଧ କାହାଣୀକୁ ନେଇ ଠିକ ଓଲଟା ତଥ୍ୟ ଦିଏ ବିଜ୍ଞାନ। ମିଶନ ସ୍ନେକ ଡେଥ୍ ଫ୍ରି ଇଣ୍ଡିଆର କୋଡିନେଟର ଡ. ଆଶିଷ ତ୍ରିପାଠୀଙ୍କ କହିବାନୁସାରେ ନାଗ ନାଗୁଣୀ ପ୍ରତିଶୋଧ ନେବା କାହାଣୀ ବିଜ୍ଞାନ ମୁତାବକ ସମ୍ଭବ ନୁହେଁ। ନାଗ ବା ନାଗୁଣୀ ଆଖିରେ କୌଣସି ଫଟୋ ଷ୍ଟୋର ହୋଇପାରେ ନାହିଁ। ନାଗୁଣୀର ପ୍ରତିଶୋଧ କାହାଣୀ



ସମ୍ପୂର୍ଣ୍ଣ ରୂପେ ମନଗଢା। ଏହା ପଛରେ ଆଉ କିଛି ବୈଜ୍ଞାନିକ କାରଣ ରହିଛି। ଡାକ୍ତରଙ୍କ ଅନୁସାରେ ସାପ ବା ଅନ୍ୟ ଜୀବଜନ୍ତୁଙ୍କ ଶରୀରରେ ଫେରୋମୋନ୍ସ ରହିଥାଏ। ଫେରୋମୋନ ହେଉଛି ଜୀବଜନ୍ତୁଙ୍କ ଦ୍ୱାରା ନିର୍ଗତ ହେଉଥିବା ରସାୟନିକ ସଙ୍କେତ। ନାଗ ନାଗୁଣୀ ପ୍ରତିଶୋଧ ନେବା କାହାଣୀ ପଛରେ ଫେରୋମୋନ୍ସ ହି କାମ କରିଥାଏ। ଯେତେବେଳେ ନାଗ ବା ନାଗୁଣୀକୁ ହତ୍ୟା କରାଯାଏ, ସେହି ସମୟରେ ସେମାନେ ପରିସ୍ରା କରିଥାନ୍ତି। ଏହି ପରିସ୍ରାରେ ଫେରୋମୋନ୍ସ ଥାଏ। ଜୀବନ୍ତ ଥିବାବେଳେ ଫେରୋମୋନ୍ସ ଅଲଗା ଥିବା ବେଳେ ମୃତ୍ୟୁ ପରେ ଏହା ଭିନ୍ନ ହୋଇଥାଏ। ଏହା ପରେ ଫେରୋମୋନ୍ସ ଶୁଙ୍ଘି ଅନ୍ୟ ନାଗ ବା ନାଗୁଣୀ ଜାଣିପାରନ୍ତି ଯେ ଏଠାରେ ଆମର କୌଣସି ସାଥୀଙ୍କୁ ମରାଯାଇଛି। ନାଗର ଫେରୋମୋନ୍ସକୁ ଅନୁଭବ କରିବା ପରେ ନାଗୁଣୀ ଆକ୍ରୋଶିତ ହୋଇପଡେ। ଏଭଳି ସ୍ଥଳେ ଯେଉଁ ବି ମଣିଷ ନାଗୁଣୀ ସାମନାକୁ ଆସେ ନାଗୁଣୀ ତାକୁ ମାରିବାକୁ ଚେଷ୍ଟା କରିଥାଏ। ଏହା ପଛରେ ବି ଆଉ ଏକ କାରଣ ରହିଛି। ସେହି ଅଞ୍ଚଳରେ ବୁଲାବୁଲି କରୁଥିବା ନାଗ ନାଗୁଣୀ ନିଜକୁ ଅସୁରକ୍ଷିତ ମନେ କରିଥାନ୍ତି। ଯେଉଁ କାରଣରୁ ଯେ କେହି ବି ମମିଷ ନାଗ ନାଗୁଣୀ ସାମନାକୁ ଆସିଲେ ତାକୁ ସେମାନେ ଟାର୍ଗେଟ କରିଥାନ୍ତି। ସେହିପରି ନାଗ ବା ନାଗୁଣୀକୁ ମାରିବା ପରେ ସାଧାରଣତଃ ଲୋକେ ଏହାକୁ ପୋତି ଦିଅନ୍ତି ବା ଜଳାଇ ଦେଇଥାନ୍ତି। ଏହା କରିବା ସତ୍ତ୍ୱେ ବି ଘଟଣାସ୍ଥଳରେ ଫେରୋମୋନ୍ସ ମହଜୁଦ ଥାଏ। ଯାହାକୁ ନାଗ ବା ନାଗୁଣୀ ଶୁଙ୍ଘିକରି ସାଥୀଙ୍କୁ ମରାଯାଇଥିବା ଜାଣିପାରେ।

# ଭାରତୀୟ ଖାଦ୍ୟ ସାମଗ୍ରୀରେ ବଢୁଛି ମାଇକ୍ରୋପ୍ଲାଷ୍ଟିକ୍ ଉପାଦାନ

**ନୂଆଦିଲ୍ଲୀ :** ସାରା ବିଶ୍ୱରେ ମସଲା ପ୍ରସ୍ତୁତି କ୍ଷେତ୍ରରେ ଭାରତର ସ୍ଥାନ ସ୍ୱତନ୍ତ୍ର। ଭାରତରେ ବିଭିନ୍ନ କିସମର ମସଲାଜାତୀୟ ଦ୍ରବ୍ୟ ଉତ୍ପାଦନ ହେଉଥିବା ବେଳେ ଏଠାରୁ ବିଶ୍ୱର ବିଭିନ୍ନ ଭାଗକୁ ସ୍ୱାଦିଷ୍ଟ ମସଲା ରପ୍ତାନି ହୋଇଥାଏ। ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତ ମସଲା ରପ୍ତାନି କ୍ଷେତ୍ରରୁ ମଧ୍ୟ ସର୍ବାଧିକ ଆୟ କରିଥାଏ। କିନ୍ତୁ ବିଗତ କିଛି ମାସ ହେଲା ଭାରତୀୟ ମସଲାକୁ ନେଇ ଆନ୍ତର୍ଜାତିକ ବଜାରରେ ପ୍ରଶ୍ନ ଉଠିଛି। ବିଶେଷକରି ଖାଦ୍ୟ ସୁରକ୍ଷା ଏବଂ ମାନ ଦୃଷ୍ଟିରୁ ଭାରତର ପ୍ରମୁଖ କେତେକ ମସଲା ବ୍ରାଣ୍ଡ ନିର୍ଦ୍ଧାରିତ ମାନ ଠାରୁ ନିମ୍ନ ସ୍ତରରେ ରହୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କେତେକ ରାଷ୍ଟ୍ର ଭାରତୀୟ ମସଲା ଆମଦାନୀ କରିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହିକ୍ରମରେ ଏବେ କେତେକ ପ୍ରମୁଖ ବ୍ରାଣ୍ଡର ମସଲା ନମୁନା ପରୀକ୍ଷଣ କରାଯାଇଥିଲା ବେଳେ ସେଥିମଧ୍ୟରୁ ୧୨ ପ୍ରତିଶତ ମସଲାର ମାନ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ନିମ୍ନ ସ୍ତରରେ ରହିଥିବା ଜଣାପଡ଼ିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନ ନିର୍ଦ୍ଧାରଣକାରୀ ପ୍ରାଧିକରଣ ବା ଫସାଇ ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା ବେଳେ ଏହାର ତଥ୍ୟ ରଖିଛି ରଏଟର। ରଏଟର ପ୍ରକାଶ କରିଥିବା ତଥ୍ୟ ଅନୁସାରେ ପରୀକ୍ଷଣ ବେଳେ ଦୁଇ ପ୍ରମୁଖ ବ୍ରାଣ୍ଡ ମସଲାକୁ ମିଶାଯାଇ ଏହି ମିଶ୍ରିତ ମସଲାର ମାନ କ'ଣ ରହିଛି ତାହା ତର୍ଜମା କରାଯାଇଥିଲା। କିନ୍ତୁ ପରୀକ୍ଷଣ ବେଳେ ଏହି ମସଲାର ମାନ ନିର୍ଦ୍ଧାରିତ ମାନ ଠାରୁ ନିମ୍ନ ସ୍ତରରେ ରହିଥିବା ଜଣାପଡ଼ିଛି। ରଏଟର ପକ୍ଷରୁ ସୂଚନା ଅଧିକାର ଆଇନ ଆଧାରରେ ଗତ ମେ' ମାସରୁ ଜୁଲାଇ ମଧ୍ୟରେ ପ୍ରାୟ ୪୦୫୪ଟି ମସଲାର ମାନ ପରୀକ୍ଷଣ କରାଯାଇଥିଲା। କିନ୍ତୁ ଏଥିମଧ୍ୟରୁ ୪୭୪ଟି ମସଲା ଦ୍ରବ୍ୟର ମାନ ଖାଦ୍ୟ ଉପଯୋଗୀ ମାନ ଠାରୁ ନିମ୍ନ ରହିଥିଲା। ଏହି ବିଷୟ ଜଣାପଡ଼ିବା ପରେ ଫସାଇ ପକ୍ଷରୁ ସଂପୃକ୍ତ ବ୍ରାଣ୍ଡ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା ବୋଲି ରଏଟର ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲରେ ହଂକଂରେ ଦୁଇଟି ବ୍ରାଣ୍ଡର ମସଲା ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏଥିରେ ଅଧିକ ହାରରେ କୀଟନାଶକ ଅଂଶ ରହିଥିବାରୁ ଏହା ରୋଗ ସଂକ୍ରମଣ ପାଇଁ ବିପଦ ବଢାଇବ ବୋଲି ଆଶଙ୍କା କରି ହଂକଂ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ



ନେଇଥିଲେ। ହଂକଂ ପରେ ଭାରତରୁ ମସଲା ଆମଦାନୀ କରିବା କ୍ଷେତ୍ରରେ ବ୍ରିଟେନ ମଧ୍ୟ ଅଙ୍କୁଶ ଲଗାଇଥିଲା ବେଳେ ପରବର୍ତ୍ତୀ ସମୟରେ ଆମେରିକା, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟ ଏଭେରେଷ୍ଟ ଏବଂ ଏମଡିଏଚ୍ ଭଳି କେତେକ ମସଲା ବ୍ରାଣ୍ଡ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭାରତରେ ପ୍ରସ୍ତୁତ ଏବଂ ବିଶେଷକରି ବିଦେଶକୁ ରପ୍ତାନି ହେଉଥିବା ମସଲାଗୁଡିକ ଉପରେ କଡ଼ା ପଦକ୍ଷେପ ନେବାକୁ ଫସାଇ ନିଷ୍ପତ୍ତି ନେଇଛି। କିନ୍ତୁ ଏହି ଘଟଣା ପରେ ଏମଡିଏଚ୍ ଏବଂ ଏଭେରେଷ୍ଟ କମ୍ପାନୀ କହିଛନ୍ତି ଯେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ମାନକୁ ନେଇ ପ୍ରଶ୍ନ ଉଠିବା ଉଚିତ ନୁହେଁ। ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ସେମାନଙ୍କ ମସଲା ଉପଯୋଗୀ। ଭାରତରେ ଦୁଇଟି ବ୍ରାଣ୍ଡର ମସଲା ଗ୍ରାହକ ମହଲରେ ବେଶ ଆଦୃତ ହୋଇପାରିଥିଲା ବେଳେ ୟୁରୋପ, ଏସିଆ ଏବଂ ଉତ୍ତର ଆମେରିକାର ବିଭିନ୍ନ ରାଷ୍ଟ୍ରରେ ଏହି ଦୁଇଟି ବ୍ରାଣ୍ଡର ଚାହିଦା ମଧ୍ୟ ଯଥେଷ୍ଟ ଅଧିକ ରହିଛି। ତେବେ ମସଲାର ଯେଉଁ ଦିଗକୁ ନେଇ ପ୍ରଶ୍ନ ଉଠିଛି ତାହା ଉପରେ ପୁନଃ ଦୃଷ୍ଟି ଦେବାକୁ ଏବେ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତରେ ଖାଦ୍ୟପଦାର୍ଥରେ ମସଲାର ବ୍ୟବହାର ସବୁଠୁ ଅଧିକ। ସେହି ଅନୁସାରେ ଏଠାରେ ବାର୍ଷିକ ସ୍ତରରେ ମସଲା କାରବାର ପରିମାଣ ମଧ୍ୟ ଅଧିକ। ଜିଅନ ମାର୍କେଟ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁସାରେ ୨୦୨୨ରେ ଭାରତରେ ମସଲା ବିକ୍ରି ପରିମାଣ ୧୦.୪୪ ବିଲିୟନ ଡଲାର ରହିଥିଲା। ସେହିପରି ଏହି ବର୍ଷରେ ମସଲା ରପ୍ତାନି ପରିମାଣ ମଧ୍ୟ ୪.୪୬ ବିଲିୟନ ଡଲାର ରହିଥିଲା। ଭାରତରେ ବିଭିନ୍ନ କିସମର ଖାଦ୍ୟ ସାମଗ୍ରୀରେ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଏହା ଦୀର୍ଘସୂତ୍ରରେ ରୋଗ ସୃଷ୍ଟିର କାରଣ ହେବାର ଆଶଙ୍କା ବଢାଉଛି। ଖାଦ୍ୟ ସାମଗ୍ରୀରେ ମାଇକ୍ରୋପ୍ଲାଷ୍ଟିକ୍‌ର ଉପସ୍ଥିତି ଏବଂ ମିଶ୍ରଣ ଆଗକୁ ଏକ ବଡ଼ ସମସ୍ୟା ହେବାକୁ ଯାଉଥିବାରୁ ଫସାଇ ପକ୍ଷରୁ ଏହାର ନିରାକରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଚିନ୍ତା କରାଯାଉଛି। ଏହିକ୍ରମରେ ଫାସାଇ ପକ୍ଷରୁ 'ମାଇକ୍ରୋ ଆଣ୍ଡ ନାନୋ ପ୍ଲାଷ୍ଟିକ୍ ଆଜ୍ ଇମର୍ଜିଂ ଫୁଡ୍ କଣ୍ଟାମିନାଣ୍ଟସ୍' ନାମକ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଏହାକୁ ରୋକିବା ଦିଗରେ ପ୍ରୟାସ ଆରମ୍ଭ କରାଯାଇଥିବା କୁହାଯାଇଛି। କୋଚିସ୍ଥିତ ଆଇସିଏଆର- ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫିସରିଜ୍ ଟେକନୋଲୋଜି, ପିଲାନିସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଆଣ୍ଡ ସାଇନ୍ସ ଏବଂ ଲକ୍ଷ୍ନୌସ୍ଥିତ ସିଏସଆଇଆର-ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟକ୍ସିକୋଲୋଜି ରିସର୍ଚ୍ଚ ପକ୍ଷରୁ ଏନେଇ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରାଯାଇଛି।

## ଗାଁରେ ପ୍ରତି ଘରୁ ଆବର୍ଜନା ସଂଗ୍ରହ କରିବାର ବ୍ୟବସ୍ଥା ରହିଛି: ପଞ୍ଚାୟତିରାଜ ମନ୍ତ୍ରୀ



**ଭୁବନେଶ୍ୱର :** କଠିନ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିଚାଳନା ନିମନ୍ତେ ପଞ୍ଚାୟତ ଗୁଡ଼ିକରେ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ କରିବାର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ତେବେ ପଞ୍ଚାୟତରୁ ନିର୍ଗତ ଆବର୍ଜନାର ପରିଚାଳନା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା ପାଇଁ ସରକାରଙ୍କ ଏପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ନଥିବା ମନ୍ତ୍ରୀ ଶ୍ରୀ ନାଏକ ସ୍ପଷ୍ଟ କରିଛନ୍ତି। ବିଧାନସଭାରେ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ, ପଞ୍ଚାୟତ ଗୁଡ଼ିକରେ କଠିନ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସୁପରିଚାଳନା କରିବା ନିମନ୍ତେ ପ୍ରତ୍ୟେକ ଘରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଆବର୍ଜନା ସଂଗ୍ରହ କରିବାର ବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳରେ ଜୈବିକ ଓ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ବ୍ୟକ୍ତିଗତ ଓ ସାର୍ବଜନୀନ କମ୍ପୋଷ୍ଟ ପିଟ୍ ଓ ସୋକ୍ ପିଟର ବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଓ ଫିକାଲ ସ୍ଲଜର ସୁପରିଚାଳନା ନିମନ୍ତେ ପଞ୍ଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସମସ୍ତ ଜିଲ୍ଲା, ସହରାଞ୍ଚଳ, ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଓ ଫିକାଲ ସ୍ଲଜ୍ ପରିଚାଳନାର ସୁବିଧା ପାଇଁ ୟୁଏଲବି ସହିତ ପଞ୍ଚାୟତଗୁଡ଼ିକର ଟ୍ୟାଗିଂ କରାଯାଇଛି। ତେବେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ପଞ୍ଚାୟତ ଅଞ୍ଚଳରେ ବ୍ୟାପକ ଭାବେ ଆପାର୍ଟମେଣ୍ଟ, ଡୁପ୍ଲେକ୍ସ ଓ ବ୍ୟବସାୟିକ ବାସଗୃହ ପ୍ରକଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠିଥିଲେ ମଧ ସେଥିରୁ ନିର୍ଗତ ଆବର୍ଜନାର ପରିଚାଳନା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା ପାଇଁ ସରକାରଙ୍କର ଏଯାବତ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଗ୍ରାମାଞ୍ଚଳରେ ପ୍ରତି ଘରୁ ଆବର୍ଜନା ସଂଗ୍ରହ ନିମନ୍ତେ ସାଧାରଣ ଲୋକେ ପଞ୍ଚାୟତଗୁଡ଼ିକ ଉପରେ ଚାପ ପକାଇବାର ସମ୍ଭାବନା ସୃଷ୍ଟି ହୋଇଛି।

## ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ନଥିଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର :** ଏଣିକି ଡଙ୍ଗାରେ ଲାଇଫ ଜ୍ୟାକେଟ୍ ନରଖିଲେ ହେବ କାର୍ଯ୍ୟାନୁଷ୍ଠାନ। ଡଙ୍ଗାରେ ଲାଇଫ ଜ୍ୟାକେଟ ସହ ଲାଇସେନ୍ସ, ରେଟ୍ ଚାଟ ଓ ଆବଶ୍ୟକ ପାଣି ରଖିବେ ଡଙ୍ଗା ମାଲିକ। ନିୟମ ପାଳନ ନକଲେ ସଂପୃକ୍ତ ଯାତ୍ରୀବାହୀ ଡଙ୍ଗାକୁ ବନ୍ଦ କରିଦିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି କୃଷ୍ଣପ୍ରସାଦ ତହସିଲଦାର ଓ ବିଡିଓ। ଯାନ୍ତ୍ରିକ ତ୍ରୁଟି ଓ ଚାଳକଙ୍କ ଅସାବଧାନତା ପାଇଁ ଚିଲିକା ମଝିରେ ବାରମ୍ବାର ଡଙ୍ଗା ଅଟକି ରହୁଥିବା ଅଭିଯୋଗ ହେଉଛି। ଯାତ୍ରୀ ଭୟଭୀତ ଅବସ୍ଥାରେ ଘଣ୍ଟା ଘଣ୍ଟା ଧରି ଚିଲିକା ଭିତରେ ଅଟକି ରହୁଛନ୍ତି। ସମସ୍ୟାର ସମାଧାନ ପାଇଁ ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ନେଇ କୃଷ୍ଣପ୍ରସାଦ ବ୍ଲକ୍ ଅଧିକାରୀ ଅମିୟ କୁମାର ପଣ୍ଡା ଓ ତହସିଲଦାର ଅଭିଷେକ ସାହୁଙ୍କ ତତ୍ୱାବଧାନରେ, କୃଷ୍ଣପ୍ରସାଦ ଆଇଆଇସି, ଅଗ୍ନିଶମ ବିଭାଗ ଅଧିକାରୀ, ଫରେଷ୍ଟ ଅଧିକାରୀ, ଡଙ୍ଗା ମାଲିକ ଓ ଚାଳକମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଯେଉଁ ଡଙ୍ଗା ମାଲିକ ଓ ଚାଳକମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ଡଙ୍ଗା ବନ୍ଦ କରି ଦିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି।

### କ୍ରିଷ୍ଣା ଗୋଶାଳା ହେବ ସବୁଜମୟ

# ବଜ୍ରପାତରୁ ରକ୍ଷା ପାଇବାକୁ ଲାଗିବ ତାଳଗଛ



**ଭୁବନେଶ୍ୱର :** ଜାମୁକୋଲିରେ ଥିବା କ୍ରିଷ୍ଣା ଗୋଶାଳା ହେବ ସବୁଜମୟ। ସ୍ୱାସ୍ଥ୍ୟକର ପରିବେଶ ସହିତ ବଜ୍ରପାତରୁ ରକ୍ଷା ପାଇବା ଲାଗି ଲାଗିବ ତାଳ ଗଛ। ଗୋଶାଳା ପରିସରରେ ଉନ୍ନତ ଭିତ୍ତିଭୂମି ସଜାଡିବା ଲାଗି ପ୍ଲାନ କରିଛି ବିଏମସି। ୨୫ ଏକର ଜାଗାରେ ଆଉ ୩ଟି ନୂଆ ସେଡ ସହିତ ତିଆରି ହେବ କ୍ରିମେସେନ ସେଣ୍ଟର। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗୋଶାଳା ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ଜାମୁକୋଲିରେ ଅଚାନକ ପରିଦର୍ଶନ କଲେ ଭୁବନେଶ୍ୱର ମେୟର। କେମିତି ଚାଲିଛି ଗୋଶାଳା? ଗୋରୁ, ଗାଈ, ବାଛୁରୀ, ଷଣ୍ଢଙ୍କ ପାଇଁ କେମିତି ରହିଛି ପରିବେଶ? ସ୍ୱାସ୍ଥ୍ୟକର ପରିବେଶ ଉପଯୋଗୀ ବାସସ୍ଥାନ, ଖାଦ୍ୟ, ପାନୀୟ ଠିକଠାକ ରହିଛି ନା ନାହିଁ ଯାଞ୍ଚ କରିଥିଲେ ମେୟର। ବିଏମସିର ସବୁଜ ଅଭିଯାନ କାର୍ଯ୍ୟକ୍ରମରେ ଗୋଶାଳା ପରିସରକୁ ସାମିଲ କରାଯିବ। ଗ୍ରୀଷ୍ମଦାଉରୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ କରାଯିବ। ଏପରିକି ବଜ୍ରପାତରୁ ଗାଈ, ଗୋରୁ, ବାଛୁରୀ ଓ ଷଣ୍ଢଙ୍କୁ ରକ୍ଷା କରିବା ଲାଗି ତାଳ ଗଛ ପୋତାଯିବ। ଯାହା ଫଳରେ ସେଠାରେ କାମ କରୁଥିବା ଲୋକ ଓ ପଶୁଙ୍କ ଜୀବନ ରକ୍ଷା ପାଇ ପାରିବ। ପଥୁରିଆ ଜାଗା ଥିବାରୁ ଗାଈ, ଷଣ୍ଢଙ୍କୁ ଗରମ ହେଉଛି। ଅନ୍ୟପଟେ କ୍ରିଷ୍ଣା ଗୋଶାଳା ପରିସର ସମ୍ମୁଖରେ ଥିବା ୨୫ ଏକର ଜାଗାରେ ଆଉ ଟିକେ ଉନ୍ନତ ଧରଣର ଗୋଶାଳା ହେବ। ଆଉ ୩ଟି ନୂଆ ସେଡ଼ ତିଆରି କରିବା ସହିତ ବୃକ୍ଷରୋପଣ କରାଯିବ। ଏହାସହ ଗାଈ, ଗୋରୁ, ବାଛୁରୀ, ଷଣ୍ଢଙ୍କ ମୃତ୍ୟୁ ହେଲେ ସେମାନଙ୍କ ଲାଗି ଅନ୍ତିମ ସଂସ୍କାର ପାଇଁ କ୍ରିମେସନ ସେଣ୍ଟର ମଧ ତିଆରି ହେବ ବୋଲି ମେୟର କହିଛନ୍ତି। ସେପଟେ ଜାମୁକୋଳିର କ୍ରିଷ୍ଣା ଗୋଶାଳାରେ ୬୨୫ ଗାଈ, ଗୋରୁ, ଷଣ୍ଢ ଓ ବାଛୁରୀ ଅଛନ୍ତି। କେବଳ ୪୩୪ଟି ଷଣ୍ଢ ରହିଛନ୍ତି। ପ୍ରତ୍ୟେକ ପିଛା ୨୦୦ ଟଙ୍କା ଖର୍ଚ୍ଚ କରାଯାଉଛି। ଘାସ, ପରିବା, ଚୋକଡ, ଦାନା ଖାଇବା ଲାଗି ଦିଆଯାଉଛି। ୨ ଜଣ ଡାକ୍ତର, ଫାର୍ମାସିଷ୍ଟ ଓ ୪୬ ଜଣ କେୟାର ଟେକର ଅଛନ୍ତି। ଏଠାରୁ ବାହାରୁ ଥିବା ଗୋବରରୁ ଖତ ବାହାରୁଛି। ଏହାସହ ବିଏମସି ଚାହିଁଲେ ଗୋବରୁ କମ୍ପୋଷ୍ଟ କରି ବ୍ୟବହାର କରି ପାରିବ। ସେପଟେ ରାଜଧାନୀରେ ରାସ୍ତା ଉପରେ ବୁଲୁଛନ୍ତି ବୁଲାଗୋରୁ ଓ ଷଣ୍ଢ। ଯାହା ଫଳରେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ୱେଶାଲ ଡ୍ରାଇଭରେ ୬୦ଟି ବୁଲା ଗୋରୁ ଓ ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି। ଏବେବି ରାଜଧାନୀରେ ଏକାଧିକ ରାସ୍ତାରେ ବୁଲା ଗାଈ ଓ ଷଣ୍ଢଙ୍କ ଶୋଇ ରହୁଥିବା ଦେଖିବାକୁ ମିଳୁଛି। କିଛି ଅମାନିଆ ମାଲିକ ଖାଦ୍ୟ ଦେବାକୁ ପଡିବ ବୋଲି ଗାଈଙ୍କୁ ରାଜରାସ୍ତାକୁ ଛାଡି ଦେଉଛନ୍ତି। ଦିନ ହେଉ କି ରାତି ଯାତାୟତ ବେଳେ ଲୋକେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ଘଟୁଛି।

### ସଚିବସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ବିକାଶ ତ୍ୱରାନ୍ୱିତ କର, ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଅ



**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଆଜି ସମସ୍ତ ବିଭାଗର ସଚିବମାନଙ୍କ ସହ ବୈଠକ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଓ ଯୋଜନା ଖର୍ଚ୍ଚ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହାସହିତ ବିଭିନ୍ନ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ବିନିଯୋଗ କରି ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୁଯୋଗ ମଧ ବୃଦ୍ଧି ପାଇବ ବୋଲି କହିଛନ୍ତି। ବିଭିନ୍ନ ବିଭାଗ ବିଶେଷକରି ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ଆବଶ୍ୟକସ୍ଥଳେ ଅଧିକ ଟେକନିକାଲ ମାନବସମ୍ବଳ ନିଯୁକ୍ତ କରି କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବା ଉଚିତ୍ ବୋଲି କହିଥିଲେ। ରାଜ୍ୟ ସରକାର ୨୦୩୬ ଓ ୨୦୪୭ ମସିହାକୁ ଲକ୍ଷ୍ୟ ରଖି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ଓ କାମ ଆରମ୍ଭ କରିଛନ୍ତି ତେଣୁ ରାଜ୍ୟ ସମସ୍ତ ବିଭାଗ ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ ଭାବେ ଟିମ୍ ମନୋଭାବ ନେଇ କାମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଅର୍ଥ ବିଭାଗର ସଚିବ ଶାଶ୍ୱତ ମିଶ୍ର ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟର ଆୟବ୍ୟୟର ଏକ ତୁଳନାତ୍ମକ ରିପୋର୍ଟ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁଲାଇ ଅବଧି ମଧ୍ୟରେ ରାଜ୍ୟର ମୋଟ ଆୟ ପରିମାଣ ୫୭୦୮୫କୋଟି ଟଙ୍କା ଥିବାବେଳେ ଗତବର୍ଷ ଏହି ଅବଧିରେ ଆୟ ପରିମାଣ ୫୧୨୩୪କୋଟି ଟଙ୍କା ଥିଲା। ଏହି ପରିମାଣ ଗତବର୍ଷର ଏହି ଅବଧିର ଆୟ ଅପେକ୍ଷା ୧୧.୪୨ପ୍ରତିଶତ ଅଧିକ ବୋଲି ଶ୍ରୀ ମିଶ୍ର ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁଗର୍ଗଙ୍କ ସମେତ ସମସ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ଚାଉଳ ସବ୍‌ସିଡି ବାବଦ ୨୫୦୦ କୋଟି ଟଙ୍କାର ବକେୟା ଦେଲା କେନ୍ଦ୍ର

**ଭୁବନେଶ୍ୱର :** ଫୁଡ୍ ସବସିଡି ବାବଦରେ ରାଜ୍ୟର ବକେୟା ଅର୍ଥରୁ କେନ୍ଦ୍ର ସରକାର ୨୫୦୦କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାପରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ କିଛିଦିନ ତଳେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟି ଏହି ଦାବି ଜଣାଇବା ପରେ ବକେୟା ଅର୍ଥରୁ ୨୫୦୦କୋଟି ଟଙ୍କା ମିଳିଛି। ଏନେଇ ବିଧାନସଭାରେ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ବିଧାନସଭାରେ ମନ୍ତ୍ରୀ ଶ୍ରୀ ପାତ୍ର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ଫୁଡ୍ ସବସିଡି ବାଦରେ କେନ୍ଦ୍ର ସରକାରଙ୍କ ନିକଟରେ ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ରାଜ୍ୟର ୯୫୬୪କୋଟି ଟଙ୍କା ବକେୟା ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାରେ ରାଜ୍ୟରେ ବିନିଯୋଗ ହୋଇଥିବା ଚାଉଳ ବାବଦରେ ଭାରତ ସରକାର ସବସିଡି ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଭାରତ ସରକାରଙ୍କ ସହ ବୁଝାମଣା ଅନୁସାରେ ଅଗ୍ରୀମ ସବସିଡି ରାଶି ତ୍ରୈମାସିକ ଭିତ୍ତିରେ ରାଜ୍ୟ ସରକାର ପାଇବାର ପ୍ରାବଧାନ ଅଛି। ଧାନ



ସଂଗ୍ରହଣ ପ୍ରକ୍ରିୟା ପ୍ରଭାବିତ ନହେବା ପାଇଁ ବାଣିଜ୍ୟିକ ବ୍ୟାଙ୍କମାନଙ୍କଠୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଋଣ ଆକାରରେ ଅର୍ଥ ରାଶି ସଂଗ୍ରହ କରି ଧାନକ୍ରୟ ବାବଦ ଖର୍ଚ୍ଚ ଆଗୁଆ ବହନ କରିଥାନ୍ତି। ରାଜ୍ୟରେ ଗତ ୨୦୨୩-୨୪ ଖରିଫ ଋତୁରେ ୧୩.୩୬ଲକ୍ଷ ଚାଷୀଙ୍କଠୁ ୫୮.୦୩ଲକ୍ଷ ମେଟ୍ରିକ ଟନ୍ ଧାନ ରବି ଋତୁରେ ୧.୯୬ଲକ୍ଷ ଚାଷୀଙ୍କଠୁ ୧୨.୮୫ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିଲା। ଗତ ଖରିଫ ଓ ରବି ଋତୁରେ ସଂଗୃହୀତ ଧାନର ମୂଲ୍ୟ ବାବଦରେ ମୋଟ ୧୫,୪୭୫କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। ଧାନକିଣା ବାବଦରେ କେନ୍ଦ୍ର ସରକାର କୌଣସି ଅର୍ଥ ପ୍ରତ୍ୟକ୍ଷ ଭାବେ ଦେଇନଥାନ୍ତି। ସଂଗୃହୀତ ଧାନକୁ ଚାଉଳ କରି ସାଧାରଣ ବଣ୍ଟନରେ ହିତାଧିକାରୀଙ୍କୁ ବାଣ୍ଟି ସାରିବା ପରେ ରାଜ୍ୟ ସରକାର ତ୍ରୈମାସିକ ସବସିଡି ବିଲକୁ କେନ୍ଦ୍ର ସରକାରଙ୍କ ପାଖରେ ଜମା କରିଥାନ୍ତି। ଗତ ଧାନ ସଂଗ୍ରହ ବର୍ଷ ୨୦୨୩-୨୪ରେ ଚାଉଳ ବାବଦକୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୫୮୭୧କୋଟି ଟଙ୍କା ପୈଠ କରିଛନ୍ତି। ଏଫସିଆଇ ଏବେସୁଦ୍ଧା ୧୪,୭୦,୫୮୯ମେଟ୍ରିକ ଟନ୍ ଚାଉଳ ନେଇସାରିଛି ଓ ୧୦,୬୯,୯୮୬ ମେଟ୍ରିକ ଟନ୍ ଚାଉଳ ନେବାକୁ ବାକି ଅଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଆଜି ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ଗୌତମବୁଦ୍ଧ ଦାସଙ୍କ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି।

### ବଦଳିଲା ଯୁକ୍ତ ଦୁଇ ପରୀକ୍ଷା ଢାଞ୍ଚା

# ଏଣିକି ପାସ୍ ମାର୍କ ୩୦ ନୁହେଁ ୨୪

**ଭୁବନେଶ୍ୱର :** ବଦଳିଲା ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା। ଏଣିକି ପାସ୍ ମାର୍କ ୩୦ ନୁହେଁ ୨୪। ୨୦୨୫ ବାର୍ଷିକ +୨ ପରୀକ୍ଷା ପାଇଁ ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା ବଦଳାଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ପ୍ରଶ୍ନପତ୍ର ଢାଞ୍ଚା ବଦଳି ଯାଇଛି। ୨୦୨୩ରେ ଯେଉଁ ଛାତ୍ରଛାତ୍ରୀ ନାମ ଲେଖିଛନ୍ତି ଓ ୨୦୨୫ରେ ପରୀକ୍ଷା ଦେବେ ସେମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ। ୮୦ ମାର୍କର ପରୀକ୍ଷା ହେଲେ ମଧ ଛାତ୍ରଛାତ୍ରୀଙ୍କୁ ପୂର୍ବଭଳି ୩ଘଣ୍ଟାର ସମୟ ଦିଆଯିବ ବୋଲି ବୋର୍ଡ ନିଷ୍ପତି ନେଇଛି। ନୂଆ ଢାଞ୍ଚା ଅନୁଯାୟୀ, ଏଣିକି ବାର୍ଷିକ ପରୀକ୍ଷାରେ ୧୦୦ ନୁହେଁ ବରଂ ପରୀକ୍ଷାର୍ଥୀଙ୍କୁ ୮୦ ମାର୍କର ଥିଓରୀ ପରୀକ୍ଷା ଦେବାକୁ ପଡ଼ିବ। ପିଲାଙ୍କୁ ୮୦ ପ୍ଲସ୍ ୨୦



ଅନୁପାତରେ ଥିଓରୀ- ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ନନ୍ ପ୍ରାକ୍ଟିକାଲ ବିଷୟରେ ୮୦ ଥିଓରୀ, ୨୦ ଇଣ୍ଟରନାଲ୍ ପରୀକ୍ଷା ରହିବ। ସେହିପରି ନନ୍ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଫୁଲ୍ ମାର୍କ ୮୦, ପାସ୍ ମାର୍କ ୨୪ ରହିବ। ୮୦ ମାର୍କରୁ ୨୪ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବେ। ନହେଲେ ଫେଲ୍ ବୋଲି ବିବେଚନା କରାଯିବ। ବାକି ୨୦ ମାର୍କ ଇଣ୍ଟରନାଲ ପରୀକ୍ଷା ହେବ। ସେଥିରେ ପରୀକ୍ଷାର୍ଥୀ ଯେତିକି ମାର୍କ ରଖିବେ ତାକୁ ମୋଟ ମାର୍କ ସହ ସଂଯୋଗ କରାଯିବ। ହେଲେ ଥିଓରି ମାର୍କ ସହ ଏହାକୁ ମିଶାଇ ପାସ୍ ବୋଲି ଗଣାଯିବ ନାହିଁ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସିବିଏସଇ ଢାଞ୍ଚାକୁ ଆପଣାଯିବା ସହ ବାଧ୍ୟତାମୂଳକ ଭାବେ ଇଂରାଜୀ ଓ ମାତୃଭାଷାରେ ଆସୁଥିବା ରଚନା ଲେଖନୀକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି। ସେହିପରି କୌଣସି ବିଷୟର ପ୍ରଶ୍ନପତ୍ରରେ ଆଉ ୧୦ ମାର୍କର ପ୍ରଶ୍ନ ରହିବନି। କଳା ବିଭାଗ ବିଷୟ ଗୁଡ଼ିକରେ ସର୍ବାଧିକ ୮ ମାର୍କ ଏବଂ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୫ମାର୍କ ପର୍ଯ୍ୟନ୍ତ ପ୍ରଶ୍ନ ଆସିବ। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ ଶିକ୍ଷାବର୍ଷରୁ ଏହା ଲାଗୁ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନୂଆ ପଶ୍ନପତ୍ର କିଭଳି ରହିବ ଏବଂ ମାର୍କ କିପରି ଦିଆଯିବ ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ସେପ୍ଟେମ୍ବର ସୁଦ୍ଧା ସବୁ ଘରକୁ ବିଜୁଳି ସଂଯୋଗ

**ଭୁବନେଶ୍ୱର :** ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟର ସବୁ ଘରକୁ ବିଦ୍ୟୁତ ସଂଯୋଗ କରାଯିବ। ଏନେଇ ସୂଚନା ଦେଇଛନ୍ତି ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି। ଏଥିସହିତ ଗରିବଙ୍କୁ ବିଦ୍ୟୁତ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ 'ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନା' ଏବେବି ବଳବତ୍ତର ରହିଛି ବୋଲି ସେ କହିଛନ୍ତି। ବିଧାନସଭାରେ ବିଧାୟକ ପବିତ୍ର ସାଉଁନ୍ତା ଓ ଗଣେଶ୍ୱର ବେହେରାଙ୍କ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟୁତସଂଯୋଗ ପାଇନଥିବା ବାସ ଘରଗୁଡ଼ିକୁ ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ କରାଯାଇଛି। ବିଦ୍ୟୁତିକରଣ ପାଇଁ ବିଭିନ୍ନ ଡିସକମ୍ କମ୍ପାନୀକୁ ୪୧୫ କୋଟି ଟଙ୍କା ଦିଆଯାଇଛି। ସେହି ବାସଗୃହ ଗୁଡ଼ିକରେ ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସେହିପରି ରାଜ୍ୟରେ ଗରିବ ଓ ଅସହାୟ ପରିବାରକୁ ମାଗଣାରେ ବିଦ୍ୟୁତ ଯୋଗାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା 'ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା' ବନ୍ଦ ହୋଇନାହିଁ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ପଷ୍ଟ କରିବା



ସହ ଏହି ଯୋଜନାରେ ବିଦ୍ୟୁତିକରଣରୁ ବଞ୍ଚିତ ବାସଗୃହକୁ ବିଦ୍ୟୁତ ସଂଯୋଗ ଦିଆଯାଉଛି ବୋଲି କହିଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଜୁ ଓ ନବୀନଙ୍କ ନାଁରେ ପରିଚାଳିତ ବିଭିନ୍ନ ଯୋଜନାକୁ ବନ୍ଦ କରିଦେଇଛନ୍ତି। ତେବେ ନବୀନ ପଟ୍ଟନାୟକ ସରକାର ଦ୍ୱାରା ଆରମ୍ଭ ହୋଇଥିବା ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନା ଏବେବି କାର୍ଯ୍ୟକ୍ଷମ ଥିବା ମନ୍ତ୍ରୀ ସିଂହଦେଓ କହିଛନ୍ତି।

# ଏବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ

**ଭୁବନେଶ୍ୱର :** ଚଳିତ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ। ଆର ବର୍ଷରେ ହେବ କଲେଜ ଇଲେକ୍ସନ। ଅର୍ଥାତ୍ ୨୦୨୫ ମସିହାରେ ହେବ ଛାତ୍ର ସଂସଦ ନିର୍ବାଚନ। ଯାଜପୁର ଜିଲ୍ଲା ବଡ଼ଚଣା ନୂଆହାଟ କଲେଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏକଥା ସ୍ପଷ୍ଟ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ ଆହୁରି ମଧ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ସାଧାରଣତଃ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ହୋଇଥାଏ। ହେଲେ ରାଜ୍ୟରେ ନୂଆ ସରକାର ଆସିଲା ପରେ ଏଥର କଲେଜ ଇଲେକ୍ସନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିନି। ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଥମେ ଏବର୍ଷ ଆଗେ ସମସ୍ତ କଲେଜରେ ଆନୁଷଙ୍ଗିକ ପ୍ରସ୍ତୁତି କରାଯିବ। ସେ କାମ ସରିଲେ ଆସନ୍ତାବର୍ଷ କଲେଜ ଭୋଟ୍ ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଆଇନମନ୍ତ୍ରୀ। ଆଇନମନ୍ତ୍ରୀଙ୍କଠାରୁ ସ୍ପଷ୍ଟ ଚିତ୍ର ମିଳିବା ପରେ ଏବର୍ଷକୁ ମିଶାଇ କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସରେ କଲେଜ ଇଲେକ୍ସନ ସ୍ଥଗିତ ରହିଛି। ଶେଷଥର ପାଇଁ ୨୦୧୭ ମସିହାରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ତା'ପର ବର୍ଷଠୁ ଅର୍ଥାତ୍ ୨୦୧୮ ପରଠୁ ଆଉ କଲେଜ ଭୋଟ୍ ହୋଇନି। ତା'ସହ ସେବେଠୁ ଛାତ୍ର ନେତା ବାହାରିବା ପ୍ରକ୍ରିୟା ଠପ୍ ହୋଇଯାଇଛି। ଫଳରେ ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରି ଆଗକୁ ନେତା ହେବାର ସ୍ୱପ୍ନ ଦେଖୁଥିବା ଯୁବଗୋଷ୍ଠୀଙ୍କୁ ଝଟକା ଲାଗିଛି। ଏହାଛଡ଼ା ଛାତ୍ର ଜୀବନରେ ଭୋଟର ହୋଇ ନେତା ବାଛିବାର ଅଭିଜ୍ଞତା ଓ ଅନୁଭବ ମଧ ହରାଇଛନ୍ତି କଲେଜ ପିଲା। ଯେହେତୁ ବିଜେଡି ସରକାରର ପତନ ହୋଇଛି ଓ ରାଜ୍ୟର ବିଜେପି ନୂଆ ସରକାର ଗଠନ କରିଛି। ତେଣୁ ଏବର୍ଷ କ୍ୟାମ୍ପସ ପଲିଟିକ୍ସର ଆଶା ବାନ୍ଧିଥିଲେ ବହୁ ଛାତ୍ର ସଂଗଠନ।

### ପିଏମ୍‌ଆବାସ ଯୋଜନାରେ ମିଳିବ ୧.୮୦ଲକ୍ଷ ଟଙ୍କା

# ଘରପୋଡ଼ି, ହାତୀ ନଷ୍ଟକଲେ ମିଳିବ ଅନ୍ତ୍ୟୋଦୟ ଗୃହ

**ଭୁବନେଶ୍ୱର :** ଏଣିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧.୨୦ଲକ୍ଷ ଟଙ୍କା ପରିବର୍ତ୍ତେ ୧.୮୦ଲକ୍ଷ ଟଙ୍କା ଏବଂ ଶୌଚାଳୟ ନିର୍ମାଣ ପାଇଁ ମିଳୁଥିବା ୧୨ହଜାର ଟଙ୍କା ପରିବର୍ତ୍ତେ ୨୦ହଜାର ଟଙ୍କା ମିଳିବ ବୋଲି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି। ଏହାସହିତ ଘରପୋଡ଼ି କିମ୍ବା ହାତୀ ଦ୍ୱାରା ଘର ନଷ୍ଟ ହେଲେ ଅବା ପ୍ରାକୃତିକ ବିପର୍ଯ୍ୟୟରେ ବାସଘର ନଷ୍ଟ ହେଲେ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ଯୋଜନା କରାଯାଉଛି ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ୍ ଗତ ସପ୍ତାହରେ ପିଏମ୍ ଆବାସ ଯୋଜନାର ଆର୍ଥିକ ସହାୟତା ପରିମାଣକୁ ବୃଦ୍ଧି କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆର୍ଥିକ ସହାୟତା ପରିମାଣକୁ ୧.୮୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଯଦି ଏଥିରେ ମନରେଗା ସହାୟତାକୁ ମିଶାଇ ଦିଆଯାଏ ତା'ହେଲେ ଏହି ପରିମାଣ ୨ଲକ୍ଷ ଟଙ୍କା ହେବ। ଏହି ବାସଘର ଆବଂଟନକୁ ନେଇ ଖୁବଶୀଘ୍ର ଗାଇଡଲାଇନ ଜାରି କରାଯିବ। ସେହିପରି ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ପାଇଁ ଦିଆଯାଉଥିବା ୧୨ହଜାର ଟଙ୍କାକୁ ଏବେ ୨୦ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଘରେ ଶୌଚାଳୟ ଓ ପାନୀୟ ଜଳଯୋଗାଣର ସୁବିଧା ଥାଇ ଏକ ମଡେଲ ଘର ଭାବେ ବିକଶିତ କରାଯିବ। ସେହିପରି ଘରପୋଡ଼ି,



ହାତୀ ଦ୍ୱାରା ନଷ୍ଟ ଅବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ଘର ନଷ୍ଟ ହେଲେ ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ପୀଡ଼ିତ ପରିବାରକୁ ଘର ଯୋଗାଇ ଦେବାକୁ ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ବିଜେଡି ସରକାରର 'ମୋ ଘର' ଯୋଜନାରେ କେହି ଉପକୃତ ହୋଇନାହାନ୍ତି କିମ୍ବା ଏହି ଯୋଜନାକୁ ନେଇ କେହି ଲୋକେ ଆଗ୍ରହ ବି ଦେଖାଇନଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ଏହା କେବଳ ବିଜେଡି ସରକାର ରାଜନୀତିକ ଧୂଆଁବାଣ ଥିଲା ବୋଲି ସେ କହିଛନ୍ତି। ରାଜ୍ୟରେ ୬୪ଟି ଆଦିମ ଜନଜାତି ବସବାସ କରୁଥିବା ୫୦୦ଟି ଆଦିବାସୀ ଗାଁ'ର ବିକାଶ ପାଇଁ ଏବେ ତାଙ୍କ ସରକାର ରୋଡମ୍ୟାପ ପ୍ରସ୍ତୁତ କରୁଛନ୍ତି। ଦୁର୍ଭାଗ୍ୟର କଥା ପୂର୍ବ ବିଜେଡି ସରକାର ସେମାନଙ୍କ ଉନ୍ନତି ପାଇଁ କିଛି କରିନଥିଲା। ଆମ ସରକାର ସେମାନଙ୍କୁ ଉତ୍ତମ ସଡ଼କ ଯୋଗାଯୋଗ ଓ ପାନୀୟ ଜଳ ଯୋଗାଇବା ସହ ସେମାନଙ୍କର ପରମ୍ପରାକୁ ମଧ ରକ୍ଷା କରିବା ଦିଗରେ ଚେଷ୍ଟା ଜାରି ରଖିଛନ୍ତି। ଆଦିବାସୀ ବର୍ଗର ଯୁବକଯୁବତୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ଅଗଷ୍ଟ - ୧ ସେପ୍ଟେମ୍ବର, ୨୦୨୪


# ସ୍ପଷ୍ଟ ଅସ୍ପଷ୍ଟ ଅନେକ ଚିତ୍ର

ସମ୍ପାଦକୀୟ



ତାରକ ମହାନ୍ତି

ସମଗ୍ର ଦେଶରେ କୋଲକାତା ଆର ଜି କର ହସ୍ପିଟାଲ ଓ ମେଡିକାଲ କଲେଜରେ ଜଣେ କନିଷ୍ଠ ଡାକ୍ତରାଣୀଙ୍କ ଧର୍ଷଣ ଓ ହତ୍ୟା ଘଟଣାକୁ ନେଇ ଆନ୍ଦୋଳନ ଥମିବାର ନାଁ ଧରୁନି। ଯେଉଁ ସରକାରଙ୍କ ସମୟରେ ଏଭଳି ଘଟଣା ଘଟିଛି ଖୋଦ ସେଇ ସରକାରର ମୁଖିଆ ବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇ ନ୍ୟାୟ ମାଗୁଛନ୍ତି। ଏଇଟା ଗୋଟେ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର। କାରଣ ଜନତା ଯେଉଁଠି ତୃଣ ମୂଳ କଂଗ୍ରେସ ସରକାରକୁ ଦୋଷ ଦେଉଛନ୍ତି, ସେଠାରେ ସେଇ ଦଳର ମୁଖ୍ୟମନ୍ତ୍ରୀ ପୁଣି କାହାକୁ କି ପ୍ରକାର ନ୍ୟାୟ ମାଗୁଛନ୍ତି? ଯାହା ଶୁଣିବାକୁ ମିଳୁଛି ଏଭଳି ଜଘନ୍ୟ ଅପରାଧରେ ସଂଶ୍ଳିଷ୍ଟ ସମସ୍ତେ କାଳେ ମମତାଙ୍କ ପାଖ ଲୋକ। ତେବେ ମମତା ଆଉ କାହା ବିରୋଧରେ ଅଭିଯୋଗ ଆଣୁଛନ୍ତି ତାହା ବୁଝାପଡୁନି। ଘଟଣାର ସିବିଆଇ ତଦନ୍ତ ଚାଲିଥିଲା ବେଳେ କେତେକ ନୂଆ ନୂଆ ତଥ୍ୟ ମଧ୍ୟ ସାମ୍ନାକୁ ଆସୁଛି। ଉକ୍ତ ହସ୍ପିଟାଲ ଓ ମେଡିକାଲ କଲେଜର ପ୍ରିନ୍ସିପାଲ ବହୁ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହ ଦୁର୍ନୀତିରେ ଉବୁଟୁବୁ ଅଛନ୍ତି। ତାଙ୍କ ଅତିଥି ଭବନରେ ଦେହ ବେପାର ଚାଲୁଥିଲା ବୋଲି ଅଭିଯୋଗ ମଧ୍ୟ ହେଉଛି। ପିଲାଙ୍କୁ ପରୀକ୍ଷାରେ ପାସ କରାଇଦେବାକୁ ସେ କାଳେ ବିପୁଳ ଅର୍ଥ ନେଉଥିଲେ। ଅନ୍ୟ ଏକ ସାଙ୍ଘାତିକ ଅଭିଯୋଗ ଉଠୁଛି, ପ୍ରିନ୍ସିପାଲ ମାନବ ଅଙ୍ଗ ତସ୍କରୀରେ ମଧ୍ୟ ସାମିଲ ରହିଥିଲେ। ଏଭଳି ଜଣେ ଜଘନ୍ୟ ବ୍ୟକ୍ତି କିଭଳି ଏଠାରେ ଦାୟିତ୍ୱରେ ଥିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। କିନ୍ତୁ ଗତ ମଙ୍ଗଳବାର ରାତିରେ ଏହାକୁ ନେଇ ଜଣେ ବନ୍ଧୁ ମୋତେ ଫୋନ କରି କହିଲେ କୋଲକାତା ଘଟଣାରେ ଦେଶବ୍ୟାପୀ ଯେଉଁ ଆନ୍ଦୋଳନ ଚାଲିଛି ଏହା ପଛରେ ବିଜେପିର ହାତ ରହିଛି। କହିଲି ନିର୍ଭୟା କାଣ୍ଡ ବେଳେ ସାରା ଦେଶ ଏକ ହୋଇଥିଲା। ସବୁଠି କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଆନ୍ଦୋଳନ ବି ଚାଲିଥିଲା, ହେଲେ ଏଥିରେ ତ ବିଜେପିର ହାତ ନଥିଲା। ଏବେ କୋଲକାତା ଘଟଣାରେ ବିଜେପି କିପରି? ସେ କହିଲେ ବିଜେପି ଚାହୁଁଛି କୋଲକାତାରେ ରାଷ୍ଟ୍ରପତି ଶାସନ ହେଉ। ପଚାରିଲି, ଏହାର କାରଣ ତେବେ କଣ? ସେ କହିଲେ ଯେହେତୁ ପଶ୍ଚିମବଙ୍ଗରୁ ଟିଏମସି ସରକାରକୁ ହଟାଇବାରେ ବିଜେପି ସଫଳ ହୋଇପାରୁନାହିଁ ତେଣୁ ସେଠାରେ ଏଭଳି ଗୋଳାମାଳିଆ ପରିସ୍ଥିତି ସୃଷ୍ଟି କରାଯାଉଛି। ଏହାର ଅର୍ଥ କିଛି ବୁଝିପାରିଲି ନାହିଁ, ତେଣୁ ତାଙ୍କୁ କହିଲି ଏହାକୁ ନେଇ ନିଜ ଖବରକାଗଜରେ ଖବରଟିଏ କରିପାର। ସେ କିନ୍ତୁ ସେଥିରେ ଏକମତ ନଥିଲେ। ଓଲଟା କହିଲେ ଓଡ଼ିଶାର ଏସସିବିରେ ନିକଟରେ ଏଭଳି ଏକ ଘଟଣା ଘଟିଥିଲେ ବି କେହି ଏହାକୁ ଗୁରୁତ୍ୱ ଦେଲେନି ଅର୍ଥାତ ପଶ୍ଚିମବଙ୍ଗ ଭଳି ଏଠାରେ ଆନ୍ଦୋଳନ ହେଲାନାହିଁ। ପ୍ରଶ୍ନ ଉଠୁଛି ନ୍ୟାୟ ପାଇଁ ଜନତା ସର୍ବଦା ଆନ୍ଦୋଳନ କରନ୍ତି, ସରକାର କିପରି କରିବେ? ସେ କିନ୍ତୁ କଥାଟିକୁ ବୁଲାଇଦେଲେ ଓ ପରେ କଥାହେବି କହି ମୁଁ ଫୋନ କାଟିଲି। ତାପରେ ଭାବିଲି ଓଡ଼ିଶାରେ ତ ଅସଂଖ୍ୟ ନାରୀ ନିର୍ଯାତନା ଓ ହତ୍ୟାକାଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଘଟିଥିଲା। ଏଠାରେ ବି ଆନ୍ଦୋଳନ ହେଉଥିଲା, କିନ୍ତୁ ସରକାର ବଦଳିପାରୁଥିଲା କି? ପାଞ୍ଚ ବର୍ଷରେ ଥରେ ଜନସାଧାରଣ ଯାହାକୁ ଭୋଟ ଦେବେ ସେହି ରାଜନୈତିକ ଦଳ ବିଜେତା ହେବ ଓ ସରକାର ଗଢ଼ିବ। ତାହେଲେ ସବୁ ଦୋଷ ବିଜେପିର କାହିଁକି? ତେବେ ପୁଣି ଓଡ଼ିଶାରେ ଶାସନ କ୍ଷମତା ପରିବର୍ତ୍ତନ ଘଟିଲା। ୨୪ ବର୍ଷର ଶାସନ କ୍ଷମତାରୁ ନବୀନ ପଟ୍ଟନାୟକ ଓହରିଲେ। ଏହା କେବଳ ଭୋଟ ଦ୍ୱାରା ସମ୍ଭବ ହୋଇପାରିଲା। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏକଥା ବିଜେଡି ବା ନବୀନ ବାବୁ ବୁଝିପାରିଥିଲେ କି? ତେଣୁ ଏଭଳି ଅନେକ ଘଟଣା ବୁଝିହେଉନଥିଲେ ମଧ୍ୟ ପରିବର୍ତ୍ତନର ଆସିଲେ ଆପେ ଆପେ ବୁଝିହୋଇଯାଏ। ଏହି ଯେମିତି କ୍ଷମତାରୁ ଯିବା ପରେ ନବୀନ ବାବୁ ମୋହନ ସରକାରକୁ ଜଗିବା ଲାଗି ଏକ ଛାୟା ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି। ତାଙ୍କର କାର୍ଯ୍ୟ କଣ ନବୀନ ଜାଣନ୍ତି। କିନ୍ତୁ ନବୀନ ଏଯାଏ ବୁଝିନାହାନ୍ତି ଯେ ସେ ବିଜେଡିର ମୁଖିଆ ଭାବେ ଯାହା ନିଷ୍ପତ୍ତି ନେଉଛନ୍ତି ଦଳୀୟ ସଂଗଠନ ତାହା ମାନୁନାହାନ୍ତି। ଏହା ବୁଝିବାକୁ ତାଙ୍କୁ ଆହୁରି କିଛି ସମୟ ଲାଗିପାରେ, ମାତ୍ର ବୁଝିବେ।

ଗୋଟିଏ ଘଟଣାର ଉଦାହରଣ ନିଆଯାଇପାରେ। ନିକଟରେ ନବୀନ ଗତ ୧୬ ତାରିଖରୁ ସାରା ରାଇଜ ବୁଲି ଜନ ଜାଗରଣ ଯାତ୍ରା କରିବେ ବୋଲି ଘୋଷଣା କରିଥିଲେ। ଥିଲେ ଆଜିର ତାରିଖ ପର୍ଯ୍ୟନ୍ତ ଏ ଯାତ୍ରା ବାହାରିପାରିଛି କି? ତେବେ ଏହା କଣ ନବୀନଙ୍କ ଚିନ୍ତାଧାରା ନା ଏହା ପଛରେ ନବୀନଙ୍କୁ ଲଜ୍ଜିତ ଓ ଅପମାନିତ କରିବାକୁ କାହାର ଷଡଯନ୍ତ୍ର ଥିଲା? ଯାହା ଶୁଣାଯାଉଛି ଏଭଳି ଯୋଜନା ଭି କେ ପାଣ୍ଡିଆନ ନବୀନ ନିବାସରେ ଥାଇ କରୁଛନ୍ତି। ଯେଉଁମାନେ ଭାବୁଥିବେ ରାଜନୀତିରୁ ସନ୍ୟାସ ନେଇ ପାଣ୍ଡିଆନ ଅନ୍ୟ କୁଆଡେ ଯାଇଛନ୍ତି ତାହା ଭୁଲ। ପୂର୍ବରୁ ବିଜେଡି ସଂଗଠନ ଉପରେ ତାଙ୍କର ଯେଭଳି କ୍ଷମତା ଓ ନିୟନ୍ତ୍ରଣ ଥିଲା ଏବେ ମଧ୍ୟ ରହିଛି। କିନ୍ତୁ ଫରକ ଏତିକି ଯେ ଦଳରେ ପୂର୍ବରୁ ତାଙ୍କୁ ଯେଉଁ ନେତା ଓ କର୍ମୀ ଯେତିକି ଭୟ କରୁଥିଲେ ତାହା ହୁଏତ କମିଯାଇଛି। ସରକାରରୁ ଯିବା ପରେ ଦଳ ଭିତରେ ଆନ୍ତର୍ଦ୍ୱନ୍ଦ୍ୱ ବଢ଼ିଚାଲିଥିଲେ ବି ତାହାକୁ ପ୍ରଶମିତ କରିବା ପାଇଁ ଦଳ ସଭାପତି ସକ୍ଷମ ହେଉନଥିବା ଚର୍ଚ୍ଚା ହେଉଛି। କାରଣ ପାଣ୍ଡିଆନଙ୍କ କବଳରୁ ମୁକୁଳିନାହାନ୍ତି ନବୀନ। ତେଣୁ ନବୀନଙ୍କ ପ୍ରତିଟି ନିଷ୍ପତ୍ତି ପଛରେ ପାଣ୍ଡିଆନଙ୍କ ହାତ ରହିଛି ବୋଲି ଶୁଣାଯାଉଛି। ଏଭଳି ପରିସ୍ଥିତିରେ ବିଜେଡି କିଭଳି ଆଗକୁ ବଢ଼ିବ ସେ ନେଇ ଚିନ୍ତା ନକରି ମୋହନ ସରକାରଙ୍କୁ କିଭଳି ବଦନାମ କରିହେବ ତାହା ବୋଧେ ଉପାୟ ଖୋଜୁଛି ଦଳ। ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ସଂଗଠନ ଦାଇତ୍ୱରୁ ବାହାର କରି ବିଜେଡି କେଉଁ ସୂତ୍ରରେ ସଂଗଠନକୁ ପୂର୍ବ ପରି ମଜବୁତ ସ୍ଥିତିକୁ ଆଣିପାରିବ ତାହା ଏକ ପ୍ରଶ୍ନବାଚୀ। ମମତା ମହାନ୍ତ ଦଳ ଛାଡିବା ପରି ରାଜ୍ୟସଭା ସଦସ୍ୟତା ପଦରୁ ଆଉ କେହି ଇସ୍ତଫା ଦିଅନ୍ତି ତାହା ଦିଲ୍ଲୀରେ ବିଜେଡି ପାଇଁ କ୍ଷତି କରିବ। କାରଣ ରାଜ୍ୟସଭାରେ ବିଜେପିର ଆସନ ସଂଖ୍ୟା ବଢ଼ିଲେ ସେ କୌଣସି ପରିସ୍ଥିତିରେ ଆଉ ବିଜେଡିର ସହଯୋଗ ଲୋଡ଼ିବ ନାହିଁ। ତେଣୁ ଲୋକସଭାରେ ଶୂନ ହୋଇଥିବା ବିଜେଡି ରାଜ୍ୟସଭାରେ ମଧ୍ୟ ଶୂନ ହୋଇଯିବାର ଆଶଙ୍କା ରହିଛି। ଗୋଟିଏ ନୂଆ ସରକାରକୁ ବଦନାମ କରିବାକୁ ଯାଇ ୨୪ ବର୍ଷର ଏକ ସରକାର ଶାସନ କ୍ଷମତାରୁ ଯିବା ପରେ ଏତେ ବ୍ୟତିବ୍ୟସ୍ତ ହୋଇପଡିଛି ଯେ, ବିଧାନସଭାରେ ଜଣେ ମହିଳା ବାଚସ୍ପତିଙ୍କୁ ଏହି ଦଳର ବିଧାୟକମାନେ ସମ୍ମାନ ଦେବାକୁ ମଧ୍ୟ ଭୁଲି ଯାଇଛନ୍ତି। ପୁରୁଣା ପାପକୁ ଧୋଇବାକୁ ହେଲେ ନୂଆ ବ୍ୟକ୍ତିଙ୍କୁ ଅଧିକ ସମୟ ଲାଗିଥାଏ। କିନ୍ତୁ ପାପ କରିଥିବା ବ୍ୟକ୍ତି ନିଜ ପାପ ଉପରେ ଚଦର ଢାଙ୍କିବାକୁ ବିଭିନ୍ନ ପ୍ରୟାସ କରିବା ଦ୍ୱାରା ଏହା ସମାଜକୁ ଆହୁରି ଖରାପ ବାର୍ତ୍ତା ଦେଉଛି।


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବଳାତ୍କାର ଏବଂ ହତ୍ୟା ସାମାଜିକ ବ୍ୟବସ୍ଥାର ଉତ୍ପାଦ!



ଅସିତ ମହାନ୍ତି

କୋଲକାତାର ତାଲିମପ୍ରାପ୍ତ ଡାକ୍ତରଙ୍କ ସହ କ'ଣ ଘଟିଛି ସେପରି କ୍ରୂରତା କେହି ଦେଖି ନାହାଁନ୍ତି। ଅତି ନିର୍ମମ ଭାବରେ ମାଡ, ପରେ ବଳାତ୍କାର ଏବଂ ଶେଷରେ ହତ୍ୟା ... ଏହି ବର୍ବରତା ସମସ୍ତଙ୍କୁ ଆଘାତ ଦେଇଛି। କୋଲକାତାରେ ଜଣେ ପ୍ରଶିକ୍ଷକ ଡାକ୍ତରଙ୍କ ବଳାତ୍କାର ଓ ହତ୍ୟାକୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ ପାଇଛି। କୋଲକାତା ଆର.ଜି କର ମେଡିକାଲ ଏବଂ ହସ୍ପିଟାଲର ପ୍ରଶିକ୍ଷକ ଡାକ୍ତରଙ୍କ ସହ ହୋଇଥିବା ଅତ୍ୟାଚାର ସବୁ ସୀମା ଅତିକ୍ରମ କରିସାରିଛି। ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଛି ଯେ ହତ୍ୟାକାରୀ ତାଙ୍କୁ ଏତେ ମାଡ ମାରିଥିଲା। ଏଥିରେ ପୀଡିତାଙ୍କ ଚଷମା ଭାଙ୍ଗି ଯାଇଥିଲା। ତାଙ୍କ ଆଖିରେ କାଚର ଖଣ୍ଡଗୁଡ଼ିକ ପ୍ରବେଶ କରିଥିଲା। କୋଲକାତାର ଆର.ଜି କର ହସ୍ପିଟାଲରେ ଜଣେ ମହିଳା ତାଲିମପ୍ରାପ୍ତ ଡାକ୍ତରଙ୍କ ନିର୍ମମ ବଳାତ୍କାର ଓ ହତ୍ୟା ବିରୋଧରେ ସାରା ଦେଶରେ ଡାକ୍ତରମାନେ ବିରୋଧ କରୁଛନ୍ତି। ଦୁଃଖର ବିଷୟ ହେଉଛି କୋଲକାତା ପୋଲିସ ଏହି ଘଟଣାର ଅନୁସନ୍ଧାନ କରିବାରେ ବିଫଳ ହୋଇଛି, ଯେଉଁ କାରଣରୁ ମାମଲା ସିବିଆଇକୁ ଯାଇଛି। ସମସ୍ତେ ଜାଣନ୍ତି ଯେ ସିବିଆଇକୁ ଦିଆଯାଇଥିବା ମାମଲାଗୁଡ଼ିକର ଫଳାଫଳ କ'ଣ ହୁଏ? ଏଥିରୁ ସ୍ପଷ୍ଟ ଯେ, ପଶ୍ଚିମବଙ୍ଗ ସରକାର ମାମଲାକୁ ଦବାଇବା ପାଇଁ ଚେଷ୍ଟା କରୁଛନ୍ତି, କାରଣ ସରକାରୀ ତନ୍ତ୍ର ଏହି ଘଟଣା ସହିତ ସମ୍ପୃକ୍ତ। ଜଣେ ବ୍ୟକ୍ତି ଏପରି ଅତ୍ୟାଚାର କିପରି କରିପାରିବ? ଜଣେ ମାର୍କ୍ସବାଦୀ ଚିନ୍ତକ, ପ୍ରଭାଶ ଘୋଷ ବଳାତ୍କାର ଓ ହତ୍ୟା ବିଷୟରେ କହିଛନ୍ତି ଯେ, ଯେଉଁମାନେ ବଳାତ୍କାର କରନ୍ତି କିମ୍ବା ବଳାତ୍କାର ଉଦ୍ଦେଶ୍ୟରେ ଯାଆନ୍ତି, ସେମାନେ ପଶୁମାନଙ୍କ ଅପେକ୍ଷା ଖରାପ, କାରଣ ପଶୁ ଜଗତରେ ବଳାତ୍କାର ହୁଏ ନାହିଁ। ସେଗୁଡ଼ିକ ହେଉଛି ଏକ ଖରାପ, କ୍ଷୟପ୍ରାପ୍ତ ପୁଞ୍ଜିପତି ସମାଜର ଉତ୍ପାଦ; ସେମାନେ ନା ମନୁଷ୍ୟ ନା ପଶୁ। ଏହା ପୁଞ୍ଜିବାଦୀ ଶ୍ରେଣୀ ଏବଂ ରାଜନୈତିକ ଦଳ ଦ୍ୱାରା ସୃଷ୍ଟି ହୋଇଥିବା ଏକ ନୂତନ ପ୍ରଜାତି ପରି, ଯାହାର ମଣିଷର ଆକୃତି ଅଛି କିନ୍ତୁ ସେମାନେ ମାନବିକ ମୂଲ୍ୟବୋଧରୁ ବଞ୍ଚିତ। ଅର୍ଥାତ ଏହି ଘୃଣ୍ୟ କାର୍ଯ୍ୟ ଆପେ ଆପେ ଜଣେ କରେ ନାହିଁ ବରଂ ଏପରି କୁକୃତ୍ୟ ପଛରେ ବର୍ତ୍ତମାନର ସାମାଜିକ ବ୍ୟବସ୍ଥା ଦାୟୀ। ତାର ମାନସିକ ଢାଞ୍ଚିଟି ସାମାଜିକ ପରିବେଶରୁ ଗଢି ଉଠିଛି ଏବଂ ଏହି ପରିବେଶଟି ସମାଜରୁ ଉତ୍ପନ୍ନ ହୋଇଥାଏ। ଏହା ବୁଝିବା ଜରୁରୀ ଯେ, ଏପରି ଘୃଣ୍ୟ କାର୍ଯ୍ୟ କରିବା ପଛରେ ଥିବା ପ୍ରେରଣା ଜଟିଳ ଏବଂ ଏହା ଜଣେ ବ୍ୟକ୍ତିଠାରୁ ଅନ୍ୟ ପର୍ଯ୍ୟନ୍ତ ବହୁତ ଭିନ୍ନ ହୋଇପାରେ। ମନସ୍ତାତ୍ତ୍ୱିକ ସମସ୍ୟା, ଅତୀତର ଆଘାତଜନିତ ଅନୁଭୂତି, ଗଭୀର କ୍ରୋଧ, ଶକ୍ତି ଏବଂ ନିୟନ୍ତ୍ରଣର ବିକୃତ ଧାରଣା, କିମ୍ବା ଏଗୁଡ଼ିକର ମିଶ୍ରଣ ଭଳି କାରକଗୁଡ଼ିକ ଏପରି ଚରମ ତଥା ହିଂସାତ୍ମକ ଆଚରଣରେ ସହାୟକ ହୋଇପାରେ। ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ, ମାନସିକ ମୂଲ୍ୟାଙ୍କନ, ଏବଂ ଏହିପରି ଦୁଃଖଦ ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ହସ୍ତକ୍ଷେପ ମାଧ୍ୟମରେ ଏହିପରି ଆଚରଣର ମୂଳ କାରଣଗୁଡିକ ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିପରି ହିଂସା ଘଟାଇଥିବା ଅନ୍ତର୍ନିହିତ ପ୍ରସଙ୍ଗଗୁଡ଼ିକୁ ବୁଝିବା ଏବଂ ସମାଧାନ କରିବା ଉଭୟ ପୀଡିତଙ୍କ ପାଇଁ ନ୍ୟାୟ ପାଇବା ଏବଂ ଭବିଷ୍ୟତରେ ଘଟିବାକୁ ରୋକିବା ପାଇଁ ଚାବିକାଠି ଅଟେ। ଏକ ସମାଜ ମଧ୍ୟରେ ମନୋଭାବ ଏବଂ ଆଚରଣ ଗଠନରେ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସ୍ୱୀକାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସଂସ୍କୃତି ଯାହା ମହିଳାମାନଙ୍କୁ ଆପତ୍ତି କରେ, ହିଂସାକୁ ସମାଲୋଚନା କରେ କିମ୍ବା ବିଷାକ୍ତ ପୁରୁଷତ୍ୱକୁ ଚିରସ୍ଥାୟୀ କରେ ଏକ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇପାରେ ଯେଉଁଠାରେ ଯୌନ ହିଂସା ହେବାର ସମ୍ଭାବନା ଅଧିକ। ଏହା ସିଷ୍ଟମ ଦ୍ୱାରା ଆହୁରି ବଢିପାରେ ଯାହା ଅପରାଧୀଙ୍କୁ ଉତ୍ତରଦାୟୀ କରିବାରେ ବିଫଳ ହୁଏ କିମ୍ବା ପୀଡିତଙ୍କ ପାଇଁ ପର୍ଯ୍ୟାପ୍ତ ସହାୟତା ଏବଂ ଉତ୍ସ ଯୋଗାଇଥାଏ। ଅପମାନଜନକ ଭାଷାର ସ୍ୱାଭାବିକତା, ଗଣମାଧ୍ୟମ ଏବଂ ମନୋରଞ୍ଜନ ମାଧ୍ୟମରେ ଭୁଲ ବିଶ୍ୱାସର ପ୍ରସାର, ଏବଂ ସାମାଜିକ ମନୋଭାବ ଯାହା ଅପରାଧୀଙ୍କ ଅପେକ୍ଷା ପୀଡିତାଙ୍କୁ ଦାୟୀ କରେ, ସମସ୍ତେ ଏକ ସଂସ୍କୃତିରେ ସହାୟକ ହୋଇପାରନ୍ତି ଯାହା ଯୌନ ହିଂସାକୁ ତୁଚ୍ଛ କରିଥାଏ କିମ୍ବା ଏପରିକି ଯଥାର୍ଥ କରିଥାଏ। ଯେତେବେଳେ ବ୍ୟକ୍ତିମାନେ କ୍ରମାଗତ ଭାବରେ ଏହିପରି କ୍ଷତିକାରକ ବାର୍ତ୍ତା ଏବଂ ମନୋଭାବର ସମ୍ମୁଖୀନ ହୁଅନ୍ତି, ଏହା ସେମାନଙ୍କର ଧାରଣା ଏବଂ ଆଚରଣକୁ ଆକୃଷ୍ଟ କରିପାରେ, ଯାହା ସମ୍ଭବତଃ ବଳାତ୍କାର ଏବଂ ହିଂସା ଘଟାଇଥାଏ। ଏହି ସାଂସ୍କୃତିକ କାରଣଗୁଡିକର ସମାଧାନ ପାଇଁ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ କରେ ଯେଉଁଥିରେ କ୍ଷତିକାରକ ନୀତିକୁ ଚ୍ୟାଲେଞ୍ଜ କରିବା, ଲିଙ୍ଗ ଏବଂ ଯୌନ ସମ୍ପର୍କ ପ୍ରତି ସକରାତ୍ମକ ତଥା ସମ୍ମାନଜନକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ କ୍ଷତିକାରକ ଚିନ୍ତାଧାରାକୁ ଚିରସ୍ଥାୟୀ କରିବା ପାଇଁ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ଉତ୍ତରଦାୟୀ କରିବା ଆବଶ୍ୟକ। ଆମ ସଂସ୍କୃତି ଏବଂ ବ୍ୟବସ୍ଥାରେ ଏହି ବିଷାକ୍ତ ଉପାଦାନଗୁଡିକୁ ଭାଙ୍ଗିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରି, ଆମେ ଏକ ନିରାପଦ ଏବଂ ଅଧିକ ସମାନ ସମାଜ ସୃଷ୍ଟି କରିପାରିବା ଯେଉଁଠାରେ ଯୌନ ହିଂସା ହେବାର ସମ୍ଭାବନା କମ୍ ଥାଏ। ବଳାତ୍କାର ଏବଂ ହତ୍ୟା କାର୍ଯ୍ୟକୁ ରୋକିବା ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ଆବଶ୍ୟକ ଯାହାକି ସମାଜର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରିଥାଏ। ଏପରି ଘୃଣ୍ୟ କାର୍ଯ୍ୟକୁ ସମାଧାନ ତଥା ରୋକିବା ପାଇଁ ନିଆଯାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅନ୍ତର୍ଭୁକ୍ତ: ୧ - ଶିକ୍ଷା: ବ୍ୟାପକ ଯୌନ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଯାହା ସମ୍ମତି, ସୁସ୍ଥ ସମ୍ପର୍କ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନକୁ ଗୁରୁତ୍ୱ ଦେଇଥାଏ, ଅଳ୍ପ ବୟସରୁ ସକରାତ୍ମକ ମନୋଭାବ ଏବଂ ଆଚରଣ ଗଠନରେ ସାହାଯ୍ୟ କରିଥାଏ। ୨. ସଚେତନତା ଅଭିଯାନ: କ୍ଷତିକାରକ ସାଂସ୍କୃତିକ ନୀତିକୁ ଚ୍ୟାଲେଞ୍ଜ କରିବା, ଯୌନ ହିଂସାର ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଉପଲବ୍ଧ ସମର୍ଥନ ସେବା ବିଷୟରେ ସୂଚନା ପ୍ରଦାନ କରିବା ପାଇଁ ସଚେତନତା ଅଭିଯାନ ଆରମ୍ଭ କରିବା ସାମାଜିକ ମନୋଭାବ ଏବଂ ଆଚରଣ ବଦଳାଇବାରେ ସାହାଯ୍ୟ କରିଥାଏ। ୩. ଆଇନଗତ ସଂସ୍କାର: ଯୌନ ହିଂସା ସହ ଜଡିତ ଆଇନକୁ ଦୃଢ କରିବା, ଅପରାଧୀଙ୍କ ଶୀଘ୍ର ଏବଂ ନ୍ୟାୟପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରିବା ଏବଂ ପୀଡ଼ିତଙ୍କ ପାଇଁ ପର୍ଯ୍ୟାପ୍ତ ସହାୟତା ତଥା ସୁରକ୍ଷା ପ୍ରଦାନ କରିବା ଜରୁରୀ ଅଟେ।୪. ସହାୟତା ସେବା: ଯୌନ ହିଂସାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ପରାମର୍ଶ, ଆଇନ ସହାୟତା, ସ୍ୱାସ୍ଥ୍ୟସେବା ଏବଂ ଜରୁରୀକାଳୀନ ଆଶ୍ରୟସ୍ଥଳୀ ସହିତ ଉପଲବ୍ଧ ତଥା ବଞ୍ଚିଥିବା-କେନ୍ଦ୍ରିତ ସହାୟତା ସେବା ପ୍ରତିଷ୍ଠା, ପ୍ରଭାବିତଙ୍କ ପାଇଁ ଆବଶ୍ୟକ ଯତ୍ନ ଏବଂ ଉତ୍ସ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଅଟେ। ୫. ସଶକ୍ତିକରଣ କାର୍ଯ୍ୟକ୍ରମ: ଶିକ୍ଷା, ଅର୍ଥନୈତିକ ସୁଯୋଗ ଏବଂ ସମ୍ବଳ ଯୋଗାଇ ବ୍ୟକ୍ତିବିଶେଷଙ୍କୁ, ବିଶେଷକରି ମହିଳା ଏବଂ ବର୍ଗର ସମ୍ପ୍ରଦାୟକୁ ସଶକ୍ତ କରୁଥିବା କାର୍ଯ୍ୟକ୍ରମରେ ବିନିଯୋଗ କରିବା ଦୁର୍ବଳତାକୁ ହ୍ରାସ କରିବାରେ ଏବଂ ଯୌନ ହିଂସା ପାଇଁ ଶକ୍ତି ଅସନ୍ତୁଳନକୁ ଦୂର କରିବାରେ ସାହାଯ୍ୟ କରିଥାଏ। ୬. ସମ୍ପ୍ରଦାୟର ଯୋଗଦାନ: ଯୌନ ହିଂସାକୁ ରୋକିବା, ଉପସ୍ଥିତ ବ୍ୟକ୍ତିଙ୍କ ହସ୍ତକ୍ଷେପକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ସଂଗଠନ, ବିଦ୍ୟାଳୟ, କର୍ମକ୍ଷେତ୍ର ଏବଂ ଆଇନ ପ୍ରଣୟନକାରୀ ସଂସ୍ଥା ସହ ସହଭାଗୀତା ମାଧ୍ୟମରେ ନିରାପଦ ପରିବେଶ ସୃଷ୍ଟି କରିବା ପାଇଁ ସମ୍ପ୍ରଦାୟର ଯୋଗଦାନକୁ ବୃଦ୍ଧି କରିବା ଏବଂ ସାମୂହିକ କାର୍ଯ୍ୟକଳାପକୁ ଏକତ୍ରିତ କରିବା। ଏହି ପଦକ୍ଷେପଗୁଡିକର ଏକ ମିଶ୍ରଣକୁ କାର୍ଯ୍ୟକାରୀ କରିବା ଏବଂ ଯୌନ ହିଂସାରେ ସହାୟକ ହେଉଥିବା ଅନ୍ତର୍ନିହିତ ସାଂସ୍କୃତିକ, ସାମାଜିକ ଏବଂ ବ୍ୟବସ୍ଥିତ କାରଣଗୁଡିକୁ ସମାଧାନ କରି ଆମେ ଏକ ସମାଜ ଗଠନ ଦିଗରେ କାର୍ଯ୍ୟ କରିପାରିବା ଯେଉଁଠାରେ ଏପରି ଘୃଣ୍ୟ କାର୍ଯ୍ୟ ହେବାର ସମ୍ଭାବନା କମ୍ ଥାଏ। ଏହା ମନେ ରଖିବାକୁ ହେବ ଯେ, ବଳାତ୍କାର ଏବଂ ହତ୍ୟା ମାନସିକତା ସିଧାସଳଖ ସାମାଜିକ ବ୍ୟବସ୍ଥା ସହିତ ଜଡିତ। ନୀତି ଏବଂ ନୈତିକତାର ସ୍ତର ବୃଦ୍ଧି କରିବାରେ ସମାଜର ଏକ ବଡ଼ ଅବଦାନ ରହିଛି। ସମାଜ ବ୍ୟବସ୍ଥା ସେହିଭଳି ହେବ, ଯେଭଳି ମୂଳଦୁଆ ପଡ଼ିଥିବ, ଏବଂ ଏହାର ବାହ୍ୟ ଗଠନ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ କରିବ। ସାମାଜିକ ବିଜ୍ଞାନର ଛାତ୍ରମାନେ ଏହି କଥା ଜାଣନ୍ତି। ଯଦି ଆମେ ଏହି ଜିନିଷକୁ ଅଣଦେଖା କରି ଏହା ବିଷୟରେ ଚିନ୍ତା କରୁ, ତେବେ ଫଳାଫଳ ଭୁଲ ହେବ। ଏହାର ଏକ ଉଦାହରଣ ହେଉଛି 'ନିର୍ଭୟା ମାମଲା'। ନିର୍ଭୟା ମାମଲା ପରେ ମଧ୍ୟ ବଳାତ୍କାର ଓ ହତ୍ୟା ଶେଷ ହୋଇନାହିଁ। କାରଣ, ଏହାର କାରଣ ସାମାଜିକ ବ୍ୟବସ୍ଥା ସହିତ ଜଡିତ।


*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*


# ଭାରତର ଅଭିବୃଦ୍ଧି



ଲଗ୍ନଜିତ୍ ମଲ୍ଲିକ

ସୁଲତାନ, ମୋଗଲ, ଇଂରାଜୀ ୧୨୦୬ - ୧୯୪୭ ମଧ୍ୟରେ ଭିର୍ଣ୍ଣ ସମୟ ଅନ୍ତରାଳ ଭାରତୀୟ ଅର୍ଥନୀତି, ସଭ୍ୟତା, ସଂସ୍କୃତି, ଭାଷା, ସାହିତ୍ୟକୁ ଯଥେଷ୍ଟ କ୍ଷତି ପହଞ୍ଚାଇବାର ପ୍ରଚେଷ୍ଟା ଏବଂ ଭାରତୀୟତାକୁ ସମ୍ପୂର୍ଣ୍ଣ ବିନାଶ କରିବାର ଇଚ୍ଛାଶକ୍ତି କାହିଁକି। କେଉଁ ପରିପେକ୍ଷରେ ଥିଲା ତାହା ଆଜି ମଧ୍ୟ ମନରେ ସ୍ୱତଃ ପ୍ରଶ୍ନ ସୃଷ୍ଟି କରେ ଓ ୧୯୪୭ ଅଗଷ୍ଟ ୧୫ ଦୀର୍ଘ ୭୪୦ ବର୍ଷ ଧରି ଶୋଷିତ ହୋଇଆସୁଥିବା ଭାରତକୁ ମିଳିଲା ସ୍ୱତନ୍ତ୍ରତା ନୀଳ ଆକାଶ ବୁକୁକୁ ଚିରି ଫରଫର ଶବ୍ଦକରି ଉଡିଲା ତୀରାଙ୍ଗ ଓ ସମଗ୍ର ଭାରତ 'ଆମରି ଡ଼ଙ୍ଗାରେ ଆମେ ନାଉରି' ଗଦ୍ୟରେ ଗୁଞ୍ଜରିତ ହୋଇଉଠିଲା। କିନ୍ତୁ ବିଡମ୍ବନାର ବିଷୟ ଦେଶ ସ୍ୱତନ୍ତ୍ର ହେବ ସତ୍ୱ ଭାରତ ଏକ ଶୋଷିତ, ନିଷ୍ପେସିତ, ଭୋକିଲା, ଦରିଦ୍ର ଓ ଅର୍ଥଅଭାବୀ ଦେଶ ଭାବେ ସମଗ୍ର ବିଶ୍ୱରେ ପରିଚିତ ହେବାକୁ ଲାଗିଲା। ଦିନଥିଲା ଗୋଲଡେନ୍ ସ୍ପାରୋ ଭାବାବେ ବିବେଚିତ ହେଉଥିବା ଭାରତ ଏଭଳି ଏକ ଦୟନୀୟ ସ୍ଥିତୀରେ ପହଁଞ୍ଚିବ ପରିକଳ୍ପନାର ବାହାରେ ଥିଲା। ସ୍ୱାଧୀନତାର ୭୭ ବର୍ଷରେ ଏକ ନିଷ୍ପେସିତ ଦେଶ କିପରି ନିଜର ଅଜସ୍ର ପ୍ରଚେଷ୍ଟା ଏବଂ ସକାରାତ୍ମକ ମନୋଭାବ କାରଣରୁ ପୁନଃ ବିଶ୍ୱରେ ନିଜର ଅସ୍ତିତ୍ୱ ପରିମାର୍ଜିତ କରିବାରେ ସଫଳ ହୋଇପାରିଲା?

ଶିକ୍ଷା ଓ ଅର୍ଥନୀତି ଦେଶର ମେରୁଦଣ୍ଡ ଯାହାର ବ୍ୟତୀରଖେ କୌଣସି ଦେଶ ଠିଆହେବ ଅସମ୍ଭବ ଦେଶର ସାମୋହିକ ବିକାଶ ପାଇଁ ଶିକ୍ଷା ସହ ଅର୍ଥ ନିତ୍ୟନ୍ତ ଆବଶ୍ୟକ। ୧୯୪୭ ନୂତନ ଭାରତ ସ୍ୱପ୍ନକୁ ସାକାର କରିବାପାଇଁ ମୁଖ୍ୟ ପ୍ରତିବାଧକ ସାଜିଥିଲା ଅର୍ଥ ଓ ଶିକ୍ଷା। ଭାରତର ସ୍ୱାକ୍ଷର ହାର ମାତ୍ର ୧୨% ଥିବାବେଳେ ପୁରୁଷ ସ୍ୱାକ୍ଷର ହାର ୮୪% ଓ ମହିଳା ସ୍ୱାକ୍ଷର ହାର ୭୦% ଥିଲା। ୩୪୦ ମିଲିୟନ୍ ଜନସଂଖ୍ୟ ମାତ୍ର ୧୨% ଶିକ୍ଷିତ ଏବଂ ୮୮% ଅଶିକ୍ଷିତଙ୍କୁ ନେଇ ନବ ଭାରତର ପରିକଳ୍ପନା ସତେ ଯେପରି ଦିବସ୍ୱପ୍ନ ପରି ଅନୁଭୂତ ହେଉଥିଲା। କିନ୍ତୁ ଆଜି ୭୭ ବର୍ଷୀୟ ଭାରତ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତନ ଆଣିବାରେ ସକ୍ଷମ ହୋଇପାରିଛି। ୭୨.୯% ଭାରତୀୟ ଆଜି ଶିକ୍ଷିତ ତନ୍ମଧ୍ୟରୁ ୮୦.୯୫% ପୁରୁଷ ସ୍ୱାକ୍ଷର ହାର ଥିବାବେଳେ ୬୯.୬୪% ମହିଳା ସ୍ୱାକ୍ଷର ହାର ଅଟେ (୨୦୧୧ ମୁତାବକ)। ଶିକ୍ଷାନୁଷ୍ଠାନର ପାଞ୍ଚ ଗୁଣ ବୃଦ୍ଧି ଘଟିଥିବାବେଳେ ଛାତ୍ର ସଂଖ୍ୟାରେ ଦଶ ଗୁଣା ବୃଦ୍ଧି ହୋଇଛି। ପ୍ରାଥମିକ ଶିକ୍ଷା ଯାହାକି କୌଣସି ଭାରତୀୟର ମୌଳିକ ଅଧିକାର (୬-୧୪ ବର୍ଷ) ୧୯୫୦-୫୧ରେ ସମଗ୍ର ଦେଶରେ ୨.୨୩ ଲକ୍ଷ ପ୍ରାଥମିକ ଶିକ୍ଷାନୁଷ୍ଠାନ ଥିବାବେଳେ ଏହା ୨୦୧୫-୧୬ରେ ୧୨.୭ ଲକ୍ଷକୁ ସ୍ପର୍ଶ କରିଛି ଯାହା ଯଥେଷ୍ଟ ପ୍ରମାଣ ଦିଏ ଭାରତ ନିଜର ତୃଣମୂଳ ସ୍ତରୀୟ ଶିକ୍ଷାର ଅଗ୍ରଗତିପାଇଁ ଅନବରତ ଭାବେ କାର୍ଯ୍ୟ କରିଆସୁଛି ଓ ୨୦୦୧ରେ 'ସଭିଏ ପଢନ୍ତୁ, ସଭିଏ ଶିଖନ୍ତୁ' ଆଭିମୁଖ୍ୟ ନେଇ ଆଗେଇ ଆସିଥିବା ସର୍ବଶିକ୍ଷା ଅଭିଯାନ ପ୍ରାଥମିକ ଶିକ୍ଷାକୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗଠାରୁ ଉର୍ଦ୍ଧରେ ରହି ଶିକ୍ଷାକୁ ସର୍ବହିତେସି କରିବାର ପ୍ରୟାସ ଆଜି ଭାରତର ପ୍ରତିଟି ଅଙ୍ଗରେ ପ୍ରତିଫଳି ହେଉଛି। ଶିକ୍ଷାର ମୁଖ୍ୟ ସୋତ୍ରରେ ସଭିଙ୍କୁ ସାମିଲ କରିବା ସହ ନୈତିକ ଓ ଭୌତିକ ଶିକ୍ଷାର ବିକାଶ ସର୍ବସିକ୍ଷା ଅଭିଯାନ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା କହିଲେ ଅତିଉକ୍ତି ହେବନାହିଁ ସର୍ବଶିକ୍ଷା ଅଭିଯାନ ଦେଶର ଶିକ୍ଷାବ୍ୟବସ୍ଥାରେ ଅନେକ କ୍ରାନ୍ତି ଆଣିଦେଇଛି। ୧୯୫୦-୫୧ରେ ଭାରତରେ ୭.୫ ହଜାର ମାଧ୍ୟମିକ ଶିକ୍ଷାନୁଷ୍ଠାନ ଥିବାବେଳେ ଆଜି ଏହାର ସଂଖ୍ୟ ୨୫ ଲକ୍ଷରେ ପହଁଚିଛି। ସହିପରି ଉଚ୍ଚ ଶିକ୍ଷାର ବିକାଶ ପାଇଁ ୭୯୯ ବିଶ୍ୱବିଦ୍ୟାଳୟ , ୪୪ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ୩୯୦୭୧ ଟି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ୩୪୬ ଲକ୍ଷ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଅର୍ଜନ କରୁଛନ୍ତି। ବିଶ୍ୱର ଇଞ୍ଜିନିୟର ଓ ଡାକ୍ତରଙ୍କ ଆବଶ୍ୟକତାକୁ ଆଜି ଭାରତ ପରିପୂର୍ଣ କରୁଛି ପ୍ରତିବର୍ଷ ଭାରତ ୪୦ ଲକ୍ଷରୁ ଅଧିକ ଇଞ୍ଜିନିୟର ଓ ୫୦ ହଜାରରୁ ଅଧିକ ଡାକ୍ତର ଉତ୍ତପର୍ଣ୍ଣ କରୁଛି। ଭାରତ କେବଳ ନିଜକୁ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ, ଇଞ୍ଜିନିୟର ଓ ଡାକ୍ତର ମଧ୍ୟରେ ସୀମିତ ନରଖି ଅନ୍ୟ ଦିଗକୁ ମଧ୍ୟ ସମ ଦୃଷ୍ଟିପାତ କରୁଛି। କୃଷି, ବିଜ୍ଞାନ, ମହାକାଶ, ଆଇ.ଟି ଆଦିରେ ଭାରତ ଆତ୍ମନିର୍ଭରଶୀଳତା ଆଡକୁ ଆଡକୁ ଅଗ୍ରସର ହେଉଛି। ନିକଟ ଅତୀତର କେତେକ ଘଟଣାବାଳିକୁ ଅବଲୋକନ କଲେ ଭାରତର ଆତ୍ମନିର୍ଭରଶୀଳ ସ୍ୱପ୍ନ ପରିପୂର୍ଣ ହେଉଥିବାର ପ୍ରତିତ ହେଉଅଛି।

୧୯୪୭ର ସ୍ୱତନ୍ତ୍ର ଭାରତର ଅର୍ଥନୀତି ଏକ କୃଷିଭିତିକ ଅର୍ଥନୀତି ଭାବେ ପରିମାର୍ଜିତ ହେଉଥିଲା। ଜି.ଡି.ପିର ୫୦% କେବଳ କୃଷି ଏବଂ କୃଷିଭିତିକ ଦ୍ରବ୍ୟ ଉପରେ ଆଧାରିତ ଥିଲା। ସେଥିପାଇଁ ଭାରତକୁ ଏକ କୃଷିଭିତିକ ରାଷ୍ଟ୍ର ଭାବେ ବିବେଚନା କରାଯାଏ ଯାହାର ଅର୍ଥନୀତିର ଏକ ବିରାଟ ଅଙ୍ଗ କୃଷି। ଫଳ, ପନିପରିବା, ବନସ୍ପତି ତୈଳ, ଚା, ତମ୍ବାଖୁ ଆଦିର ରପ୍ତାନି ଭାରତର ଅର୍ଥନୀତକୁ ବୃଦ୍ଧିରେ ସହଯୋଗ ଦେଉଥିଲେ। ସେହିସମୟରେ ପଶ୍ଚିମ ଦେଶ ମାନଙ୍କ ଅର୍ଥନୀତି ଶିଳ୍ପ ଉପରେ ଆଧାରିତ ଥିବାସହ ଶିଳ୍ପାୟନ ଉକ୍ତ ଦେଶ ମାନଙ୍କୁ ବିକଶିତ ରାଷ୍ଟ୍ର ପରିଣତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ କୃଷି ସହ ଶିଳ୍ପର ଆବଶ୍ୟକତାକୁ ତତ୍କାଳୀନ ସରକାର ହୃଦୟଗମ କରିପାରିଥିଲା। ବିଦେଶୀ ରାଷ୍ଟ୍ର ମାନଙ୍କର ସହଯୋଗରେ ଭାରତରେ ଅନେକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ସକ୍ଷମ ହେବା ସହ ଅର୍ଥନୀତିକୁ ଶିଳ୍ପ ସହ ସଂଯୋଗ କରିବାର ଆଂଶିକ ସଫଳତା ମିଳିଲା। ମାତ୍ର ଭାରତର ଅର୍ଥନୀତି ସେତେବେଳେ ପ୍ରଭାବଶାଳୀ ମାର୍ଗରେ ଅର୍ଗସର ହେଲା ଯେତେବେଳେ ସେବା କ୍ଷେତ୍ରକୁ (ସର୍ଭିସ) ଅଗ୍ରଣୀ ଗୁରୁତ୍ୱ ଦିଆଗଲା। ସେବା କ୍ଷେତ୍ରର ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ଘଟାଇଲାନାହିଁ ମାତ୍ର ଏହା ବ୍ୟବସାୟର ଏକ ସ୍ତମ୍ଭ ଭାବେ ବିଦ୍ୟମାନ ହେଲା। ଯାହାକି ଭାରତ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି କଲା ନିଜକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର, ଭାରତ ଏହି ସୁଯୋଗକୁ ସଠିକ୍ ଉପଯୋଗ କରି ନିଜକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରତିବାଦିତ୍ତ କଲା। ଭାରତକୁ ଦୁଇ ଥର ୧୯୯୧ ଓ ୨୦୦୮ରେ ଆର୍ଥିକ ସଙ୍କଟ ଦେଇ ଗତି କରିବାକୁ ପଡିଥିଲା। ୧୯୯୧ ଆର୍ଥିକ ସଙ୍କଟର କାରଣ ଥିଲା ଦେୟ ସଙ୍କଟ ଯାହାଦ୍ୱାରା ଆର୍ଥିକ ଅନଟନ ଭଳି ସମସ୍ୟା ଦେଖାଦେଇଥିଲା। ପରିସ୍ଥିତିର ଜଟିଳତାକୁ ଏଥିରୁ ଅନୁଧାନ କରାଯାଇପାରେ ଭାରତ ପାଖରେ ମାତ୍ର ୩ ସପ୍ତାହ ପାଇଁ ବୈଦେଶିକ ମୁଦ୍ରା ଥିଲା। ୨୦୦୮ ଆର୍ଥିକ ସଙ୍କଟ ଏକ ଅନ୍ତରାଷ୍ଟ୍ରୀୟ ବିଷୟ ରୂପେ ଉଭା ହୋଇଥିଲା ଯାହାଦ୍ୱାରା ଅନେକ ଦେଶ ସହ ଭାରତର ଅର୍ଥନୀତି ମଧ୍ୟ ନିମ୍ନଗାମୀ ହୋଇଥିଲା। ୧୯୪୭ ଠାରୁ ୨୦୨୪ ପର୍ଯ୍ୟନ୍ତ ଭାରତ ଅର୍ଥନୀତିକୁ ୧୯୯୧ ଓ ୨୦୧୪ରେ ଦୁଇଥର ବୁଷ୍ଟଅପ୍ ମିଳିଛି ୧୯୯୧ରେ ଅର୍ଥନୀତିର ଉଦାରୀକରଣ, ଜଗତୀକରଣ, ଘରୋଇକରଣ ମାଧ୍ୟମରେ ଅର୍ଥନୀତିକୁ ସଙ୍କଟରୁ ଆଲୋକ ଆଡକୁ ଅଗ୍ରସର କରାଗଲା। ଯେଉଁ ଆଲୋକ ଝଲକାଇ ଦେଇଥିଲା ଭାରତୀୟ ଅର୍ଥନୀତିକୁ ମାତ୍ର ଏହି ଆଲୋକର ରଶ୍ମିକୁ କଳାବଦଳ ଘେରିଯିବାରୁ ଆଲୋକର ଔଜ୍ଜ୍ୱଲ୍ୟତା ହ୍ରାସ ଘଟିଲା। ଭାରତବାସୀ ଏସବୁକୁ ଅତିନିକଟରୁ ତର୍ଜମା କରିବାସହ ଏକ ପରିବର୍ତନର ପରିକଳ୍ପନା କରୁଥିଲେ। 'ଆଛେ ଦୀନ୍' ସ୍ୱପ୍ନରେ ବିହୋଳିତହୋଇ ସେମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଗାମୀ ଅଙ୍ଗୁଆଳ ଭାବେ ଚୟନ କରିଥିଲେ। ୨୦୦୨ ଭାରତର ଅର୍ଥନୀତି ୫୦୦ ବିଲିୟନ୍ ୟୁ.ଏସ୍.ଏ ଡଲାର ହୋଇଥିବାବେଳେ, ୨୦୦୭ ଏହା ୧ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର, ୨୦୧୫ ଏହା ୨ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର, ୨୦୨୪ ଏହା ୩.୯୩ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର ହେବାସହ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇପାରିଛି। ଆଜି ୟୁ.କେ, ଫ୍ରାନ୍ସ, ଇଟାଲୀ, କାନାଡ଼ା ଓ ଅଷ୍ଟ୍ରେଲିଆ ଭଳି ବିକଶିତ ରାଷ୍ଟ୍ରର ଅର୍ଥନୀତି ମଧ୍ୟ ଭାରତର ଠାରୁ ବହୁତ ପଛରେ। ୨୦୨୨-୨୩ରେ ଭାରତର ଜି.ଡି.ପି ଅଭିବୃଦ୍ଧି ହାର ୭.୧% ଥିବାବେଳେ, ୨୦୨୩ -୨୪ ଏହା ୮.୨% ଏବଂ ୨୦୨୪-୨୫ ଏହା ୭% ଅଛି। କୃଷି ୧୫.୪%, ଶିଳ୍ପ ୨୩.୧ % ଓ ସେବା ୬୧.୫% ଜି.ଡି.ପିରେ ଭାଗିଦାର ଅଟନ୍ତି। ଏସବୁ ସତ୍ତ୍ୱେ ଭାରତ ଆଜିବି ଗରିବ, ଅଭାବ, ଅନଟନ ଭଳି ଜଟିଳ ଏବଂ ସମ୍ବେଦନଶୀଳ ଅବସ୍ଥା ଦେଇ ଗତିକରୁଛି। ଦେଶ ସ୍ୱାଧୀନ ହେବା ସମୟରେ ଦାରିଦ୍ରତା ହାର ୮୦% ଥିବାବେଳେ ଆଜି ମାତ୍ର ୬% ଭାରତୀୟ ଦରିଦ୍ର ସୀମାରେଖା ତଳେ ଅଛନ୍ତି। ମିଳିତ ଜାତିସଙ୍ଘ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ମୁତାବକ ୧୦ ବର୍ଷ ମଧ୍ୟରେ ୨୭୦ ମିଲିଅନ୍ ଭାରତୀୟ ଦାରିଦ୍ର ସୀମାଠାରୁ ଉପରକୁ ଆସିଛନ୍ତି। ବ୍ରୁକିଙ୍ଗ ବ୍ଲକ୍ ରିପୋର୍ଟ ଅନୁସାରେ ପ୍ରତି ୧ ନିମିଟରେ ୪୪ ଜଣ ଭାରତୀୟ ଦାରିଦ୍ର ସୀମାଠାରୁ ଉପରକୁ ଆସୁଛନ୍ତି ଏହା ଭାରତ ପାଇଁ ଏକ ସକାରାତ୍ମକ ବାତାବରଣ ସୃଷ୍ଟିରେ ସହାୟ ହୋଇପାରିଛି। ଯେଉଁ ଦେଶ ଦିନେ ବୈଦେଶିକ ମୁଦ୍ରାକୋଷ ପାଇଁ ସଂଘର୍ଷ କରୁଥିଲା ମାତ୍ର ୩ ସପ୍ତାହ ମଧ୍ୟରେ ଯାହାର ମୁଦ୍ରାକୋଷ ଶୂନ୍ୟ ହେବାର ଶଙ୍କା ଥିଲା ଆଜି ସେହି ଦେଶ ୬୬୬ ବିଲିୟନ୍ ୟୁ.ଏସ୍.ଏ ଡଲାର ବୈଦେଶିକ ମୁଦ୍ରର ଅଧିକାରୀ, ବୈଦେଶିକ ମୁଦ୍ର କୋଷ ହାର ମୁତାବକ ଭାରତ ବିଶ୍ୱର ୪ର୍ଥ ବୃହତ କୋଷର ଅଧିକାରୀ। ଭାରତର ବାଣିଜ୍ୟ ନିଅଣ୍ଟ ପ୍ରତିବର୍ଷ କ୍ରମଶଃ ହ୍ରାସ ଘଟିବାରେ ଲାଗିଛି ଅର୍ଥାତ ଭାରତ ଆମଦାନୀ ଅପେକ୍ଷା ଅଧିକ ରପ୍ତାନି କରିବାର ପ୍ରୟାସ କରୁଛି। ଆଜି ଭାରତ ନିଜ ଆବଶ୍ୟକତାକୁ ନିଜେ ପରିପୂର୍ଣ୍ଣ କରିବାର ଅଭିନବ ପ୍ରଚେଷ୍ଟା ଜାରିରଖିଛି। ୭୭ ବର୍ଷୀୟ ଅର୍ଥନୀତିରେ ଅନେକ ପରିବର୍ତ୍ତନ ଦେଖାଦେବା କାରଣରୁ ଆଜି ଅନ୍ତରାଷ୍ଟ୍ରୀୟ ସ୍ତରରେ ଭାରତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିରେ ସକ୍ଷମ ହୋଇପାରିଛି।

ପୁରାତନ ସମୟରୁ ଭାରତରେ ବିଜ୍ଞାନ ଜ୍ଞାନ-କୌଶଳର ଅଭାବ ଅଥିଲା ହରପାପା ଓ ମହେଞ୍ଜୋଦାରୋ, ବୈଦିବ ଯୁଗ, ପରବର୍ତ୍ତୀ ବୈଦିକ ଯୁଗ ପ୍ରତି ସମୟରେ ଭାରତୀୟ ମାନେ ନିଜ ଜ୍ଞାନ-କୌଶଳର ଯଥେଷ୍ଟ ପ୍ରମାଣ ଦେଇଆସିଛନ୍ତି। କେବଳ ପଶ୍ଚିମ ଦେଶ ସମୂହ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଗନ୍ତାଘର କହିବାଟା ଭୁଲ ହେବ ଆଜି ଭାରତ ଜ୍ଞାନ-କୌଶଳ କ୍ଷେତ୍ରରେ ଅନେକ ବିକଶିତ ପଶ୍ଚିମ ଦେଶ ଠାରୁ ଡେରେ ଆଗରେ। କରୋନା ମହାମାରୀ ସମୟରେ ହେଉକି ଅନ୍ୟ ସାଧାରଣ ସମୟ ହେଉ ଭାରତର ଜେନିରିକ୍ ଔଷଧ ଅନ୍ୟ ଦେଶ ପାଇଁ ସତେ ଯେପରି ସଞ୍ଜୀବନୀ ଅଟେ। ବିଶ୍ୱର ସର୍ବାଧିକ ଜେନିରିକ୍ ଔଷଧ ରପ୍ତାନି କରୁଥିବା ଭାରତ ଆଜି ବିଶ୍ୱକୁ ବ୍ୟାଧିମୁକ୍ତ କରାଇବା ଉଦ୍ଦେଶ୍ୟରେ ଶସ୍ତା ଓ ଉପଯୋଗୀ ଔଷଧ ଅନେକ ଦେଶକୁ ଯୋଗାଇଆସୁଛି। ମହାକାଶ କ୍ଷେତ୍ରରେ ଭାରତ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରୁଛି ପ୍ରଥମ ପ୍ରଚେଷ୍ଟାରେ ମଙ୍ଗଳ ଯାତ୍ରାର ସଫଳତା, ଏକାସାଙ୍ଗରେ ୧୦୪ କୃତିମ ଉପଗ୍ରହ ମହାକାଶକୁ ନେବାର ବିଶ୍ୱ ରେକର୍ଡ, ଚନ୍ଦ୍ର ପୃଷ୍ଠରେ ଜଳରେ ସନ୍ଧାନ ଆଦି ସାମିଲ ଅଟେ। ଯେଉଁ ଦେଶକୁ ଦିନେ ଅନ୍ୟମାନେ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ର କୌଶଳ ପ୍ରଦାନ ପାଇଁ ଅନାଗ୍ରହୀ ଥିଲେ ସେମାନେ ଆଜି ଭାରତର ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଦ୍ୱାରା ଅତି କମ୍ ଖର୍ଚ୍ଚରେ ନିଜର ସାଟେଲାଇଟ୍କୁ ମହାକାଶକୁ ପଠାଉଛନ୍ତି। ଏସ୍.ଏଲ୍.ଭି, ଏ.ଏସ୍.ଏଲ୍.ଭି, ପି.ଏସ୍.ଏଲ୍.ଭି, ଜି.ଏସ୍.ଏଲ୍.ଭି ଭଳି ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଭାରତ ସହ ଅନ୍ୟ ଦେଶ ମାନଙ୍କର ସାଟେଲାଇଟ୍କୁ ମଧ୍ୟ ମହାକାଶକୁ ପ୍ରେରଣ କରୁଛି। ଆଇ.ଆର.ଏନ୍.ଏସ୍ (ଇଣ୍ଡିଆନ୍ ରିଜୋନାଲ୍ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍), ଆଇ.ଏନ୍.ଏସ୍.ଏ.ଟି (ଇଣ୍ଡିଆନ୍ ନାସ୍ନାଲ୍ ସାଟେଲାଇଟ୍), ରିୟୁଜ୍ ଲଞ୍ଚ ଭେଇକିଲ୍ - ଟିଡି, ଚନ୍ଦ୍ରୟାନ୍, ମଙ୍ଗଳୟାନ୍, ଜି. ଏସ୍.ଏ.ଟି-୩୦, ଇସିଓ-୦୧, ଆମାଜାନ୍-୦୧ ଆଦି ଭାରତୀୟ ମହାକାଶର ଭିର୍ଣ୍ଣଭିର୍ଣ୍ଣ ସଫଳତାର ଅଂଶ ଅଟେ। ଗଗନୟାନ୍, ଅଦିଦ୍ୟା-୦୧ ଭଳି ପ୍ରକଳ୍ପ ଭାରତର ମହାକାଶ ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବ। ଯଦି ଆଇ.ଟିର କୌଣସି ଦେଶ ଅବସ୍ଥାପିତ ହୋଇଥାନ୍ତା ଏହାର ରାଜଧାନୀ ନିଶ୍ଚୟ ଭାରତ ହେଇଥାନ୍ତା। ଏକ ସମୟ ଥିଲା ଆଇ.ଟି ଜି.ଡି.ପିର ମାତ୍ର ୧% ଭାଗିଦାର ଥିଲା ୨୦୨୨ ଏହା ୮% ହୋଇପାରିଛି। ଆଇ.ଟିର ମାର୍କେଟ ସାଇଜ୍ ୧୯୫ ବିଲିୟନ୍ ୟୁ.ଏସ୍.ଏ ଡଲାର ଥିବାବେଳେ, ରପ୍ତାନି ୧୫୦ ବିଲିୟନ୍ ୟୁ.ଏସ୍.ଏ ଡଲାର। ଘରୋଇ ବ୍ୟବହାର ୪୫ ବିଲିୟନ୍ ୟୁ.ଏସ୍.ଏ ଡଲାର ଏବଂ ଯାହା ପ୍ରତିବର୍ଷ ୭.୭% ହାରରେ ବୃଦ୍ଧି ଘଟୁଛି। ଆଜି ଭାରତ ବିଶ୍ୱର ୫୫% ଆଇ.ଟି ସେବା ଅନ୍ୟ ଦେଶ ମାନଙ୍କୁ ରପ୍ତାନି କରୁଛି ଅର୍ଥାତ ଆଇ.ଟି କ୍ଷେତ୍ରରେ ଅଧାରୁ ଅଧିକ ଦାଖଲ ଭାରତ ହିଁ ଅଛି। ହୁଏତ ଆମେରିକା ପରି ଦେଶ ଆଇ.ଟିର ଜନ୍ମଦାତା ହୋଇପାରେ କିନ୍ତୁ ଭାରତ ବିନା ଆଇ.ଟି ଭିତିହୀନ ଓ ମୂଲ୍ୟହୀନ। ଏକ କୃଷି ପ୍ରଧାନ ଦେଶ କିଭଳି ଆଇ.ଟି ପରି ଆଧୁନିକ କୌଶଳକୁ ପ୍ରୋତ୍ସାହନ ଦେଇ ଆର୍ଥିକ ବିକାଶ କରିବା ସହ ୪.୧ ମିଲିଅନ୍ ରୋଜଗାର ଦେବାରେ ସକ୍ଷମ ହୋଇପାରିଛି ଏହା ଆଜି ଅନ୍ୟ କେତେକ ଦେଶ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରେ। ଭାରତ ୨ୟ ବୃହତ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଦେଶ ବିଶ୍ୱର ଶସ୍ତା ଇଣ୍ଟରନେଟ୍ ଭାରତରେ ହିଁ ମିଳୁଛି। ସେଥିପାଇଁ ଆଜି ଶିକ୍ଷା ଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ, ବ୍ୟବସାୟ ଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଆତି ସହଜରେ ଡିଜିଟାଲ୍ ମାଧ୍ୟମରେ ସମ୍ପାଦନା ହୋଇପାରୁଛି। ଭାରତର ୟୁ.ପି.ଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ଡିଜିଟାଲ୍ ପେମେଣ୍ଟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଚା' ବ୍ୟବସାୟୀ ଠାରୁ ପଞ୍ଚତାରକା ହୋଟେଲ ପ୍ରତ୍ୟେକ ବ୍ୟବସାୟୀ ଓ ବ୍ୟବସାୟିକ ସଂଗଠନ ୟୁ.ପି.ଆଇର ବହୁଳ ବ୍ୟବହାର କରି ଭାରତର ଡିଜିଟାଲ୍ ସ୍ୱପ୍ନକୁ ସାକାର କରୁଛନ୍ତି। ଯାହା ଫଳସ୍ୱରୂପ ଆଜି ଭାରତ ବିଶ୍ୱର ସର୍ବାଧିକ ଡିଜିଟାଲ୍ ପେମେଣ୍ଟ କରୁଥିବା ଦେଶ ଭାବେ ଉଭା ହୋଇଛି। ଆଜି ବିଶ୍ୱର ସର୍ବାଧିକ ଡିଜିଟାଲ୍ ପେମେଣ୍ଟ ୟୁ.ପି.ଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ମାଧ୍ୟମରେ ହେଉଛି ସେଥିପାଇଁ ଫ୍ରାନ୍ସ ପରି ବିକଶିତ ରାଷ୍ଟ୍ର ଭାରତର ୟୁ.ପି.ଆଇ ଓ ରୂପେ କାର୍ଡକୁ ନିଜ ଦେଶରେ ପ୍ରଚଳନ କରିବାର ତତ୍ପରତା ଦେଖାଉଛନ୍ତି। ଭାରତ ପରି ଦେଶକୁ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ମିଳୁଥିବା ସଫଳ ଆଜି ଅନେକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ଆମେରିକା ପରି ଅନେକ ବିକଶିତ ଦେଶ ମଧ୍ୟ ଆଜି ଡିଜିଟାଲ୍ ପେମେଣ୍ଟକୁ ଏପରି ପ୍ରସାର କରିବାରେ ଅସାମର୍ଥ୍ୟ। ଦେଶ ଯେତେ ଆଗୁଆ ହେଲେବି ଦେଶ ସୁରକ୍ଷା ଓ ଅଖଣ୍ଡତା ଅତ୍ୟନ୍ତ ଆବଶ୍ୟକ ଏବଂ ଶତ୍ରୁର ମୁକାବିଲା ପାଇଁ ସର୍ବଦା ନିଜକୁ ପ୍ରସ୍ତୁତ କରିବା ଦରକାର। ଭାରତର ସାମରିକ ଶକ୍ତି ବିଶ୍ୱର ୪ର୍ଥ ଶକ୍ତିଶାଳୀ ସାମରିକ ଶକ୍ତିଭାବେ ବିଦ୍ୟମାନ। ଭାରତ ନିଜର ସାମରିକ କ୍ଷେତ୍ରକୁ ଯଥାସମ୍ଭବ ଅଭିବୃଦ୍ଧି କରିବାର ପ୍ରୟାସ କରୁଛି। ଅର୍ଥନୀତି, ବିଜ୍ଞାନ, କୃଷି ପରି ଅନ୍ତରାଷ୍ଟ୍ରୀୟ ରାଜନୀତିରେ ଭାରତର ପକ୍ଷ ଦିନକୁଦିନ ସୁଦୃଢ ହେବାକୁ ଲାଗିଛି। ସମୟର ପରିବର୍ତ୍ତନ କ୍ରମେ ଆଜି ଭାରତ ବିନା ଅନ୍ତରାଷ୍ଟ୍ରୀୟ ରାଜନୀତିର ପରିକଳ୍ପନା ସମ୍ଭବ ନୁହେଁ। ଭାରତ ଏପରି ଏକ ବିରଳ ଦେଶ ଯିଏ ଉଭୟ ଆମେରିକା ଓ ଋଷକୁ ସନ୍ତୁଳନ କରି ଉଭୟଙ୍କ ସହ ଉତ୍ତମ ବନ୍ଧୁତ୍ୱ ରଖିପାରିଛି। ପ୍ରତେକ ଅନ୍ତରାଷ୍ଟ୍ରୀୟ ମଞ୍ଚ ଭାରତର ଆଭିମୁଖ୍ୟକୁ ଅତି ସମ୍ବେଦନ ସହ ଗ୍ରହଣ କରିବା ଓ ଏହାକୁ ଅଗ୍ରଣୀ ଦେବାକୁ ପ୍ରୟାସ କରିବାର କାରଣ କ'ଣ ହୋଇପାରେ ତାହା ସ୍ୱତଃ ପ୍ରତିଫଳିତ ହେଉଛି। 'ବସୁଧେବ କୁଟୁମ୍ବକମ' ନୀତିବାଣୀରେ ଅନୁପ୍ରାଣିତ ଭାରତ ଆଜି ବିନା ସଙ୍କୋଚ ଓ ନିର୍ଭୟତାର ସହ ପ୍ରତ୍ୟେକ କ୍ଷେତ୍ରରେ ନିଜ ପକ୍ଷ ରଖିପାରୁଛି। ୭୭ ବର୍ଷୀୟ ସ୍ୱତନ୍ତ୍ର ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନେକ ଦେଶ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି। ସର୍ବଦା ଅଭାବକୁ ଏକ ସୁଯୋଗର ନଜରରେ ଦେଖି ସମାଧାନ ଯଥାସମ୍ଭବ ପ୍ରୟାସ ଭାରତକୁ ଆଜି ମହାନତା ଆଡକୁ ଟାଣିନେଇଛି।


*ଟିଜିଟି (ଆର୍ଟସ) ଶିକ୍ଷକ, ପଞ୍ଚାୟତ ହାଇସ୍କୁଲ, ଗେଙ୍ଗୁଟିଆ, କୋଟାଗେରା, ଢେଙ୍କାନାଳ*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

### ପୁଷ୍ପାରାଣୀ ପଟେଲ



ଭାଗ-୨୮

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

***(ପୂର୍ବପ୍ରକାଶ ଉତ୍ତାରୁ)***

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୂଲ କହୁଛି, ପୂରବୀ?*

***(ପୂର୍ବପ୍ରକାଶ ଉତ୍ତାରୁ)***

'ମୁଁ କ'ଣ ତାଙ୍କ ଅତୀତ ବିଷୟରେ କାହାଠାରୁ ପଚାରି ବୁଝିବା ଉଚିତ୍।'

ଅନେକ ଥର ପ୍ରଶ୍ନ କଲି ନିଜକୁ ନିଜେ। ହୃଦୟକୁ ଏକ ଦୃଢ଼ ଉତ୍ତର ଆସିଲା - 'ନା...। କେବେ ନୁହେଁ।'

ପ୍ରେମର ଅନ୍ୟଏକ ସ୍ୱରୂପ ହେଲା 'ବିଶ୍ୱାସ', 'ଦୃଢ଼ ବିଶ୍ୱାସ'। ହୃଦୟରୁ ତାଙ୍କ ପାଇଁ ଯେଉଁ ବିଶ୍ୱାସ ମୋ' ମନ ଭିତରୁ ସୃଷ୍ଟି ହେଉଛି, ତା'କୁ ଅବିଶ୍ୱାସର ବୋଝ ତଳେ ଚାପି ଦେବାକୁ ଦିଆ ନଯାଉ।

"ମୁଁ ବିବାହିତା। ସେ ବି ବିବାହିତ। ମୁଁ ସ୍ୱାମୀ, ଝିଅ, ଶାଶୁ, ଶ୍ୱଶୁରଙ୍କୁ ନେଇ ପରିବାର ଭିତରେ ଏକ ଅଲଂଘ୍ୟ ବନ୍ଧନରେ ବନ୍ଧା। ସେ ବି ତ ଠିକ୍ ମୋରି ପରି ସଂସାର ଧର୍ମରେ ବନ୍ଧା। ଉଭୟଙ୍କର ପରସ୍ପର ପାଖରୁ ଆଉ କିଛି ପାଇବାର ବା ପରସ୍ପରକୁ କିଛି ଦେଇ ପାରିବାର ସମ୍ଭାବନା ହିଁ ନାହିଁ। ଯେଉଁଠି ପାଇବାର ଆଶା ନଥାଏ, ସେତେବେଳେ ସେ ସମ୍ପର୍କ ଖୁବ୍ ଦୃଢ଼ ହୋଇଯାଏ।" - ଏମିତିରେ

- ମୁଁ ତାଙ୍କର ଅତୀତକୁ ଅଣ୍ଡାଳିବା ଅପେକ୍ଷା ନିଜକୁ ମୋ' ଅତୀତକୁ ତାଙ୍କ ପାଖରେ ଖୋଲିଦେବାକୁ ଇଚ୍ଛା କଲି। ଇଚ୍ଛା କଲି ନୁହେଁ, ନିଜକୁ ତାଙ୍କ ପାଖରେ ପ୍ରକାଶ କରିଦେଇ ତାଙ୍କର ମୋ' ପ୍ରତି ଆସିବାକୁ ଥିବା ପ୍ରତିକ୍ରିୟାକୁ ଜାଣିବା ପାଇଁ ବ୍ୟଗ୍ର ହେଇ ଉଠିଲି।

ପୂରବୀ - ଅତୀତ! ତୁମର ଅତୀତ! ତା' ମାନେ କ'ଣ - ସେଇ ସ୍ମାରକ ମିଶ୍ର, ଯାହାକୁ କବି ବୋଲି ଭାବି ପ୍ରେମ କରୁଥିଲ ... ଯାହାକୁ ପ୍ରେମ କରୁଥିଲ ବୋଲି ନିଜ ସ୍ୱାମୀଙ୍କ ପାଖରେ ପ୍ରଥମ ରାତିରେ ତୁମର ସ୍ୱୀକାର କରିଥିଲ, ତା' କଥା ପୁଣି କହିଲ ଅମ୍ଳାନଙ୍କୁ?

ମୁଁ ସତରେ ଆଶ୍ଚର୍ଯ୍ୟ ତୁମର ଏଭଳି କଥାରେ, ସ୍ନିଗ୍ଧା! ଯା କୁ ତ ମୁଁ ତୁମର ପିଲାଳିଆମୀ ନୁହେଁ ମୂର୍ଖାମୀ ବୋଲି କହିବି। ଏମିତି କ'ଣ ଯେ... !

ସ୍ନିଗ୍ଧା - ଆରେ! ତୁମେ ମୋତେ ଭୁଲ୍ ବୁଝୁଛ ପୂରବୀ। ବିବେକ ଓ ଅମ୍ଳାନଙ୍କ ଭିତରେ ଆକାଶ, ପାତାଳର ଫରକ୍। ବିବେକ ସାହିତ୍ୟର ଧାର ଧରୁ ନଥିବା, ପ୍ରେମକୁ ବୁଝୁନଥିବା, ପ୍ରେମ କହିଲେ ନାରୀ ଓ ପୁରୁଷର ଶାରୀରିକ ଆକର୍ଷଣକୁ ବୁଝୁଥିବା ଏକ ସାଧାରଣ ମଣିଷ। ତାଙ୍କୁ ଯେତେବେଳେ ମୁଁ ଏ କଥା କହିଥିଲି, ସେତେବେଳେ ମୁଁ ବି ବୋଧହୁଏ ପ୍ରେମ ସମ୍ବନ୍ଧରେ ଖୁବ୍ ଅନଭିଜ୍ଞା ଥିଲି।

ତାଙ୍କୁ ଏକଥା ଜଣାଇବାର କେବଳ ମୋ'ର ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ, ମୁଁ ନୂଆଁ କରି ଆରମ୍ଭ କରିଥିବା ଆମ ସଂସାର ମୋତେ, ମୋ' ନିଜକୁ ତାଙ୍କ ପାଖରେ କିଛି ନ ଲୁଚାଇ ସମ୍ପୂର୍ଣ୍ଣ ରୂପେ ଉନ୍ମୋଚିତ କରିଦେବାକୁ ଚାହୁଁଥିଲି। ଅଥଚ ସବୁକିଛି କହି ସାରି ଧୀରେ ଧୀରେ ତାଙ୍କୁ ଓ ତାଙ୍କର ମନସ୍ତତ୍ତ୍ୱକୁ ବୁଝିବା ପରେ ଅନୁଭବ କରିଥିଲି ଯେ, ମୋ'ର ତାଙ୍କୁ ସେଭଳି ସବୁକଥା ଖୋଲି କହିବା ପ୍ରକୃତରେ ମୋ'ର ଭୁଲ୍ ଥିଲା।



ଅମ୍ଳାନଙ୍କୁ ଭେଟିବା ବେଳେ ମୁଁ କିନ୍ତୁ ଖୁବ୍ ଭଲ ଭାବରେ ନହେଲେ ମଧ କିଛି ମାତ୍ରାରେ ବୁଝି ସାରିଥିଲି ଯେ ପ୍ରକୃତରେ ପ୍ରେମ କ'ଣ!

'ପ୍ରେମ' ଯେ ଗୋଟିଏ ମୁହୂର୍ତ୍ତର ଆତ୍ମିକ ଅନୁଭବ - ଏକଥା କ'ଣ ମୋତେ ତାଙ୍କୁ ଜଣାଇଦେବା ଉଚିତ ନଥିଲା? ଏମିତିରେ ସେ ଯେ କବିଟିଏ। ଖୁବ୍ ଭଲ ଭାବରେ ବୁଝି ପାରନ୍ତି ରାଧା-କୃଷ୍ଣଙ୍କର ବିଦେହୀ ପ୍ରେମର ଶ୍ରେଷ୍ଠତା। ଅଥଚ ସେ କହିଲେ, 'ପ୍ରେମ ମାନେ ଛଳନା!'

ତାଙ୍କ ସହିତ ଯାହା ବି ଘଟିଥାଉ ଅତୀତରେ, ତାହା କିନ୍ତୁ ପ୍ରେମର ସର୍ବଶେଷ ତଥା ଏକମାତ୍ର ସଂଜ୍ଞା ଯେ ନୁହେଁ, ଏକଥା ମୋ'ର କ'ଣ ତାଙ୍କୁ କହିବାକୁ ଚେଷ୍ଟା କରିବା ଉଚିତ୍ ନଥିଲା?

କିନ୍ତୁ କହିଥାନ୍ତି କେମିତି? ନୂଆ ନୂଆ ବନ୍ଧୁତା। ଏମିତିରେ ମୁଁ ତାଙ୍କ ସାଥିରେ ଆମ୍ନାସାମ୍ନା କ'ଣ, ଫୋନ୍‌ରେ ବି ସିଧା କଥା ହେଇନି ଥରେ। କେବଳ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ମେସେଞ୍ଜର ଏଭଳି ବାର୍ତ୍ତା ବହନକାରୀ ମାଧ୍ୟମରେ କିଛି ଭାବର ଆଦାନ ପ୍ରଦାନ। ବାସ୍ ... ସେତିକି ହିଁ ତ ଚିହ୍ନା ପରିଚୟ।

କ'ଣ କରିବି? କେମିତି ତାଙ୍କୁ କହିବି ମୋ' ମତରେ ପ୍ରେମର ସଂଜ୍ଞା କ'ଣ? ମୁଁ ଭାବି ଚାଲିଥିଲା ବେଳେ ମନେପଡିଲା ମୋ'ର ସେଇ ଗପର କଥା। ମାୟା ମୁହୂର୍ତ୍ତ। ତୁମକୁ କହୁନଥିଲି, ସେଇ ସ୍ମାରକ ମିଶ୍ର ପ୍ରତି ମୋ' ଭାବନାତ୍ମକ ସ୍ମୃତି ସବୁକୁ ନେଇ ମୁଁ ଲେଖିଥିବା ମୋ'ର ପ୍ରଥମ ଗପର କଥା? ଏ ସେଇ ଗପ ...। ତାକୁ ପଠାଇଲି ତାଙ୍କ ପାଖକୁ ମେଲ୍‌ରେ। ତଳେ ଲେଖିଲି - ଏ ଗପ ହୁଏତ ଆପଣଙ୍କର ପ୍ରଶ୍ନର ଉତ୍ତର ଦେଇପାରେ। କିଛି ଲେଖିବାକୁ ଚେଷ୍ଟା କରିଥିବା ... ଏହା ମୋ'ର ଲିଖିତ ପ୍ରଥମ ଗଳ୍ପ। ସମୟ ବାହାର କରି ଥରେ ପଢ଼ିବାକୁ ଅନୁରୋଧ ରହିଲା।

ତାପରେ ... ମନ ଭିତରେ ଏକ ଅଜବ ଅସ୍ଥିରତାକୁ ଭୋଗିଲି ମୁଁ ଅନେକ ଦିନ ଧରି।

ମୋ' ପାଇଁ ଖୁବ୍ ଦୀର୍ଘ ଥିଲା ତାଙ୍କ ପ୍ରତ୍ୟୁତ୍ତର, ପ୍ରତିକ୍ରିୟା ପାଇଁ ଅପେକ୍ଷା। ତାଙ୍କ ମନ ଭିତରେ କ'ଣ ଚାଲିଥିଲା କେଜାଣି? ସେ ଯେ ସମ୍ପୂର୍ଣ୍ଣ ରୂପେ ନୀରବ ହେଇଗଲେ ଢେର୍ ଦିନ।

ମୁଁ ଡରିଗଲି, 'କିଛି ଭୁଲ୍ କଲିକି?' ପ୍ରାୟ କୋଡିଏ, ପଚିଶ ଦିନର ଅପେକ୍ଷା ପରେ ସେଇ ମେଲ୍ ଯୋଗେ ପହଞ୍ଚିଲା ତାଙ୍କର ପ୍ରତିକ୍ରିୟା। ମୁଁ ପୁଣି ଆଶ୍ଚର୍ଯ୍ୟ ଚକିତ ହେଲି, 'ଏତେ ଥଟ୍ଟା ପରିହାସ କରୁଥିବା ମଣିଷଙ୍କର ଏଭଳି ଗମ୍ଭୀର ପ୍ରତିକ୍ରିୟା!'

ସେ ଲେଖିଥିଲେ : 'ଗାଳ୍ପିକା ସ୍ନିଗ୍ଧା! ଗଳ୍ପଟି ଭଲ ହେଇଛି। ତେବେ ଏଥିରେ ଟିକିଏ କଞ୍ଚାପଣ ଅଛି। ତାକୁ ନେଇ ବ୍ୟସ୍ତ ହେବାର କିଛି ନାହିଁ। ଲେଖୁ ଲେଖୁ ତାହା ଆପେ ଚାଲିଯିବ। ସାହିତ୍ୟରେ ଉତ୍ତୋରୋତ୍ତର ଉନ୍ନତି କାମନା କରି ରହୁଛି।'

*(କ୍ରମଶଃ)*



## ମିଷ୍ଟର ପାରିବାର

### ହରେକୃଷ୍ଣ ଦାସ




ରାତିକ ଗଲେ ସେ ହାତୀଏ କମାନ୍ତି
ମିଷ୍ଟର ମୋ ଭାରି ପାରିବାର,
ପୁଲିସଠୁ ଚୋର ଦଲାଲଙ୍କ ସାଙ୍ଗେ
ଦୋସ୍ତି ସତେ ଲଙ୍ଗୋଟିଆ ୟାର,
ଭଲପାଠ ସିନା ତାଙ୍କଠି ହେଲାନି
ବ୍ରେନ ଟାକୁ କିନ୍ତୁ ମାନିବାର,
ବ୍ଲାକ ମନିକୁ ହ୍ୱାଇଟ କରିବାର
ବିଦ୍ୟାରେ ସେ ପୁରା ଧୁରନ୍ଧର,
ନୋଟ୍ ବିଡ଼ା ଯାହା ଶେଯ ତଳେ ଅଛି
ଦିନ କେଇଟାର ରୋଜଗାର,
ଦିମାସରେ ଗୋଟେ ନୂଆ ହାର ମୋର
ବରଷକେ ଗୋଟେ ନୂଆ କାର,
ଦି ଚାରିଟା ଚେନ୍ ନ ପିନ୍ଧିବି ଯଦି
କି' ଧନ କି' ରୋଜଗାର?
ଘର କରୁଚି ମୁଁ ଅମ୍ବାନୀ ଭଳିଆ
ଇମ୍ପୋର୍ଟେଡ଼ ସବୁ ଫର୍ଣ୍ଣିଚର,
ଭୁବନେଶ୍ୱରରେ ଦଶଟା ପ୍ଲଟ
କୋଠାବାଡି କଥା ନ ପଚାର,
ପୁଅ କହେ ନୂଆ ଅଡ଼ି ଟେ କିଣିବ
ଝିଅର ବରାଦ ଆର୍ ଆର,
ତୁଚ୍ଛା ଦଲାଲିରେ ଏତେ ପତିଆରା
ଲୋକ ଜାଣନ୍ତି ୟେ ଅଫିସର,
ସାଙ୍ଗ ଲୋ କହୁନୁ ମିଷ୍ଟରଙ୍କୁ ତୋର
ବନିୟା'ନ୍ତୁ ୟାଙ୍କ ପାର୍ଟନର,
ମିଳିମିଶି ଯାହା ଚୂନ ଲଗେଇବେ
ଅଧେ ତୋରକୁ ଅଧେ ମୋର।

*ଅଧ୍ୟାପକ, ଇଂରାଜୀ ବିଭାଗ*
*ନିଆଳି କଲେଜ, ନିଆଳି, କଟକ*
*ଭ୍ରାମ୍ୟଭାଷ : ୯୮୬୧୩୪୫୬୫୭*

## ଫେରାର

### ଶୈଳାଧିରାଜତନୟା ଶତପଥୀ



ମୋତେ ଆଉ ଖୋଜିବନି
ଫରଫର ତ୍ରିରଙ୍ଗାରେ,
ମୁକ୍ତି ମଶାଲର ଧୂସର ବହ୍ନିରେ,
ଅବା ଜାତି ପ୍ରେମର ମାତାଲ ବାସ୍ନାରେ।
ବରଂ ପାଇବ ମୋତେ
ସଂଜ୍ଞାହୀନ ରୂପେ
ତୁମ ସ୍ୱାର୍ଥର ଗଳି କନ୍ଦିରେ
ଅହଂର ମଞ୍ଚ ସେପାରେ
ଅବା ଉଲ୍ଲାସର ଥାକ ଥାକ ପ୍ରତିଶ୍ରୁତି ତଳେ।
ସେଠି ବାରବାର ପ୍ରତିହତ ହେଇଛି
ମାଟିର ଭୋକ ଶୋଷ
ମୋ ସହ ଅଶେଷ ଶୋଷରେ
ବିକାଶର କ୍ରମାଙ୍କଟା ହଜିଛି
ଆସୁରିକ ଇଚ୍ଛାର ଗୁପ୍ତ ଇଙ୍ଗିତରେ
ଆଉ ନୀରବରେ ହେଜିଛି
ସ୍ୱାଧୀନତାକୁ ନିଖୋଜ ହେବାର
ମଦ ମାଂସର ତତଲା ଗଜଲରେ।
ହଁ ମୁଁ ନିଖୋଜ ହେଇଛି
ଅମାନବିକତାର ମହାର୍ଘ ତିଥିରେ
ତୁଚ୍ଛ ଅହଂର ରୋଷଣୀରେ
ଆଉ ଇତିହାସର ଲାଲ ପୃଷ୍ଠାରେ।
ତୁମ ପାଇଁ ମୁଁ ତ ଏବେ
ପୂନେଇଁ ରାତିର ଫେରାର ଜହ୍ନ
ଆଉ ଡର କାହାକୁ?
ଏ କଜ୍ଜ୍ୱଳ ମଖା ବିବସ୍ତ୍ର ଦେଶକୁ?
ଶହୀଦ ମାନଙ୍କ ବିବଶ ଦାୟାଦକୁ
ନା ସ୍ୱେଚ୍ଛାଚାରୀ ପାପକୁ?
ଅବା ସ୍ୱାଧୀନତାର ନାଭିରେ କୁଣ୍ଡଳୀ ମାରି ବସିଥିବା
ନପୁଂସକତାର କାଳସର୍ପକୁ?
ହା ହା ହା!
ମୁଁ ଜାଣେ ତୁମେ ଆଉ ଖୋଜିବନି
କି ମୁକୁଳାଇ ପାରିବନି
ସେ ସହସ୍ରାବ୍ଦୀର ଅପ୍ରତିହତ ସ୍ୱପ୍ନକୁ
ନିଆଁ ଝୁଲରେ ଦୋଳକ୍ଷୟମାନ
ମାତୃ ଭୂମିର ବର୍ଣ୍ଣବୋଧକୁ
ଗୋଲାମୀର ଜୀବନ୍ତ ଚକ୍ର ବ୍ୟୁହରୁ।
ତଥାପି ବାଞ୍ଛ ମଞ୍ଜି ପୋତି
ସାଉଁଟି ନେବି ମୁଁ ଗଣତନ୍ତ୍ରର ମାତୃତ୍ୱ
ଜାତି ହିଂସାର ଗରଳ ପିଇ
ସାଜି ନୀଳକଣ୍ଠି ଓଗାଳି ଦେବି
ଲହୁଲୁହମିଶା ବିଶ୍ୱ ଭ୍ରାତୃତ୍ୱ,
ଏବେତ ଖୋଜିବସ
ଅନ୍ତତଃ ଥରେ ହେଲେ
ସେ ଲୁହ ଲହୁର ସମ୍ମୋହନକୁ,
ସ୍ତବ୍ଧ କରି ପ୍ରଲୁବ୍ଧ ଅପରକ୍ତ ଅପନ୍ଥକୁ
ତୋଳିନିଅ
ବିବେକର ଶତ ଆତ୍ମ ଦଂଶନକୁ,
ସ୍ୱାଧୀନ କରି ଆତ୍ମାର ଅସ୍ତିତ୍ୱ କୁ?
ଦେଖିବ, ତୁମ ପ୍ରତ୍ୟାବର୍ତ୍ତନର ଇଶାରା ମାତ୍ରେ
ହତବାକ କରି ସ୍ପନ୍ଦିତ ସମୟକୁ
ବନ୍ଧ୍ୟା ଜରାୟୁରୁ ଜନ୍ମ ଦେବି ମୁଁ
ଈର୍ଷ୍ୟା,ହିଂସା ହୀନ ସତ୍ୟ ନ୍ୟାୟର
ସହସ୍ର ଅମୃତ ସନ୍ତାନ
ଭେଟି ଦେବି ଶାନ୍ତି ପ୍ରେମର
କୋଟି କୋଟି ବଳିଦାନ।
ଆଉ ନିଜ ରକ୍ତେ
ବକ୍ଷଢ଼ିଦେବି ମୁକ୍ତ କଣ୍ଠେ ସ୍ୱାଧୀନତାର
ଅଗ୍ନି ବର୍ଷୀ ଅଙ୍ଗୀକାର
ଆଉ କ୍ରାନ୍ତି ପଥେ
ମୋ ଫେରାର ହେବାର
ଅଦୃଶ୍ୟ ଇସ୍ତାହାର।

ଭୁବନେଶ୍ୱର

## ବର୍ଷା ଓ ପୃଥ୍ୱୀ

### ସାଗରିକା ଦାସ



ଲମ୍ବା ଲମ୍ବା ବର୍ଷା ଧାର, ମାଟି ଛାତି' ପରେ
ଅସ୍ତ ବ୍ୟସ୍ତ କରେ ତୃଣ ଲତା ଦାରୁ
ଶ୍ଳେଷହିନ ଚୁମ୍ବନରେ।

ମାଟି ଅବା ଅଭିସାର କରିଥିଲା,
ସାରା ବର୍ଷ ଲାଗି
ଶୀତେ ସାଜି କାକରେ ଭିଜି,
ଘନୀଭୂତ ବାଷ୍ପେ
କରି ପ୍ରେମ ନିବେଦନ।

କାହିଁ ତୃଷା ନାସେ ବରଷି,
କାହିଁ ତାଣ୍ଡବର ହୁଙ୍କାର
ଧୋଇନିଏ କା' ପ୍ରେମର ଆସର,
ସଂଭଳର ଫସଲ
କା'ପ୍ରେମେ କା'ର ଉଜୁଡା ସଂସାର।

ଭୀତା ପ୍ରେମିକାର ପାଗଳ ପ୍ରଣୟି
ସବୁଭୁଲିଯାଏ ପ୍ରେମର ଆଶାରେ,
କେବଳ ବରଷୁଥାଏ ବରଷିବା ନା'ରେ
ପ୍ରମତ୍ତ ଭାବରେ ଉଦ୍ଦାମ ଭଙ୍ଗୀରେ
ସବୁପ୍ରେମ ସାରିଦେବ ଅବା
ଏକଇ ଦିନରେ।

ଆକାଶ ଖାଲି ଦିଏ, ପୃଥ୍ୱୀ ଯେ ନିଏ
କିଏ ସଂଭୋଗ ପାଏ? ନାରୀ /ପୁରୁଷ?
ବର୍ଷକର ଜ୍ୱଳନ ଅବା ସାରିଦେବ ଆଜି
କାମନାର ବିନାଶ ରେ ଦୁଃଖର ନାଶ
ଏମିତି ଚାଲିଥିବ ଅବା ବର୍ଷ ପରେ ବର୍ଷ।

*ନିୟୁ ଦିଲ୍ଲୀ*

## ବର୍ଷା ଗୀତ

### ପ୍ରମୋଦ ଚନ୍ଦ୍ର ଛତ୍ରିଆ



ଓଃ ଲଗାତାର ବର୍ଷା
କେଡେ ଆରାମ
ଘରୁ ଗୋଡ କାଢ଼ିବାର ନାହିଁ
କି ବର୍ଷାରେ ଭିଜିବାର ନାହିଁ
ହାତ ପାହାନ୍ତରେ ସବୁକିଛି।
ଚାଉଳ, ଡାଲି, ତେଲ, ମସଲା
ସବୁକିଛି ମହଜୁଦ...
ଯାହା କିଛି କିଛି
ପରିବା ଆଣିଲେ ହେଲା।
ପାଣି ଗଳିବାର ପ୍ରଶ୍ନ ନାହିଁ
ଝଡ ବତାସ କୁ ଡର ନାହିଁ
ପୁରା ସୁରକ୍ଷିତ ଛାତ ଘର
ତାହେଲେ ଆଉ ଡର କାହିଁ।
ହେଲାଯେ...
ଯାର ଘରୁ ଗୋଡ ନ କାଢ଼ିଲେ
ପେଟ ପୁରେ ନାହିଁ
ସେ ବିଚରା ଟି କରିବ କଣ?
ଯା'ର ଛାନି କଣା ହୋଇ
ବର୍ଷାରେ ଆଁ।
ବର୍ଷାପାଣି ପଶିଲାଣି
ରୋଷେଇ ଘରେ
ଶୋଇବା ଘରେ
ଏଇଠି ପାଣି ସେଇଠି ପାଣି
ଦିନରେ ପାଣି ରାତିରେ ପାଣି।
ପ୍ରକୃତରେ ବର୍ଷା
ଏମାନଙ୍କ ପାଇଁ ହିଁ ଅଭୁଲା ସ୍ମୃତି..
ଯିଏ ବର୍ଷା ରେ ଭିଜି ଭିଜି
କାଟେ ଦିନ ଓ ରାତି,
ପାଣି କାଦୁଅ ସର ସର
ପିଲାଛୁଆଙ୍କୁ ଭାରି ଜ୍ୱର
କେମିତି କରିବ କେମିତି ନାଇଁ
ବର୍ଷା ଚାଲିଛି ଗୀତ ଗାଇ ଗାଇ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୯୮୫୩୨୨୨୪୪୦*

## ଚଲ୍... ଗାଁକୁ ଫେରିଯିବା

### ମନୋଜ ମହାନ୍ତି



***(ପୂର୍ବପ୍ରକାଶ ଉତ୍ତାରୁ)***

ଦର୍ପଣ ସାମ୍ନାରେ ଥରେ ଠିଆ ହୋଇ ପରଖିଲି ନିଜକୁ! ମୁଁ ଚମକି ପଡ଼ିଲି! ମୁଁ ମଣିଷ ନା ବଣ ମଣିଷ? ଅଲରା କେଶ, ଅଯତ୍ନ ଦାଢ଼ୀ, ରଡ଼ ବାଇଣ୍ଡିଂ କରୁକରୁ ଦେହ ଯେମ୍ତି ମୋର ନୁହଁ କେଉଁ ରାକ୍ଷାସର! କ୍ରୋଧ ଆସିଲା ନିଜ ଉପରେ।

ବଂଗାଳି ପଇଁତ୍ରୀସ ପାଖର ସ୍ତୀ ଲୋକ ଜଣେ ସେଇ କେଇମାସ ସୁପର୍‌ଭାଇଜର୍ ହେଇ କାମକୁ ଲାଗିଥିଲା। ଟିପ ମରାଇ ନେଲା ବେଳକୁ ମୋତେ ପଚାରିଲା - ଘର କେଉଁଠି? ଖାଣ୍ଟି ଓଡ଼ିଆରେ ପ୍ରଶ୍ନ! ମୁଁ ତରଳିଗଲି। ତରଳି ଯାଇ ଓଦା ହୋଇଗଲି ଗୋଟା ଛାଁ! ମୋ ଦାଢ଼ୀ ସାଲୁବାଲୁ ମୁହଁରେ ସେ ବୋଧେ ଲୁହ ଦେଖିଲା। ପିଠି ଥାପୁଡ଼ିଲା, କହିଲା - କାମ କର... ପରେ କଥା ହେବା!

ଚରିଟା ପହିଲାବାନ୍... ବିହାରୀ। ତାଙ୍କ ସାମ୍ନାରେ ମୁହଁ ଖୋଲିବା ମାନେ ମୃତ୍ୟୁଭଳି ବିଭିଷିକା ଯେମ୍ତି ଘେରା ମାରେ। ଏଇତ ସେଦିନ ରାମଲାଲ ଛତିଶଗଡ଼ରୁ ଆସି କାମକୁ ଲାଗିଥିଲା। ଖାଇବା ପାଇଁ ଚିଲ୍ଲାଇଲା। ବିହାରୀ ଜଣକ ତାକୁ ଗୋଟା ଛାଁ ଉଠାଇ କଚଡ଼ି ଦେଲା। ରାମଲାଲ୍ ସହ ଦୁଃଖସୁଖ ହୋଇ ଭାବଟାଏ ଯୋଡ଼ି ହୋଇ ଯାଇଥିଲା। ମୋ ଆଖିରୁ ଯେମ୍ତି ନିଆଁ ବାହାରିଲା ନିଆଁ! ମୋ ମନ-ମଗଜ ସବୁ କାମ କରିବା ବନ୍ଦ କରିଦେଲା। ମୁଁ ଥାଳି ଫିଙ୍ଗ ବସିପଡ଼ିଲି ରାମଲାଲ୍ ପାଖରେ। ଲୋକଟା ମୋ ବେକପାଖ ଯେମ୍ତି ମାଡ଼ି ବସିଲା। ମୁଁ ଫେରିପଡ଼ିଲି! ଫେରିପଡ଼ି ରାକ୍ଷାସ ହୋଇଗଲି। ମୋ ଦେହରେ, ମନରେ, ହୃଦୟରେ, କଳିଜାରେ ଯା'ଶକ୍ତିଥିଲା ଉଠାଇ ଫୋପାଡ଼ି ଦେଲି ଅଶିକେଜିର ମଣିଷଟାକୁ!

ମେଳି ବଢ଼ିଗଲା। ଆମେ ସବୁ ମାଡ଼ି ଆସିଲୁ। ସାଇରନ୍ ବାଜି ଉଠିଲା ଆଉ ଆଠଜଣ ବନ୍ଧୁକଧାରି ସିକ୍ୟୁରିଟି ପଶି ଆସି ସମାଧାନ ଆଡ଼କୁ କଥା ଆଗେଇଲେ। ସେଇ ପ୍ରଥମ ମୁଁ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲିଥିଲି। ତା'ପରେ ପୁଣି ନିରବତା! ପୁଣି ରଡ଼ ବାଇଣ୍ଡିଂ ପୁଣି ଥାଳିଏ ଭାତ ଆଉ ଆଠଟା ରୁଟିରେ ବନ୍ଧାପକା ଜୀବନ ଜୀବିକା!

ସଂଜ ନଇଁ ପଡୁଥାଏ। ମୁଁ ମୁହଁରୁ ଝାଳ ପୋଛିଲି। ଟେପ୍‌ରୁ ପେଟେ ପାଣି ପିଇଲି। ଗୋଟେ କପ୍ ଚ' ଆଉ ଦୁଇଟା ବ୍ରେଡ୍ ଚପ୍। ପଇଁତ୍ରିସ୍ ପାଖର ସେଇ ସ୍ତୀ ଲୋକଟା ଆଖି ନଚାଇ ଓଡ଼ିଆରେ କହିଲା - କଣ ଟାର୍ଜନ ଦୁଇଟା ବ୍ରେଡ୍ ଚପ୍‌ରେ ପେଟପୁରିବ? ନେ' ମୋ ଭାଗ ତୋର। ତୋ ଉପରେ ମୁଁ ଫିଦା। କାଲି ସଂଜକୁ ରେଡ଼ିଥିବୁ। ଭଗାଇ ଦେବି ତୋତେ। ହେଲେ ମନେରଖ, ଭାଗିବୁ ନାହିଁ। ଧରାପଡ଼ିଲେ ମାରି ଦେଇପାରନ୍ତି, ମୋ ଘରେ ଲୁଚି କି ରହିବୁ... ତା' ପରେ ଯାହା।

କୁରୁଳି ଉଠିଲି ନିଜ ଭିତରେ ନିଜେ। ନା... ଏ ଖୁସିକୁ ମୁଁ କାହା ସହିତ ବି ବାଣ୍ଟି ନଥିଲି ଏମ୍ତି କି ରାମଲାଲ୍ ସହିତ ବି ନୁହେଁ!

ସକାଳକୁ କାମରେ ମନ ନଥିଲା। ମୁକ୍ତିର ଆନନ୍ଦ ଯେମ୍ତି ଅନ୍ୟମନସ୍କ କଲା। ବିହାରୀ ଲୋକଟା ମୋ ଆଡ଼କୁ ରାଗରେ ଚହିଁଲା। ମୋତେ ଜଣାଥିଲା ଏଠି ରହିଲେ ମୃତ୍ୟୁ ନିଶ୍ଚିନ୍ତ। ନିଆଁକୁ ନିର୍ବାପିତ କରିବାର କଳା ଏମାନଙ୍କୁ ଜଣା। ଆନ୍ଦୋଳନକୁ ଦବାଇ ଦେବାରେ ଏମାନେ ଓସ୍ତାଦ! ନିରବତା ସୁଚଇ ଦିଏ ଝଡ଼ର ପ୍ରାକ୍ ପ୍ରସ୍ତୁତି। ସବୁଠି ଠରା - ଠରି କଥା।

କାମ ତଦାରଖ ବାହାନାରେ ସ୍ତୀ ଲୋକଟା ମୋ ପ୍ରତି ମିଛ ଆକ୍ଷେପ କଲା.... ଧମ୍‌କି ଦେଲା। ଆଉ କହିଗଲା ଆଜି ସଂଜରେ ଭାଗି ଯାଏଠୁ। ରାସ୍ତା ବଢ଼ାଇ ଦେବି। ନହେଲେ? ନ ହେଲେ... ମୃତ୍ୟୁ!

ମୁଁ ନିଜ ଭିତରେ ମୃତ୍ୟୁର ବରଫ ପରି ଜଡ଼ତା ଅନୁଭବ କଲି। ସଂଜ ଘଞ୍ଚ ହେଲା। ହଠାତ୍ ଲାଇଟ୍ କଟିଗଲା। କଟିଗଲା ନା କିଏ କାଟିଦେଲା ଜଣାନାହିଁ ମୋତେ। ଅନ୍ଧାର ଭିତରେ ଜଣେ ନାରୀ ହାତର ଶୀତଳ ସ୍ପର୍ଶ... ଯେମ୍ତି ମୋ ମା'। ଭିଡ଼ି ନେଇଥିଲା ମୋତେ ଅନ୍ଧାର କାଟି ଆଗକୁ। ଗୋଟେ ଗେଟ୍ ଖୋଲିଗଲା। କେବଳ ଶୁଣିଥିଲି - ମ୍ୟାଡମ୍ କ୍ୟା ଆପ୍? ହୁଁ...!

ତା ସ୍କୁଟି ପଛପଟେ ମୁଁ। ସହର ସାରା ଜନଗହଳି। ଥଣ୍ଡା ପବନ। ଜୀବନ ସବୁ ଯେମ୍ତି ଆଲୁଅ ହୋଇ ରାସ୍ତାସାରା ଚମକୁଥିଲେ। ମନେ ପକାଇପାରିଲି ନାହିଁ କେତେ ବର୍ଷ ଅର୍ଦ୍ଧଳିରେ କାଟିଦେଲି? ମୋତେ ବୟସ ଏବେ କେତେ?

ସେ ସିଧା ମୋତେ ଢୁକାଇଦେଲା ସେଲୁନ୍ ଭିତରେ। ଦାଢ଼ୀ, କେଶ କାଟି ଦେଲା ପରେ ମୁଁ ଚମ୍‌କି ପଡ଼ିଲି! ମୁଁ ଟାର୍ଜନ ନୁହେଁ ମୁଁ ସନାତନ... ମଧୁମିତାର ସନାତନ! ଅଳକା ଗଣ୍ଡ ପାଖରେ ମନର କଥା କହୁଥିବ ସନାତନ! କୁହ' ଏତେଦିନ ପରେ ତୁ ମନେ ପଡ଼ିଥିଲୁ!

ଆମେ ପହଂଚିଲା ବେଳକୁ ରାତି ନ'। ତା କ୍ୱାର୍ଟର୍ ଖୋଲିଲା। ବାଥରୁମ୍‌ରୁ ଫେରି ସେ ଉଲଗ୍ନ ପ୍ରାୟେ ଜଡ଼ାଇ ଧରିଲା ମୋତେ। ସେ ମୋତେ ତା ଓଠରେ ଚୁମା ଦେଇଥିଲା, ଗ୍ଲାସ୍‌ରେ ମଦ ଢ଼ାଳି ପିଆଇ ଥିଲା। ଖୁବ୍ ଦିନୁ ମୁଁ ଭୁଲି ଯାଇଥିଲି ମୁଁ ପୁରୁଷ! ମୁଁ ପୁଣି ପୁରୁଷ ହେଲି... ଦେଇ ଚଳିଲି ଏମ୍ତି କେତେ ରାତି ତା'ର ହିସାବ ଅବଶ୍ୟ ତୋତେ ଦେବାକୁ ଚହିଁବି ନାହିଁ।

ତେବେ ଘଟଣାର ସେଇଠି ରହିଯାଇଥିଲେ କଥା କିଛି ଅଲଗା ହୋଇପାରିଥାନ୍ତା। ମନରେ ଭାବିଥିଲି, ସଂସାରଟେ ଗଢ଼ାଯାଉ ବରଂ!

ହେଲେ ଘଟେ ନାହିଁ ଆମ ମାନଙ୍କ ପରି ମଣିଷମାନଙ୍କ ଜୀବନରେ। ସେ ରାତିରେ ସେ ଆଉ ଜଣେ ତରୁଣୀକୁ ଘରକୁ ଡାକି ଆଣିଥିଲା। ଏଥର ଗୋଟେ ଗ୍ଲାସ୍ ମଦ ଥିଲା, ଭରପୁର ଖାଇବା ଥିଲା ମାତ୍ର ଗୋଟେ ନୁହଁ ଦୁଇଟା ତୃଷାର୍ତ୍ତ ଓଠ ଥିଲା, ଦୁଇଟି କ୍ଷୁଧିତ ଦେହଥିଲା!



*(କ୍ରମଶଃ)*



**ଝୁଲଣ ଉତ୍ସବ-୨୦୨୪ ଉଦ୍‌ଯାପିତ**

# ପଞ୍ଚ ଦିବସୀୟ ଝୁଲଣ ଉତ୍ସବରେ ନୃତ୍ୟ, ସଂଗୀତ ଓ ଯନ୍ତ୍ର ସଂଗୀତର ଅପୂର୍ବ ସମାରୋହ

**କୋଣାର୍କ :** ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଚରମ ନିଦର୍ଶନ ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ଗାତ୍ରରେ ଖୋଦିତ ପ୍ରତିଟି ଭାସ୍କର୍ଯ୍ୟରେ ଓଡ଼ିଆ ଜନଜୀବନର ନିଛକଛବି ପ୍ରତିଫଳିତ। କାଳର କରାଳ ସ୍ରୋତରେ କୋଣାର୍କର କଥାକୁହା ସୂକ୍ଷ୍ମ କାରୁକାର୍ଯ୍ୟ ଆଜି ଭୂଲୁଣ୍ଠିତ। ଓଡ଼ିଆ ସଂସ୍କୃତିର ମହାକାବ୍ୟ ସୂର୍ଯ୍ୟମନ୍ଦିରର ଭଗ୍ନ ଅବୟବ ତାର ପୂର୍ବ ଚମକ ହରାଇ ସ୍ମୃତିଚିହ୍ନ ସଦୃଶ ପ୍ରତୀୟମାନ। ତେବେ ଏହି ଅପରୂପ ଭାସ୍କର୍ଯ୍ୟର ମହନୀୟ ସନ୍ଦେଶକୁ ବାସ୍ତବ ରୂପଦେବାର ସ୍ୱପ୍ନ ଦେଖିଥିଲେ ସ୍ୱର୍ଗୀୟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡଃ. ଗୁରୁ ଗଙ୍ଗାଧର ପ୍ରଧାନ। ଗଙ୍ଗାଧରଙ୍କର ଅନ୍ୟଏକ କଥାକୁହା ଜୀବନ୍ତ କୋଣାର୍କର ପରିକଳ୍ପନାରୁ ୧୯୭୮ ମସିହାରେ ଜନ୍ମନେଲା କୋଣାର୍କ ନାଟ୍ୟମଣ୍ଡପ। ଗୁରୁ ଗଙ୍ଗାଧର ଓ ତାଙ୍କର କେତେକ ସହଯୋଗୀଙ୍କ ଅକ୍ଳାନ୍ତ ପରିଶ୍ରମରେ ଏକ ଅପନ୍ତରା ଭୂଇଁ ସୁଶୋଭିତ ହେଲା ସବୁଜିମାଭରା ବୃକ୍ଷରାଜୀ। ଜୀବନ୍ତ କୋଣାର୍କର ସ୍ୱପ୍ନକୁ ସାକାର କରି ୧୯୮୫ ମସିହା ଫେବୃୟାରୀ ୧୯ରୁ୨୧ ତାରିଖ ତିନିଦିନ ବ୍ୟାପି ଏହି ମୁକ୍ତାକାଶ ନାଟ୍ୟମଣ୍ଡପରେ ଆୟୋଜିତ ହେଲା ପ୍ରଥମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବ। ମୁକ୍ତାକାଶ ରଙ୍ଗମରେ ଭାରତୀୟ ଶାସ୍ତ୍ରୀ ନୃତ୍ୟ ଓ ସଂଗୀତ ଉତ୍ସବ ଆୟୋଜନର ଏହାଥିଲା ଓଡ଼ିଶାର ପ୍ରଥମ କାର୍ଯ୍ୟକ୍ରମ। ଏହି ଉତ୍ସବକୁ ଅନୁକରଣ କରି ୧୯୮୯ମସିହାରେ ଓଡ଼ିଶା ସରକାର ଆରମ୍ଭ କଲେ କୋଣାର୍କ ନୃତ୍ୟ ଉତ୍ସବ (ଡ଼ିସେମ୍ବର ୧ରୁ୫), ଯାହାକୁ ପରବର୍ତ୍ତୀ ଅବସ୍ଥାରେ କୋଣାର୍କ ଉତ୍ସବ ନାମରେ ନାମିତ କରାଯାଇଛି। ୨୦୧୦ ମସିହାରେ ଏହି ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ ପରେ ଅକ୍ଟୋବର ୧୦ ତାରିଖରେ ଗୁରୁ ଗଙ୍ଗାଧର ଇହଲୀଳା ସମ୍ବରଣ କଲେ। ଗୁରୁଙ୍କ ଅନୁପସ୍ଥିତିରେ ତାଙ୍କର ପୁତ୍ର ତଥା ନାଟ୍ୟମଣ୍ଡପର ସଂପାଦକ ଶିବାଶିଷ ପ୍ରଧାନ ଏହି ଉତ୍ସବର ମାନ ଓ ମର୍ଯ୍ୟାଦାକୁ ଏଯାବତ ବଜାୟ ରଖିଛନ୍ତି। କୋଣାର୍କ ନାଟ୍ୟମଣ୍ଡପର ଶୁଭେଚ୍ଛୁଙ୍କ ସମେତ ନାଟ୍ୟମଣ୍ଡପର ଅନ୍ତେବାସୀ ଗୁରୁମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଆନ୍ତରିକତା ମଧ୍ୟ ଏହି ଉତ୍ସବକୁ ପରିପୁଷ୍ଟ କରିଆସିଛି। ଉତ୍ସବ ପ୍ରାରମ୍ଭରୁ ଏଯାବତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦେଶ ତଥା ବିଦେଶର ବହୁ ନୃତ୍ୟ ଓ ସଂଗୀତ ଶିଳ୍ପୀ ଏହି ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିଭା ପ୍ରଦର୍ଶନ କରି ଉତ୍ସବର ଗରିମା ବୃଦ୍ଧିରେ ସହାୟକ ହୋଇଥିବା ବେଳେ ୧୯୮୭ ମସିହାଠାରୁ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ୩୭



ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଆୟୋଜିତ ହୋଇ ଆସୁଛି ୫ଦିନିଆ ଝୁଲଣ ଉତ୍ସବ। ଏହି ଉତ୍ସବରେ ଦେଶ ବିଦେଶର ଲବ୍ଧପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ଓ ସଂଗୀତ ପ୍ରଦର୍ଶନ କରିସାରିଛନ୍ତି। ଚଳିତ ବର୍ଷ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଗତ ଅଗଷ୍ଟ ୧୫ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଆୟୋଜିତ ହୋଇଯାଇଛି ଝୁଲଣ ଉତ୍ସବ-୨୦୨୪। ଏହି ଉତ୍ସବରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ଯନ୍ତ୍ର ସଂଗୀତର ଅପୂର୍ବ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ଥିଲା। କୋଣାର୍କ ନାଟ୍ୟମଣ୍ଡପ ପରିଷରରେ ଥିବା ମୁଖ୍ୟ ନୃତ୍ୟଶାଳାରେ ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଶାସ୍ତ୍ରୀୟ ନୃତ୍ୟ ସଂଗୀତର ଚାରୋଟି ପର୍ଯ୍ୟାୟରେ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ଝୁଲଣ ଉତ୍ସବର ପ୍ରଥମ ଦିବସ ୧୫ତାରିଖରେ ଭୁବନେଶ୍ୱରର ଶୁଭଲକ୍ଷ୍ମୀ ନନ୍ଦଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ନିମାପଡାର ଗୌରୀଶଙ୍କ ଆଚାର୍ଯ୍ୟଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ, ଚେନାଇର କଳାକ୍ଷେତ୍ର ଅନୁଷ୍ଠାନ ପକ୍ଷରୁ ଡ଼ଃ ଗୋପୁକିରଣ ସଦାଶିବନ ଓ ଶ୍ରୀମତୀ ଆଶିନ୍ କିରଣଙ୍କ ଦ୍ୱାରା ଭାରତନାଟ୍ୟମ ପରିବେଷଣ କରାଯାଇଥିଲା, ଦ୍ୱିତୀୟ ଦିବସ ୧୬ତାରିଖର କାର୍ଯ୍ୟକ୍ରମରେ କଟକର ଚିନ୍ମୟ କୁମର ଦାସଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ନୁଆଦିଲ୍ଲୀର ଡ଼ଃ ରେଖାରଜୁଙ୍କ ଦ୍ୱାରା ମୋହିନିଆଟମ, ଭୁବନେଶ୍ୱରର ସୌମ୍ୟକାନ୍ତ ମଲ୍ଲିକଙ୍କ ଦ୍ୱାରା ମର୍ଦ୍ଦଳ ବାଦନ ପରିବେଷଣ କରାଯାଇଥିଲା, ତୃତୀୟ ଦିବସ ୧୭ତାରିଖରେ ଭୁବନେଶ୍ୱରର ରାଜଶ୍ରୀ ଦାସଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଭୁବନେଶ୍ୱରର ସୌମ୍ୟ ଗହନଙ୍କ ଦ୍ୱାରା ଓଡିଶୀ ସଂଗୀତ, ପୁରୀର ନବପ୍ରଭା ଅନୁଷ୍ଠାନ ପକ୍ଷରୁ ରାଜଶ୍ରୀ ମହାପାତ୍ର, ତପସ୍ୱିନୀ ଦାସ ଓ ସୁନିତା ସାହୁଙ୍କ ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଚତୁର୍ଥ ଦିବସ ୧୮ ତାରିଖରେ ଭୁବନେଶ୍ୱରର ଜଗତଜିତ ଦାସଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ନିମାପଡାର ନୃତ୍ୟାଳୟ ଏକାଡ଼େମି ପକ୍ଷରୁ ସ୍ୱର୍ଣ୍ଣପ୍ରଭା ଖଟୋଇ ଓ କୃଷ୍ଣପ୍ରିୟା ବେହେରାଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ପୁନେର ମଧୁରା ଦେଶପାଣ୍ଡେଙ୍କ ଦ୍ୱାରା କଥକ ନୃତ୍ୟ, କୋଲକତାର ରାଜା ଦତ୍ତ ଓ ଚୈତ୍ୟ ଘୋଷଙ୍କ ଦ୍ୱାରା ଭାରତନାଟ୍ୟମ୍, କୋଣାର୍କ ମୁଳିସାହିର ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଉତ୍ସବର ଉଦ୍‌ଯାପନି ଦିବସ ୧୯ ତାରିଖରେ ଭୁବନେଶ୍ୱରର ଆକାଂକ୍ଷ୍ୟା ଦାସଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଭୁବନେଶ୍ୱରର ଅଭିପ୍ସା ବିଶ୍ୱାଳଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଚେନାଇର ଗାୟତ୍ରୀ ବୈଦ୍ୟନାଥଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଏବଂ ଅନ୍ତିମ ପର୍ଯ୍ୟାୟରେ କୋଣାର୍କର ବରିଷ୍ଠ କଳାକାର ଗୁରୁ ବାସୁଦେବ ବିଶ୍ୱାଳ ଓ ସାଥିଙ୍କ ପକ୍ଷରୁ ପାରମ୍ପାରିକ ବୈଠକି ସଂଗୀତ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ ରାଜ୍ୟ ସମେତ କୋଲକତା, ପଶ୍ଚିମବଙ୍ଗ, ମୁମ୍ବାଇ ପ୍ରଭୃତି ଅଂଚଳରୁ ୩୦ଜଣରୁ ଅଧିକ କଳାକାରମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ନୃତ୍ୟ ଶିଳ୍ପୀ, ସଂଗୀତ ଓ ଜନ୍ତ୍ର ସଂଗୀତ ପରିବେଷଣ କରିଥିଲେ। ପରିବେଶ ସୁରକ୍ଷା ଓ ସବୁଜ ବଳୟ ପାଇଁ କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମସ୍ତ କଳାକାର ଓ ଅତିଥିମାନଙ୍କୁ ଗୁଆ ଗଛ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟୀ ରଖିବା ପାଇଁ କୋଣାର୍କ ନାଟ୍ୟମଣ୍ଡପର ଏହି ଉଦ୍ୟମ ବେଶ ପ୍ରଶଂସା ଯୋଗ୍ୟ ବୋଲି ପ୍ରଥିତଯଶା ଗୁରୁମାନେ ମତବ୍ୟକ୍ତ ବେଳେ ଆଗାମୀ ପିଢିର କଳାକାରଙ୍କମାନଙ୍କ ପାଇଁ ଯତ୍ନବାନ ହେବା ଜରୁରି ହୋଇପଇଛି ବୋଲି କଳାପ୍ରେମୀମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ରାଧାକୃଷ୍ଣଙ୍କର ରାସଲୀଳାର ଝୁଲଣ ଝାଙ୍କି ପ୍ରଦର୍ଶିତ ହେବା ସହ ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବାପରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସଂଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏତଦବ୍ୟତିତ ଉଦଯାପନି ଦିବସର ଅପରାହ୍ନରେ ସଂକୀର୍ତ୍ତନ, ବୃକ୍ଷରୋପଣ ଓ ବୃକ୍ଷ ମାନଙ୍କୁ ରକ୍ଷା ବନ୍ଧନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଟିଆ ପଞ୍ଚାୟତରୁ ...

ବିବାଦୀୟ ୨୧ଟି ଗ୍ରାମପୁଞ୍ଜ ମଧ୍ୟରୁ ମହିପାଣି ଓ ସିଡିଓ୍ୱାଲସା ଗ୍ରାମବାସୀ ନିଜ ସୁବିଧା ଅନୁଯାୟୀ ମୂଳ ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲି ଯାଇଛନ୍ତି। ଫଳରେ ବର୍ତ୍ତମାନ ଉକ୍ତ ଦୁଇଟି ଗାଁ ଆଉ ମୂଳ ସ୍ଥାନରେ ନାହିଁ, କେବଳ ମାନଚିତ୍ରରେ ଏକ ନାଁ ହୋଇ ସୀମିତ ରହିଯାଇଛି। କୋଟିଆ ପଞ୍ଚାୟତର ଗଞ୍ଜେଇପଦର, କୋଟିଆ, ସିଡିଓ୍ୱାଲସା, ଉପରସେମ୍ବି, ତଳସେମ୍ବି, ଧୂଳିପଦର, ଆରକୁଓ୍ୱାଲସା, ନେରେଡିଓ୍ୱାଲସା, ତାଡିଓ୍ୱାଲସା, ମାର୍କାର, ବର୍ଣ୍ଣପାଡ୍ରୁ, ଡଲିଆମ୍ବ, ଫଗୁଣ ସିନେରୀ, ଫାଟୁ ସିନେରୀ, ସଲପଗୁଡ଼ା, କର୍ଣ୍ଣଦୋରା, ହରମାଣ୍ଡିଙ୍ଗି, ମହିପାଣି, ରଣାସିଂ, ପନିକି, ସିମାଗଡ଼ା ପ୍ରମୁଖ ୨୧ଟି ଗ୍ରାମ ବିବାଦୀୟ ଭାବେ ରହି ଆସିଛି। ଏହାକୁ ନେଇ ଆଜି ମଧ୍ୟ ମାମଲା ଚାଲିଛି। ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସଂସଦକୁ ଦାୟିତ୍ୱ ଦେଇଥିଲେ ମଧ୍ୟ ପ୍ରାୟ ୫୦ ବର୍ଷ ହେବ ସମାଧାନର ପନ୍ଥା ବାହାରି ପାରିନାହିଁ। ମହିପାଣି ଓ ସିଡିଓ୍ୱାଲସା ବ୍ୟତୀତ ଅନ୍ୟ ୧୯ଖଣ୍ଡ ଗ୍ରାମ ଆଜି ମଧ୍ୟ ବିବାଦୀୟ ସ୍ଥିତିରେ ରହିଥିବା ବେଳେ ଉକ୍ତ ଦୁଇଟି ଗ୍ରାମର ଲୋକେ ଜଣେ ମଧ୍ୟ ମୂଳ ଗାଁରେ ନାହାନ୍ତି। ତେଣୁ ମହିପାଣି ଏବଂ ସିଡିଓ୍ୱାଲସା ଗ୍ରାମର ଲୋକେ ଯେପରି ନିଜ ଗାଁକୁ ଫେରିବେ, ସେଥିପାଇଁ ରାଜ୍ୟ ସରକାର ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସୀମାନ୍ତ ଗ୍ରାମବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ଓ ପୂର୍ବ ସରକାର କରିଥିବା ଯୋଜନାକୁ ଆଗେଇ ନ ନେଲେ ଆଉ କିଛି ସୀମାନ୍ତ ଗ୍ରାମ ଆନ୍ଧ୍ରପ୍ରଦେଶରେ ବିଲୀନ ହୋଇଯିବ।

### ସହଜ ହେବନି ...

ହସ୍ତକ୍ଷେପର ସଙ୍ଗୀନ ଅଭିଯୋଗ ତାଙ୍କ ବିରୁଦ୍ଧରେ ରହିଛି। ଆଇପିଏସ୍ ଶ୍ରୀ କୁଟେଙ୍କୁ ଜାରି ଚାର୍ଜସିଟ ଅନୁସାରେ, ସାଧାରଣ ନିର୍ବାଚନ ଚାଲିଥିବାବେଳେ ଶ୍ରୀ କୁଟେ ୨୦୨୪ ମେ' ୨୪ତାରିଖ ବିଳମ୍ବିତ ସନ୍ଧ୍ୟାରେ ତତକାଳୀନ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇଏଏସ୍ ଏନ୍.ଥିରୁମାଳା ନାଏକଙ୍କୁ ବାରମ୍ବାର ଫୋନ୍ କରିଥିଲେ ଓ 'ବିଜେପିର ଏକ ନିର୍ବାଚନୀ ବିଜ୍ଞାପନ'କୁ କାହିଁକି ଅନୁମୋଦନ କଲେ ବୋଲି ପ୍ରଶ୍ନ କରି ବିରକ୍ତ ହୋଇଥିଲେ। ତୁରନ୍ତ ଉକ୍ତ ବିଜ୍ଞାପନର ଅନୁମୋଦନକୁ ପ୍ରତ୍ୟାହାର କର ଓ ତା'ଯେଭଳି ଖବରକାଗଜରେ ପ୍ରକାଶିତ ନହେବ ତାହା ସୁନିଶ୍ଚିତ କରିବାକୁ ଶ୍ରୀ କୁଟେ ତାଗିଦ୍ କରିଥିବାର ଶ୍ରୀ ନାଏକ ଅଭିଯୋଗ କରିଥିଲେ ବୋଲି ଚାର୍ଜସିଟରେ ଉଲ୍ଲେଖ ରହିଛି। ବରିଷ୍ଠ ଆଇଏଏସ୍ ସେତେବେଳେ ଶ୍ରୀ ନାଏକ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି (ଏମସିଏମସି) ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ। ସେହିପରି ଶ୍ରୀ କୁଟେ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଦିନ ଅର୍ଥାତ୍ ମେ' ୨୫ତାରିଖରେ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଇଏଏସ୍ ଚଞ୍ଚଳ ରାଣା ଓ କିଛି ପୁଲିସ ଅଫିସରଙ୍କୁ ଫୋନ୍ କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀ(ଯଦିଓ ଦିଆଯାଇଥିବା ଚାର୍ଜସିଟରେ ପ୍ରଶାନ୍ତ ଜଗଦେବଙ୍କ ନାଁ ଉଲ୍ଲେଖ ନାହିଁ)ଙ୍କୁ ଗିରଫ କରିବା ପାଇଁ ଚାପ ପକାଇଥିଲେ। ଏନେଇ ଜିଲ୍ଲାପାଳ ଶ୍ରୀ ରାଣା ମଧ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରିଥିଲେ। କୁଟେଙ୍କ ବିରୁଦ୍ଧରେ ଏହି ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ଆଣିଥିବା ଅଭିଯୋଗ ସହ ସେମାନଙ୍କୁ ସାକ୍ଷୀ (ପ୍ରେଜେଣ୍ଟିଂ ଓ୍ୱିଟନେସ) ଭାବେ ସାମିଲ କରାଯାଇଥିବାରୁ ତଦନ୍ତରୁ ଖସିବା ଶ୍ରୀ କୁଟେଙ୍କ ପାଇଁ ସହଜ ହେବନି ବୋଲି ଗୃହ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏପରିକି ଶ୍ରୀ କୁଟେଙ୍କୁ ଏଥିପାଇଁ ନିଜ ଚାକିରିରୁ ବରଖାସ୍ତ କିମ୍ବା ପଦୋବନତି ହେବାର ଆଶଙ୍କା ରହିଛି। ସର୍ବଭାରତୀୟ ସେବାର କଣ୍ଡକ୍ଟ ରୁଲସ୍ -୧୯୬୮ର ରୁଲ-୧୮(ରାଜନୀତିକ ଗତିବିଧିରେ ସମ୍ପୃକ୍ତି)କୁ ଉଲ୍ଲଙ୍ଘନ କରିଥିବା ପ୍ରମାଣିତ ହୋଇଗଲେ ତାହା ଶ୍ରୀ କୁଟେଙ୍କୁ ବେଶ୍ ମହଙ୍ଗା ପଡ଼ିପାରେ ବୋଲି ଜଣାପଡ଼ିଛି। ସେହିପରି ବିଜେଡି ସରକାରର ଅନ୍ୟତମ ପାଓ୍ୱାରଫୁଲ ଆଇପିଏସ୍ ୨୦୦୪ ବ୍ୟାଚର ଆଶୀଷ ସିଂଙ୍କୁ ଅଗଷ୍ଟ ୬ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚାର୍ଜସିଟ୍ ଜାରି କରିଛନ୍ତି। ତାଙ୍କୁ ମଧ୍ୟ ୩୦ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଶ୍ରୀ ସିଂ ସ୍ୱାସ୍ଥ୍ୟ ଖରାପ ଥିବା ନେଇ ମିଛ କହିଥିବାର ପ୍ରମାଣ ମିଳିଛି। ସେ ସ୍ୱାସ୍ଥ୍ୟଗତ ଓ ମାନସିକସ୍ତରରେ ସମ୍ପୂର୍ଣ୍ଣ ଫିଟ୍ ଥିବା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମ୍ସର ମେଡିକାଲ ବୋର୍ଡ ରିପୋର୍ଟ ଦେଇଥିଲେ। ତେବେ ସର୍ବଭାରତୀୟ ସେବାର ଉଚ୍ଚ ପାହ୍ୟାରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ଏଭଳି ଆଚରଣ ସିଧାସଳଖ ସର୍ବଭାରତୀୟ ସେବାର କଣ୍ଡକ୍ଟ ରୁଲସ୍ - ୧୯୬୮ର ରୁଲ-୩ର ଉଲ୍ଲଙ୍ଘନ କରୁଛି। ତେଣୁ ଏହି ଉଭୟ ଅଫିସରଙ୍କ ଅଡୁଆ ବଢ଼ିଛି।

### ସୁଭଦ୍ରା ପାଇଁ ...

ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୁର୍ଦ୍ଧ୍ୱ ସହାୟତା ଅବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସେ ସୁଭଦ୍ରା ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ। ପ୍ରତ୍ୟେକ ହିତାଧିକାରୀଙ୍କୁ ରାକ୍ଷୀ ପୂର୍ଣ୍ଣିମା ଓ ଆନ୍ତର୍ଜାତିକ ମହିଳା ଦିବସରେ ୫ହଜାର ଟଙ୍କା ଲେଖାଏଁ ବାର୍ଷିକ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ତେଣୁ ୫ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଡିବିଟି ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ। ସେହିପରି ଡିଜିଟାଲ କାରାବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଂଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳମାନେ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବ। ଏହି ଯୋଜନାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ 'ସୁଭଦ୍ରା ସୋସାଇଟି' ଗଠନ କରାଯିବ। ସୁଭଦ୍ରା ଯୋଜନାର ଶୁଭାରମ୍ଭ ଯଥାଶୀଘ୍ର କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟର ଏହା ଦୂରଦୃଷ୍ଟି ସମ୍ପନ୍ନ ଓ ସୁଦୂରପ୍ରସାରୀ ନିଷ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ କ୍ଷମତାକୁ ଆସିଲେ ମହିଳାଙ୍କୁ ୨ବର୍ଷରେ ୫୦ହଜାର ଟଙ୍କା ଖର୍ଚ୍ଚ କରିବାର ଭାଉଚର ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା।

### ବିଷାକ୍ତ ମଦର ...

କାହା ପାଓ୍ୱାରରେ ସେ ଏମିତି ମଦ ବିକ୍ରି କରୁଛି ? ତାହାକୁ ନେଇ ଉଠିଲାଣି ପ୍ରଶ୍ନ। ଗଞ୍ଜାମ ଏମିତି ଏକି ଜିଲ୍ଲା ଯେଉଁଠାରେ ରାଜ୍ୟର ସର୍ବାଧିକ ମଦ ଦୋକାନ ରହିଛି। ଖାଲି ମଦ ଦୋକାନରେ ରେକର୍ଡ କରିଛି ତାହା ନୁହେଁ ବରଂ ବିଷାକ୍ତ ମଦ ମୃତ୍ୟୁ ମାମଲାରେ ବି ଅପବାଦ ମୁଣ୍ଡାଇଛି। ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ୨୫ଟି ଲାଇସେନ୍ସପ୍ରାପ୍ତ ମହୁଲି ମଦ ଭାଟି ରହିଛି ସତ କିନ୍ତୁ ରାଜନୈତିକ ଛତ୍ରଛାୟାରେ ଛତୁଫୁଟିଲା ଭଳି ଚାଲିଛି ଅନେକ ବେଆଇନ ମଦ ଭାଟି। ପରିଣାମ ସ୍ୱରୂପ ୨୦୦୬, ମାର୍ଚ୍ଚ ୧୭ରେ ଜିଲ୍ଲାର ସାନରାମଚନ୍ଦ୍ରପୁର, ଗଡ଼ହୁମ୍ପା, ମଧୁରଚୁଆଁ ଗାଁରେ ୨୨ ଜଣଙ୍କ ଯାଇଥିଲା ଜୀବନ। କେବଳ ଗଞ୍ଜାମ ଜିଲ୍ଲାରେ ନୁହେଁ ବରଂ ପୁରା ଓଡ଼ିଶାରେ ମଦ ମୃତ୍ୟୁର କଥା ସାମ୍ନାକୁ ଆସିଛି। ଅନେକ ଦିନ ତଳେ ବିଷାକ୍ତ ମଦ ପିଇ କଟକରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସେତେବେଳେ ପୁରା ରାଜ୍ୟରେ ଚହଳ ପଡ଼ିଥିଲା। ଆଉ ଏବେ ପୁଣି ଥରେ ମଦ ମୃତ୍ୟୁ ହେବା ପରେ ଚର୍ଚ୍ଚା ଜୋର ଧରିଛି।

### ମାଲକାନଗିରି ...

ଭୁବନେଶ୍ୱର, ରାଉରକେଲା, ଜୟପୁର, ଉତ୍କେଲା ଏୟାରପୋର୍ଟକୁ ହିଁ ଡିଜିସିଏର ଅନୁମତି ରହିଛି। ବିମାନ ଚଳାଚଳ ନେଇ କୌଣସି ଅନୁମତି ନ ଥାଇ ଏହି ବିମାନ ବନ୍ଦରକୁ ଉଦ୍‌ଘାଟନ କରିଦେଲେ ବିଜେଡି ସରକାର। ଅର୍ଥାତ୍ ନବୀନ ପଟ୍ଟନାୟକ ଜାଣିଥିଲେ ବିମାନବନ୍ଦର ନାଁରେ ମୁଖ୍ୟମନ୍ତ୍ରୀ ଭାବେ ଯାହା କହୁଛନ୍ତି ତାହା ମିଛ। ତଥାପି କେବଳ ଭୋଟ୍ ପାଇଁ ଆଦିବାସୀଙ୍କ ସହ ଛଳନା କରିଥିଲେ। ୨୩୩ ଏକର ପରିବ୍ୟାପ୍ତ ଅଞ୍ଚଳର ବିମାନ ବନ୍ଦର, ୧୬୨୦ ମିଟର ଦୀର୍ଘ ରନୱେ ନିର୍ମାଣ କରାଯାଇଥିବା କୁହାଗଲା। ରାଜକୋଷରୁ ଖର୍ଚ୍ଚ ୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କରାଗଲା ଘୋଷଣା। ବିମାନ ବନ୍ଦର ଉଦଘାଟନ କରି ନବୀନ କହିଥିଲେ ମାଲକାନଗିରିକୁ ଆକାଶପଥରେ ସଂଯୋଗ ଦ୍ୱାରା ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ। ଓଡିଶାରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ ନବୀନ। ଡିଜିସିଏ ଅନୁମତି ନାହିଁ ବିମାନ ଚଳାଚଳ କରିପାରିବ ନାହିଁ ଜାଣି ସୁଦ୍ଧା ମାଲକାନଗିରିବାସୀଙ୍କୁ ଭଣ୍ଡାଇଥିଲେ ନବୀନ ପଟ୍ଟନାୟକ। ସମୟ ସହ ଖୋଲୁଛି ନବୀନ ପଟ୍ଟନାୟକ ଓ ତାଙ୍କ ଅମଳରେ ବିଜେଡି କରିଥିବା ତମାମ୍ କେଲେଙ୍କାରୀର ଗୁମର। ବିକାଶ ଓ ରୂପାନ୍ତରୀକରଣ ନାଁରେ ନବୀନ, ତାଙ୍କ ଦଳ ଓ ସରକାର କେମିତି ଲୋକଙ୍କୁ ଭୁଆଁ ବୁଲାଉଥିଲେ ତାର ପ୍ରମାଣ ସାମ୍ନାକୁ ଆସୁଛି।

### ବନ୍ଦ ହେବ ...

ପୂର୍ବ ବିଜେଡି ସରକାର ସମୟରେ ହିଁ ରାଜ୍ୟରେ ବେଆଇନ ଓ ଚୋରା ମଦକାରବାର ବୃଦ୍ଧି ପାଇଛି। କିନ୍ତୁ ବିଜେପି ସରକାର ରାଜ୍ୟରେ ଏହି ଚୋରା ମଦକାରବାର ଉପରେ ସମ୍ପୂର୍ଣ୍ଣ ଲଗାମ ଦେବା ପାଇଁ ବଦ୍ଧ ପରିକର। ନୂଆ ଅବକାରୀ ନୀତିରେ ଏସବୁ ଉଲ୍ଲେଖ କରାଯିବ। ବିଜେଡି ସରକାରକୁ ସମାଲୋଚନା କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ, ପୂର୍ବ ସରକାର ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦେଉଥିଲା। କିନ୍ତୁ ବିଜେପି ସରକାର ସେଭଳି ହେବାକୁ ଦେବନି। ନୂଆ ଅବକାରୀ ନୀତି କାର୍ଯ୍ୟକ୍ଷମ ହେଲେ ବେଆଇନ ମଦ କାରବାର ନେଟଓ୍ୱାର୍କ ସମ୍ପୂର୍ଣ୍ଣ ଭୁଶୁଡ଼ିଯିବ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମଧ୍ୟ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଭାବେ ଖୋଲା ଯାଇଥିବା ମଦ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଚିକିଟି ମଦମୃତ୍ୟୁକୁ ନେଇ ଏବେ ଶାସକ-ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

### ବିଜେଡି ...

ସେହିପରି ଜିଲ୍ଲା ଖଣିଜ ପାଣ୍ଠିକୁ ବିଗତ ୫ବର୍ଷ ମଧ୍ୟରେ ମୋଟ ୧୩୯୧.୯୪କୋଟି ଟଙ୍କା ମିଳିଛି। ସେଥିରୁ ୩୫୯୯ଟି ପ୍ରକଳ୍ପ ପାଇଁ ୧୦୩୨.୫୪କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଜୁଲାଇ ଶେଷସୁଦ୍ଧା ଖଣିଜ ପାଣ୍ଠିରେ ୬୧୨କୋଟି ଟଙ୍କା ବଳକା ରହିଛି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଯାଜପୁର ତୁଳନାରେ ବହୁ ଜିଲ୍ଲା ଅପେକ୍ଷାକୃତ ଅନୁନ୍ନତ ହୋଇଥିଲେ ମଧ୍ୟ ନବୀନ କାହିଁକି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଯାଜପୁରକୁ କୋଟିକୋଟି ଟଙ୍କା ଆଖିବୁଜି ଅଜାଡ଼ି ଦେଉଥିଲେ ? ଏହି ଅର୍ଥକୁ ଯାଜପୁରରେ କାଗଜପତ୍ରରେ ଆବଂଟନ କରି ବିଜେଡି ନିଜର ଦଳୀୟ ପାଣ୍ଠି ସଂଗ୍ରହ କରୁନଥିଲା ତ ? ବିଜେଡିର ପ୍ରଭାବଶାଳୀ ନେତା ପ୍ରଣବପ୍ରକାଶ ଦାସଙ୍କ ମାଧ୍ୟମରେ ଏହି ସରକାରୀ ପାଣ୍ଠିର ବାଟମାରଣା ହୋଇନାହିଁ ତ ? ତେଣୁ ମୋହନ ସରକାର ଯଦି ଏହି ଯାଜପୁରକୁ ଆବଣ୍ଟିତ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ'ର ବିସ୍ତୃତ ଅଡିଟ୍ କରନ୍ତେ ତା'ହେଲେ ବିଜେଡି ସରକାରର ଅସଲମୁଖା ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

### ନିର୍ମାଣ ହେବ ...

ରାଜ୍ୟରେ ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରେ ରେସନକାର୍ଡଧାରୀଙ୍କୁ ସହଜରେ ଚାଉଳ ଯୋଗାଇ ଦେବା ପାଇଁ ଚାଉଳ ଏଟିଏମ ସ୍ଥାପନ କରାଯାଇଛି। ପର୍ଯ୍ୟାୟକ୍ରମେ ସବୁ ଜିଲାରେ ଚାଉଳ ଏଟିଏମ ଖୋଲିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଫୁଡ୍ ସବସିଡି (ଖାଦ୍ୟ ରିଆତି) ବାବଦରେ ରାଜ୍ୟର ବକେୟା ଅର୍ଥରୁ କେନ୍ଦ୍ର ସରକାର ୨୫୦୦କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟି ଏହି ଦାବି ଜଣାଇବା ପରେ ବକେୟା ଅର୍ଥରୁ ୨୫୦୦କୋଟି ଟଙ୍କା ମିଳିଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଫୁଡ୍ ସବସିଡି ବାବଦରେ କେନ୍ଦ୍ର ସରକାରଙ୍କ ଉପରେ ୨୦୧୪ ରୁ ୨୦୨୪ ମଧ୍ୟରେ ରାଜ୍ୟର ୯୫୬୪କୋଟି ଟଙ୍କା ବକେୟା ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାରେ ରାଜ୍ୟରେ ବିନିଯୋଗ ହୋଇଥିବା ଚାଉଳ ବାବଦରେ କେନ୍ଦ୍ର ସରକାର ସବସିଡି ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ୨୦୨୩-୨୪ ଖରିଫ ଋତୁରେ ୧୩.୩୬ଲକ୍ଷ ଚାଷୀଙ୍କଠାରୁ ୫୮.୦୩ଲକ୍ଷ ମେଟ୍ରିକ ଟନ୍ ଧାନ, ରବି ଋତୁରେ ୧.୯୬ଲକ୍ଷ ଚାଷୀଙ୍କଠାରୁ ୧୨.୮୫ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିଲା। ଗତ ଖରିଫ ଓ ରବି ଋତୁରେ ସଂଗୃହୀତ ଧାନର ମୂଲ୍ୟ ବାବଦରେ ମୋଟ ୧୫,୪୭୫କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। ୨୦୨୩-୨୪ରେ ଚାଉଳ ବାବଦକୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୫୮୭୧କୋଟି ଟଙ୍କା ପୈଠ କରିଛନ୍ତି। ଏଫସିଆଇ ୧୪,୬୦,୫୮୯ ମେଟ୍ରିକ ଟନ୍ ଚାଉଳ ନେଇସାରିଛି। ୧୦,୬୯,୯୮୬ ମେଟ୍ରିକ ଟନ୍ ଚାଉଳ ନେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି।

### ଅଣ-ମୌସୁମୀ ...

ବର୍ତ୍ତମାନ ମହାନଦୀ ବିବାଦ ଟ୍ରିବ୍ୟୁନାଲଙ୍କ ନିକଟରେ ବିଚାରାଧୀନ ଅଛି। ସେହିପରି ପୋଲାଭରମ୍ ବିବାଦରେ ଓଡ଼ିଶା ସରକାର ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ନଦେଇ ସୁପ୍ରିମକୋର୍ଟଙ୍କ ନିକଟରେ ଏହି ବିବାଦର ସମାଧାନ ପାଇଁ ଦ୍ୱାରସ୍ଥ ହୋଇଛନ୍ତି। ବର୍ତ୍ତମାନ ବିବାଦ ସୁପ୍ରିମକୋର୍ଟଙ୍କ ନିକଟରେ ବିଚାରଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାତ୍ର ଉଭୟ ଘଟଣାର ସମାଧାନ ପାଇଁ ରାଜ୍ୟ ସରକାର ନିଜ ଆଡୁ କ'ଣ ପଦକ୍ଷେପ ନେବେ, ସେନେଇ ଶବ୍ଦଟିଏ ମଧ୍ୟ ଉଲ୍ଲେଖ କରିନାହାନ୍ତି। ଉଲ୍ଲେଖଯୋଗ୍ୟ, ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ, ମହାନଦୀ ଅବବାହିକା ଅନ୍ତର୍ଭୁକ୍ତ ୨୨ଟି ଜିଲ୍ଲାରେ ଅନେକଗୁଡ଼ିଏ ଜଳଭଣ୍ଡାର ନିର୍ମାଣ କରିଛନ୍ତି। ମୋଟ ୪୫ଟି ବୃହତ୍ ଓ ମଧ୍ୟମଧରଣର ଜଳଭଣ୍ଡାର ସହ ୨୦୫୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଶହଶହ ସଂଖ୍ୟାରେ ଚେକଡ୍ୟାମ ଏବଂ ଆନିକଟ ନିର୍ମାଣ କରିଛି। ଏହାର କୁଫଳ ଉଭୟ ମୌସୁମୀ ଏବଂ ଅଣମୌସୁମୀ ସମୟରେ ଓଡ଼ିଶା ଭୋଗୁଛି। ସେହିପରି ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେଇଥିବା ବେଳେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଓଡ଼ିଶାର କାଲିମେଳା ଏବଂ ମୋଟୁର ପ୍ରାୟ ୨୦୦ ଗାଁ ଜଳମଗ୍ନ ହେବ। ସମାନ ସମୟରେ ଛତିଶଗଡ଼ ଏବଂ ଆନ୍ଧ୍ର ସରକାର କେନ୍ଦ୍ର ଉପରେ ଚାପ ପକାଇ ନିଜ ସ୍ୱାର୍ଥ ହାସଲ କରୁଥିବା ବେଳେ ଓଡ଼ିଶା ସରକାର ଅଦାଲତ ଓ ଟ୍ରିବ୍ୟୁନାଲ ବାହାନା ଦେଖାଇବାକୁ ବୁଦ୍ଧିଜୀବୀମାନେ ଗ୍ରହଣ କରିପାରୁନାହାନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ପୁରୁଣା ଥାନା ଗୃହ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନାକୁ ୨୦୦୪ ମସିହାରେ ମାଓବାଦୀ ମାନେ ବମ୍ ଲଗାଇ ଉଡ଼ାଇ ଦେବା ପରେ ସେହି ସ୍ଥାନର ପଛପଟ ଲକ୍ଷାଧିକ ଟଙ୍କା ବେୟରେ ନୂତନ ଥାନା ନିର୍ମିତ ହୋଇଥିଲା। ସେଠାରେ କିଛି ଦିନ ଧରି ଥାନା ଚାଲିଲା ପରେ ପୁଣି ସେଇ ଥାନାକୁ ଛାଡ଼ି କିଛି ଦୂରରେ ପୋଲିସ ହାଉସିଙ୍ଗ ବୋର୍ଡ ତରଫରୁ ଏକ ତିନି ତାଲା ବିଶିଷ୍ଟ ଥାନା ନିର୍ମିତ କରାଗଲା। ସେଠାକୁ ଥାନା ସ୍ଥାନାନ୍ତର ହେବା ପରଠୁ ପୁରୁଣା ଥାନା ଗୃହ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବ୍ୟବହାର ହେଉ ନଥିବାରୁ ଭୁତ କୋଠୀ ଭଳି ପଡ଼ି ରହିଚି। ବିଭିନ୍ନ ଅପରାଧିକ ଘଟଣାରେ ଜବତ ହୋଇଥିବା ଗାଡ଼ି ଗୁଡ଼ିକ ଥାନା ପରିସର ମଧ୍ୟରେ ରହି ଖତ ଖାଉଛି। ଖାଲି ସେତିକି ନୁହଁ ବିଜୁଳି ସମସ୍ୟା ଦୂର କରିବା ପାଇଁ ଛାତ ଉପରେ ଲାଗିଥିବା ଲକ୍ଷାଧିକ ଟଙ୍କାର ସୋଲାର ସିଷ୍ଟମ ନଷ୍ଟ ହେବାକୁ ବସି ଥିଲେ ମଧ୍ୟ ପୋଲିସ ବିଭାଗର ନଜର ଯାଉନି। ସେଥି ପ୍ରତି ଦୃଷ୍ଟି ନଦେଲେ ପୁରୁଣା ଥାନା ଗୃହ ମାଟିରେ ମିଶିବାକୁ ବେଶୀ ଦିନ ଲାଗିବନି। ତେଣୁ ବିଭାଗୀୟ ଅଧିକାରୀ ମାନେ ଏଥି ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ ହୋଇ ପଡିଛି।

# ବଜ୍ରପାତରୁ ସୁରକ୍ଷା ପାଇଁ ତାଳ ମଞ୍ଜି ରୋପଣ

**ପାରାଦ୍ୱୀପ :** ପାରାଦ୍ୱୀପ ତଥା ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ପ୍ରୟାସ ପକ୍ଷରୁ ନୂଆଗଡ ଠାରୁ କୁଜଙ୍ଗ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ବନ୍ଧରେ ପାଖାପାଖି ଦଶ କି.ମି ଉର୍ଦ୍ଧ୍ୱ ଲକ୍ଷ ନେଇ ତାଳ ମଞ୍ଜି ରୋପଣ ଆରମ୍ଭ କରାଯାଇଛି। ସଂପ୍ରତି ବିଭିନ୍ନ ସ୍ଥାନରେ ବଜ୍ରପାତ ଅଧିକ ଅନୁଭୂତି ହେବା କାରଣରୁ ପ୍ରତିବର୍ଷ ବହୁ ଧନ ଜୀବନ ହାନି ଘଟୁଛି। ଏଥିରୁ ରକ୍ଷା ନିମନ୍ତେ ସରକାର ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ତଥା ସଚେତନତା ସୃଷ୍ଟି କରୁଛନ୍ତି। ତେବେ ବଜ୍ରପାତ ମୁକାବିଲା ପାଇଁ ତାଳ ଗଛ ବିଶେଷ ଉପଯୋଗୀ ବୋଲି କୁହାଯାଉଛି। ତେଣୁ ଗାଁ ଠୁଁ ସହର ର ସବୁଠି ପ୍ରଯ୍ୟାପ୍ତ ତାଳ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ଏହି ଅଭିଯାନରେ ସାମିଲ ହୋଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ପ୍ରୟାସ। ଅଦ୍ୟାବଧି ୨୦୧୮ ମସିହା ଠାରୁ ପ୍ରତିବର୍ଷ ତାଳ ମଞ୍ଜି ରୋପଣ ସହ ଏହାର ଯତ୍ନ ମଧ୍ୟ ନିଆଯାଉଛି। ପୂର୍ବ ବର୍ଷ ମାନଙ୍କରେ ଷଣ୍ଢକୁଦ



ଠାରୁ ସାଇନ୍ସ ପାର୍କ, ମୂଷାଡିଆ ମହାନଦୀ ବନ୍ଧ ଏବଂ ଦୋଛାକିରୁ ନୂଆଗଡ ପର୍ଯ୍ୟନ୍ତ ତିନି ହଜାର ଉର୍ଦ୍ଧ ପୋତା ଯାଇଥିବା ବେଳେ ତାହା ଏବେ ତିନି ଚାରି ଫୁଟ ଗଛ ହୋଇଥିବା ଦେଖିବାକୁ ମିଳୁଛି। ସଂଗଠନର ଅମିୟ ପ୍ରସାଦ ଦାସ, ଦେବୀ ପ୍ରସାଦ ସାହୁ, ଦେବ କଲ୍ୟାଣ ମହାପାତ୍ର,ବିଷ୍ଣୁ ଚରଣ ମୁଦୁଲି, ନରେନ୍ଦ୍ର ବର୍ମନ, ଭଞ୍ଜ କିଶୋର ମଲ୍ଲିକ, କ୍ୱିନ୍ଦ୍ର ସେଠୀ, ଜଗଦୀଶ ମଣ୍ଡଳ, ନିହାର ରଞ୍ଜନ ବାରିକ, ଦୀପକ ସ୍ୱାଇଁ, ପ୍ରକାଶ ପ୍ରଧାନ, ରାଜକିଶୋର କାଣ୍ଡି ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏଭଳି ମହତ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

**ବନ୍ଧା ପଡିଛନ୍ତି ୨୧ ବିଦେଶୀ ନାବିକ**

# ଜାହାଜ ଏମ୍‌ଭି ଦେବୀକୁ ବିକ୍ରି ନିର୍ଦ୍ଦେଶ

**ପାରାଦ୍ୱୀପ :** ପାରାଦ୍ୱୀପ ବନ୍ଦରରେ ଗତବର୍ଷ ୨୦୨୩ ନଭେମ୍ବର ପିଆଇସିଟି ବର୍ଥ ରେ ଲାଗିଥିବା ଏମ ଭି ଦେବୀ ଜାହାଜରୁ ୨୦ ପ୍ୟାକେଟ କୋକେନ୍ ଜବତ ହୋଇଥିଲା ଯାହାର ବଜାର ମୂଲ୍ୟ ପାଖାପାଖି ୨୨୦ କୋଟି ହେବ। ନଅ ମାସ ହେବ ଏହି ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ, ଏମ ଭି ଦେବୀ ଜାହାଜକୁ ପୋର୍ଟ ଆଙ୍କରେଜ୍ ଏରିଆରେ ଅଟକ ରଖାଯାଇଛି। ତେଣୁ ଏହାର ଆଙ୍କରେଜ ଭଡ଼ା ବାବଦ ଅର୍ଥ ପଇଠ କରିବା ପାଇଁ ଘରୋଇ କମ୍ପାନୀ ପିଆଇସିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ମଙ୍ଗଳବାର ଓଡ଼ିଶା ହାଇକୋର୍ଟ ନିଜ ରାୟ ପ୍ରକାଶ କରି ଜାହାଜକୁ ବିକ୍ରି କରି ଅର୍ଥ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବିକ୍ରି ଅର୍ଥରେ ବର୍ଥ ପରିଚାଳନା କରୁଥିବା ଘରୋଇ କମ୍ପାନୀ ପିଆଇସିଟି ତାର ଭଡା ପ୍ରାପ୍ୟ ପାଇବ। କିନ୍ତୁ ଜାହାଜରେ ଥିବା ୨୧ କ୍ରିୟୁ ମେମ୍ବର ବିଷୟରେ କିଛି ଉଲ୍ଲେଖ କରିନାହାନ୍ତି। ଯଦ୍ୱାରା ଏହି ବିଦେଶୀ ନାଗରିକ ନଅ ମାସ ହେବ ନିଜ ପରିବାର ଠାରୁ ଦୂରରେ ରହି ମାନସିକ ଭାବେ ଦୁର୍ବଳ ହେବା ସହ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଏମ ଭି ଦେବୀ ଜାହାଜ ଇଣ୍ଡୋନେସିଆ ଗ୍ରେସିକ ବନ୍ଦରରୁ ପାରାଦ୍ୱୀପ



ବନ୍ଦରକୁ ଆସିଥିଲା। ୨୦୨୩ ନଭେମ୍ବର ୩୦ ତାରିଖରେ ପାରାଦ୍ୱୀପ ବନ୍ଦରରେ ଲାଗିବା ପରେ ଜାହାଜରେ ଷ୍ଟିଲ କାର୍ଗୋ ବୋଝେଇ ହେଉଥିଲା। ଲୋଡ଼ିଂ ସମୟରେ ଜାହାଜରେ କୋକେନ ଥିବା ସନ୍ଦେହ କରାଯାଇଥିଲା ଏବଂ ପୋଲିସ ସି ଆଇ ଏସଏଫ ଯାଞ୍ଚ ପରେ ତାହା ଉନ୍ନତ ମାନର କୋକେନ ବୋଲି ଜଣାପଡିଥିଲା। ଯାହାର ବଜାର ମୂଲ୍ୟ ପାଖାପାଖି ୨୨୦ କୋଟି ହେବ ବୋଲି ଜଣା ପଡିଥିଲା। ଏହାକୁ ଏକାଧିକ କେନ୍ଦ୍ରୀୟ ତଦନ୍ତକାରି ସଂସ୍ଥା ପକ୍ଷରୁ ତଦନ୍ତ କରାଯାଇଥିଲା। ଜାହାଜ ସହିତ ଏଥିରେ ଥିବା ସମସ୍ତ ୨୧ କ୍ରୀୟୁ ମେମ୍ବର ମାନଙ୍କୁ ଅଟକ ରଖାଯାଇଥିଲା। ଯାହା ଏବେ ତଦନ୍ତ ଚାଲିଛି। ଦୀର୍ଘଦିନ ଧରି ପି ଆଇ ସିଟି ବର୍ଥ ରେ ଜାହାଜ ରହିବା ଫଳରେ ଯାହାର ଭଡା ଅର୍ଥ ପାଖାପାଖି ସାତ କୋଟିରୁ ଉର୍ଦ୍ଧ୍ୱ ହେବ ଜାହାଜର ମାଲିକ ପଇଠ କରି ନାହାନ୍ତି, ତେଣୁ ବର୍ଥ ପରିଚାଳନା କରୁଥିବା ଘରୋଇ କମ୍ପାନୀ ପି ଆଇ ସିଟି (ପାରାଦ୍ୱୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ) ନିଜର ଭଡା ଅର୍ଥ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।



# ଋତୁ ବରଷାର ପାଟରାଣୀ





ପ୍ରେମାନନ୍ଦ ପାଣିଗ୍ରାହୀ

ମୌସୁମୀ ଯେତେବେଳେ ଧରା ଛୁଏଁ ମେଘର ନୂପୁର ନିକ୍ୱଣରେ ଶୋଭାପାଏ ଆକାଶ । ଯୌବନରେ ଭରିଯାଏ ନଦୀଙ୍କ ତନୁବଲ୍ଲରୀ । ତରୁ ଠାରୁ ମାନବ ପର୍ଯ୍ୟନ୍ତ ସମସ୍ତେ ନୂତନ ଜୀବନ ପାଆନ୍ତି । ସବୁଜିମାରେ ଭରିଯାଏ ବନଭୁବନ । ଆଉ ସେ ସବୁଜିମାକୁ ଆହୁରି ସୁନ୍ଦର କରିଦିଏ ଲାଲ୍ ଟୁକୁ ଟିକୁ ସାଧବ ବୋହୂ । ପ୍ରକୃତିର ଅନେକ ସୁନ୍ଦର ସୃଷ୍ଟି ମଧ୍ୟରୁ ଅନ୍ୟତମ ହେଉଛି ସାଧବବୋହୂ । ଲୋକମୁଖେ କୁହାଯାଏ ରଜପର୍ବରେମୌସୁମୀକୁ ସ୍ୱାଗତ କରିବା ପାଇଁ କୀଟପତଙ୍ଗ ବି ସଜ ହୋଇଥାନ୍ତି । ବର୍ଷାର ପ୍ରଥମ ଅସରା ଯେତେବେଳେ ଧରାପୃଷ୍ଠରେ ପଡେ ସେତେବେଳେ ସାଧବ ବୋହୂ ଆସିଥାନ୍ତି ଧରଣୀକୁ । ଏହି ସୁନ୍ଦର କୀଟକୁ ଦେଖିଲେ ସମସ୍ତେ ଖୁସି ଅନୁଭବ କରନ୍ତି । ନାଲି ରଙ୍ଗ ଆବରଣରେ ସବୁଜ ଧରଣୀକୁ ଅଧିକ ଆକର୍ଷଣୀୟ କରନ୍ତି ଏମାନେ । ଦେଖିବାକୁ ଛୋଟ ହେଲେ ବି ଆଖିକୁ ବେଶ୍ ସୁନ୍ଦର ଦିଶେ ଏହି କୀଟ । ସବୁଜ ଘାସ ଉପରେ ଧାଡିଧାଡି ହୋଇ ଚାଲୁଥିବା ସାଧବବୋହୂକୁ ଦେଖିଲେ ଯେକେହି କ୍ଷଣଟିଏ ଅଟକିଯାଏ ସାଧବବୋହୂର ସୌନ୍ଦର୍ଯ୍ୟର ଆକର୍ଷଣରେ । ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ଖୁସି ହୋଇ ମାଟିରୁ ଉଠାଇ ଆଣନ୍ତି ଓ ତାର ଭେଲଭେଟ ପରି ପିଠିକୁ କିଛି ସମୟ ଆଉଁଷି ପୁଣି ଛାଡି ଦିଅନ୍ତି । କୀଟପତଙ୍ଗଙ୍କୁ ଅନେକ ଡରନ୍ତି,ଘୃଣା ବି କରନ୍ତି । କିନ୍ତୁ ସାଧବବୋହୂର ଆଖି ଲାଗିଗଲା ଭଳି ରୂପ ସମସ୍ତଙ୍କୁ ଆକର୍ଷଣ କରିଥାଏ । ସମସ୍ତଙ୍କ ମୁହଁରୁ ବାହାରି ଆସେ - ଲାଲ୍ ଟୁକୁଟୁକୁ ସାଧବବୋହୂ ନାଲି ପାଟ ପିନ୍ଧି କୁଆଡେ ଯାଉ...। ଶାଗୁଆ ଗାଲିଚାରେ ଅପ୍ସରାଟିଏ ପରି ସାଧବବୋହୂକୁ କେହିକେହି ତୁଳନା କରିବାକୁ ପଛାନ୍ତି ନାହିଁ । ସାଧବ ଘରର ବୋହୂ ସହ ଏହି କ୍ଷୁଦ୍ର କୀଟକୁ ତୁଳନା କରାଯାଇଛି । ଅତୀତରେ ସମୁଦ୍ର ବାଣିଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ସାଧବମାନେ ବିଦେଶରୁ ବସ୍ତ୍ର ଓ ଅଳଙ୍କାର ଆଣି ନିଜ ସ୍ତ୍ରୀମାନଙ୍କୁ ସୁନ୍ଦର ପରିପାଟୀରେ ସଜାଉଥିଲେ । ଲାଲ୍ ପାଟ ପିନ୍ଧି ସେମାନେ ବୋଇତ ବନ୍ଦାଣ କରୁଥିଲେ । ତେଣୁ ସାଧବ ବୋହୂର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଏପରି ନାମକରଣ କରାଯାଇଥିବା ମନେହୁଏ । ସାଧବଘର ବୋହୂ ନାଲି ପାଟ ଶାଢୀ ପିନ୍ଧିବା ପରେ ଯେମିତି ସୁନ୍ଦର ଦେଖାଯାଏ,ସେମିତି ଏହି କୀଟ ଦେଖାଯାଉଥିବାରୁ ବୋଧହୁଏ ତାକୁ ସାଧବ ବୋହୂ କୁହାଯାଏ ।

***ଗୋଟିଏ ଜୀବ ବିଭିନ୍ନ ନାଁ :*** ସାଧବବୋହୂ ଭାରତର ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ନାମରେ ପରିଚିତ । ଛତିଶଗଡରେ ଏହି କୀଟ ରାନୀ କିଡା ଭାବରେ ପରିଚିତ ହେଉଥିବା ବେଳେ ତେଲୁଗୁରେ ଅରୁଦ୍ର,ତାମିଲନାଡୁରେ ପଟୁପାପାତି,ହରିୟାନାରେ ତିଜ୍,ରାଜସ୍ଥାନରେ ବୁଢୀବାଇ,ପ୍ରୟାଗରାଜ୍‌ରେ ଏହା ଭଗବାନ ନାମରେ ପରିଚିତ । ଉତ୍ତର ଭାରତେ ଅନେକ ସ୍ଥାନରେ ଭଗବାନ କି ବୁଢିଆ ଓ କିଛି ସ୍ଥାନରେ ଏହି କୀଟ ବୀର ବାଦୁଡି ନାମରେ ବି ପରିଚିତ । ହିନ୍ଦୀ ଭାଷାରେ ଏହାକୁ ଲାଲ୍ ଗାୟ ଏବଂ ଗୋକୁଲ୍ ଗାୟ ବୋଲି କହିଥାନ୍ତି । ଏହି ପୋକର ରଙ୍ଗ ଗାଢ ସିନ୍ଦୁର ରଙ୍ଗ ହୋଇଥିବାରୁ ଏହା ବୋହୂଟିଏ ନାଲି ପାଟ ପିନ୍ଧି ସିନ୍ଦୂର ଲଗାଇଥିବା ଭଳି ଦିଶେ ସେଥିପାଇଁ ଓଡିଶାରେ ଏହାକୁ ସାଧବବୋହୂ କୁହାଯାଏ । କେହିକେହି ଏହାକୁ ପାଟପୋକ ବୋଲି କହିଥାନ୍ତି । ତେବେ ଏହାର ଇଂରାଜୀ ନାମ ରେଡ୍ ଭେଲ୍‌ଭେଟ୍ ମାଇଟ୍ । ବୈଜ୍ଞାନିକ ଭାଷାରେ ଏ ହ । କ ୁ ଡାଇନୋଥ୍ରମିୟମ୍ କୁହାଯାଏ । ଗଛପତ୍ରରୁ ରସ ଶୋଷଣ କରି ଜୀବନ ନିର୍ବାହ କରୁଥିବା ସାଧବବୋହୂକୁ ଲାଲ୍ ବୁଢୀଆଣୀ ବା ସ୍ପାଇଡର ମାଇଟ୍ କୁହାଯାଇଥାଏ । ସାଧବବୋହୂକୁ ନେଇ ହିନ୍ଦି ଭାଷାରେ ଏକ ରାଇମ୍ ରହିଛି- ଲାଲ୍ ଗାୟ ଲାଲ୍ ଗାୟ କରେଲେ ଖାଇ,ହମ୍ଭୋ ଦେଖ୍‌କର ମୁହଁ ଛୁପାଇ ।

***ଜୀବନଧାରଣ :*** ପୃଥିବୀର ବରଫାବୃତ୍ତ ଅଞ୍ଚଳକୁ ଛାଡି ଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ସାଧବ ବୋହୂ ଦେଖିବାକୁ ମିଳନ୍ତି । ସାଧବବୋହୂ ଏକ ଅମେରୁଦଣ୍ଡୀ ସନ୍ଧିପଦ ପ୍ରାଣୀ । ଅଣ୍ଡିରା ଓ ମାଇ ଭେଦରେ ଏହାର ଶରୀର ଗଠନରେ ଭିନ୍ନତା ରହିଛି । ଅଣ୍ଡିରା ସାଧବବୋହୂ ଟିକେ ଲମ୍ବାଳିଆ ହୋଇଥିବା ବେଳେ ମାଇ ସାଧବବୋହୂର ଶରୀର ଅଣ୍ଡାକୃତି । ଏମାନେ ଅଣ୍ଡାରୁ ଜନ୍ମ ନିଅନ୍ତି । ଜୀବନ କାଳ ଭିତରେ ସାଧବବୋହୂ ମାତ୍ର ଗୋଟିଏ ଅଣ୍ଡା ଦେଇଥାଏ । କ୍ଷୁଦ୍ର ଅଣ୍ଡାଗୁଡିକ ମାଟିରେ ପଡି ରହିଥାଏ । ମୋସୁମୀ ର ପ୍ରଥମ ବର୍ଷା ଜଳ ଓ ଅନୁକୂଳ ତାପମାତ୍ରା ପାଇଲେ ଅଣ୍ଡାରୁ ଛୁଆ ବାହାରେ । ବର୍ଷେ ପର୍ଯ୍ୟନ୍ତ ଅଣ୍ଡାଟି ମାଟିରେ ପଡି ରହିଥାଏ । ପୁଣି ମୌସୁମୀ ବର୍ଷାର ପ୍ରଥମ ଅସରା ସଂସ୍ପର୍ଶରେ ଆସିଲେ ଅଣ୍ଡାରୁ ଛୁଆ ବାହାରେ । ବର୍ଷା ଋତୁକୁ ଛାଡି ଦେଲେ ବର୍ଷର ଅନ୍ୟ ସମୟରେ ସାଧବବୋହୂକୁ ଦେଖିବାକୁ ମିଳେ ନାହିଁ । ମାଟିରୁ ଜନ୍ମ ନେଇ କିଛି ଦିନ ସମସ୍ତଙ୍କୁ ଆକର୍ଷଣ କରି ମାଟିରେ ହିଁ ଲୀନ ହୋଇଯାନ୍ତି ଏହି ପ୍ରାଣୀ । ଘାସ,ଗଛର ପତ୍ର ଓ ଉଇକୁ ସାଧବବୋହୂ ଆହାର କରେ । ଏମାନଙ୍କର ଆଠଟି ଗୋଡ ଥାଏ । ଗୋଡଗୁଟିକରେ ମାଟି ତାଡିବା ଏବଂ ଚଲାବୁଲା କାର୍ଯ୍ୟ ଏମାନେ କରିଥାନ୍ତି । ପଡିଆରେ ବୁଲିବା ବେଳେ ସାଧବବୋହୂକୁ ଛୁଇଁ ଦେଲେ ନିଜକୁ ରକ୍ଷା କରିବା ପାଇଁ କଇଁଛ ପରି ଗୋଡଗୁଡିକୁ ଢାକି ଦେଇ ଦେହକୁ ଗୋଲ କରିଦିଏ । ଏହାକୁ ଦେଖିଲେ ଲାଗେ ସତେ ଯେପରି ପଦରେ ଅଳତା ବୋଳା ନବବଧୂଟିଏ ଲାଜରେ ଝାଉଁଳି ପଡିଛି ।

***କୃଷକର ବନ୍ଧୁ :*** ସାଧବବୋହୂକୁ ସୁଖ ଓ ସମୃଦ୍ଧିର ପ୍ରତୀକ ଭାବରେ ମାନ୍ୟତା ଦିଆଯାଏ । ଖୁବ୍ ସୁନ୍ଦର, କୋମଳ ଓ ନିରୀହ ପ୍ରାଣୀ ଭାବରେ ପରିଚିତ ସାଧବବୋହୂ ମଣିଷର କୌଣସି କ୍ଷତି କରିନଥାଏ । ଯୁଗଯୁଗରୁ ଚଷା ଭାଇର ସାଥୀ ପାଲଟିଛି ସାଧବବୋହୂ । ଯେଉଁ ବର୍ଷ ପଡିଆରେ ସାଧବବୋହୂମାନେ ଦଳଦଳ ହୋଇ ବିଚରଣ କରନ୍ତି,ସେବର୍ଷ ଭଲ ବର୍ଷା ହୁଏ ଓ ଫସଲ ଅଧିକ ଉତ୍ପାଦନ ହୋଇଥାଏ ବୋଲି ଚଷାଭାଇ ଅନୁମାନ କରେ । ଯେଉଁ ଚାଷୀ ଭାଇର କ୍ଷେତରେ ସାଧବବୋହୂ ଦେଖାଯାଆନ୍ତି ତାର ଆନନ୍ଦ କହିଲେ ନସରେ । ସେହି କ୍ଷେତରେ ଲକ୍ଷ୍ମୀ ବିଜେ ହୋଇଛନ୍ତି ବୋଲି ଖୁସିରେ ସେ ଆତ୍ମବିଭୋର ହୋଇଉଠେ । ମାଲକ୍ଷ୍ମୀଙ୍କ କୃପାରୁ ସେ କ୍ଷେତଟି ପୂର୍ଣ୍ଣଗର୍ଭା ହୋଇଥାଏ । ସାଧବବୋହୂ ଫସଲରେ ନଷ୍ଟ କରୁଥିବା କିଟ,ଉଇ,ଝିଣ୍ଟିକା ଭଳି କୀଟପତଙ୍ଗଙ୍କର ଅଣ୍ଡାକୁ ଖାଇଦେଉଥିବାରୁ ଶସ୍ୟକ୍ଷେତ୍ର ରୋଗପୋକରୁ ସୁରକ୍ଷିତ ରହେ । ଚାଷଜମିରେ ମଳତ୍ୟାଗ କରିବା ସହିତ ବଂଶବିସ୍ତାର କରିଥାଏ ଏବଂ କିଛିଦିନ ପରେ ସେହି ଚାଷଜମିରେ ହିଁ ତାର ମୃତ୍ୟୁ ଘଟିଥାଏ । ତେଣୁ ଚାଷଜମି ଜୈବିକ ସାର ପାଇ ଉର୍ବର ହୋଇଥାଏ । ଓଡିଶାର ଗଣପର୍ବ ରଜରେ କେତେକ ସ୍ଥାନରେ ସାଧବବୋହୂର ପୂଜା କରାଯାଏ । ରଜସଂକ୍ରାନ୍ତି ଦିନ କୁଆଁରୀ ଝିଅମାନେ ସାଧବବୋହୂ ସଂଗ୍ରହ କରିଥାନ୍ତି ଓ ଭଲ ବର୍ଷା ନିମନ୍ତେ ପୂଜା କରିଥାନ୍ତି । କେବଳ ସେତିକି ନୁହେଁ ସଧବାଙ୍କ ସିନ୍ଦୁର ଫରୁଆରେ ସାଧବବୋହୂ ରହିଲେ ତାହା ଶୁଭ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ମୃତ ସାଧବବୋହୂକୁ ସୁଖାଇ ଛତିଶଗଡର ଲୋକେ ଏକ ତେଲ ପ୍ରସ୍ତୁତ କରିଥାନ୍ତି ଯାହା ପକ୍ଷାଘାତ ରେଗର ଚିକିତ୍ସା ପାଇଁ ଅବ୍ୟର୍ଥ ଔଷଧ ରୂପେ କାମ ଦିଏ ।

***ସାହିତ୍ୟ ଓ ସଂସ୍କୃତିରେ ସାଧବବୋହୂ :*** ମୌସୁମୀର ପହିଲି ବର୍ଷା ଭିଜା ଘାସଗାଲିଚା ଉପରେ ସ୍ୱଚ୍ଛନ୍ଦ ବିଚରଣ କରୁଥବା ସ୍ରଷ୍ଟାଙ୍କର ଅନୁପମ ସୃଷ୍ଟି ସାଧବବୋହୂର ରୂପଲାବଣ୍ୟରେ ମୁଗ୍ଧ ହୋଇଥାନ୍ତି ପ୍ରକୃତିପ୍ରେମୀ । ସାଧବବୋହୂର ସୌନ୍ଦର୍ଯ୍ୟକୁ ଦେଖିଲେ ମନେ ହୁଏ ସତେ ଯେପତି ପ୍ରକୃତି ତାର ସମସ୍ତ ରଙ୍ଗକୁ ଢାଳିଦେଇଛି ଏହି କ୍ଷୁଦ୍ର କୀଟଟି ଉପରେ । କଳ୍ପନା ରାଇଜରେ ନିଜକୁ ହଜାଇ ଦିଏ କବି । ଗାଳ୍ପିକ ତା କାହାଣୀରେ ସାଧବବୋହୂକୁ ନାୟିକା ସଜାଇ କାହାଣୀର ସୂତ୍ର ଖୋଜି ଚାଲେ । ତେଣୁ ସାଧବବୋହୂକୁ ନେଇ ସାହିତ୍ୟରେ କେତେ ଲୋକକଥା.କେତେ କାହାଣୀ,ଢଗଢମାଳି ଠାରୁ ଆରମ୍ଭ କରି କାବ୍ୟ,କବିତା,ଉପନ୍ୟାସ ଓ ଚଳଚ୍ଚିତ୍ର ସମସ୍ତଙ୍କ ମନ ମୋହି ନେଇଛି । ଓଡିଆ ଢଗଢମାଳିରେ ସବୁଠାରୁ ଆଦୃତ ଢଗ ହେଉଛି- ଲାଲ୍ ଟୁକୁଟୁକୁ ସାଧବବୋହୂ ,ନାଲି ପାଟ ପିନ୍ଧି କୁଆଡେ ଯାଉ... । ଭକ୍ତକବି ମଧୁସୂଦନ ରାଓ ଲେଖିଛନ୍ତି- ଶ୍ୟାମଳ ଦୁର୍ବାଦଳେ ଶୋଭିତ ମହୀ,ସାଧବ ବୋହୂ ତଥି ପରେ ଶୋଭଇ । ଆଧୁନିକ କବିମାନଙ୍କର କବିତାରେ ବି ସାଧବବୋହୂର ଭୁରିଭୁରି କବିତା ରହିଛି । କବି ଶଶି ଭୂଷଣ ମିଶ୍ରଙ୍କ କବିତାରେ- ସାଧବ ବୋହୂ ଲୋ ସାଧବବୋହୂ/ବରଷାକୁ ଦେଖି ତୁ ଆସିଥାଉ /ପିନ୍ଧି ତୋର ନାଲି ପାଟ,ଘାସ / ବଗିଚାରେ ଚାଲିଚାଲି ଯାଉ/ଛାଡି ତୁ କାଦୁଅ ବାଟ । ସେହିପରି କବି ଗାୟତ୍ରୀ ସାମଲ ସାଧବବୋହୂ କବିତାରେ ଲେଖିଛନ୍ତି- ନାଲି ଟୁକୁଟୁକୁ ସାଧବବୋହୂ/ବରଷା ପଡିଲେ ତୁ ଜନ୍ମ ନେଉ/ ଦେଖିବାକୁ ତୁହି ଭାରି ସୁନ୍ଦର/ମଖମଲୀ ପରି ଦେହ ତୋହର/ଘାସ ପଡିଆରେ ତୁ ବୁଲୁଥାଉ/ଗୋଟିଏ ଧାଡିରେ ତୁ ଚାଲି ଥାଉ/ଋତୁ ବରଷାର ତୁ ପାଟରାଣୀ । କବି ନର୍ମଦା ନାୟକଙ୍କ ସୃଷ୍ଟିରେ-ନାଲି ପାଟ ପିନ୍ଧି ଥିରିଥିରି/ନବବଧୂଟିଏ ପରି/ଚପଳାମୀ ନେଇ ଛୁଇଁବାକୁ ଗଲେ/ଶରୀରକୁ ବକ୍ର କରି/ଲୁଚିଯାଏ ଦୁର୍ବାଦଳେ/ସାଧବବୋହୂ ସେ ନଦିଅଇ ଧରା/ ଦେଖା ବରଷାର କାଳେ । ପ୍ରଣତି ଆଚାର୍ଯ୍ୟଙ୍କ ଭାଷାରେ- ସାଧବବୋହୂ ସେ ସାଧବବୋହୂ ନାଲି ପାଟ ପିନ୍ଧି କୁଆଡେ ଯାଉ/ଆ ମୋ ପାଖକୁ ଦେବି ଆଉଁଶି/ବରଷା ହେଉଛି ଯାଆନା ଋଷି/ଭୁଲିଗଲୁ କି ତୋ ଘର ଝରକା/ଖୋଜି ଆଣି ଦେବି ହେଲୁ ତୁ ବାଟବଣା/ନାଲି ପାଟ ତୋର ପସନ୍ଦ ଭାରି/ ପିନ୍ଧିଥାଉ କେତେ ଯତନ କରି/କେଉଁଠାରୁ ଥାଉ ଆଣି/ତୋ ଦେହ ମାପରେ କେଉଁ କାରିଗର/ ଦେଇଥାଏ ତୋତେ ବୁଣି । ସାଧବବୋହୂକୁ ନେଇ ୨୦୦୭ ମସିହାରେ ଲାଲ୍ ଟୁକୁଟୁକୁ ସାଧବବୋହୂ ନାମରେ ଏକ ଓଡିଆ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା,ଯାହାର ପ୍ରଯୋଜକ ଥିଲେ ସୁମିତ୍ ରାଉତ ।



***ବିଲୁପ୍ତିର ଦ୍ୱାର ଦେଶରେ ସାଧବବୋହୂ :*** ଅନେକ ପ୍ରାଣୀ ଅଛନ୍ତି ଯେଉଁମାନେ ଖରାତାପକୁ ସହ୍ୟ କରିନପାରି ମାଟିରେ ଗାତ କରି ବା ସନ୍ତସନ୍ତିଆ ଜାଗାରେ ଲୁଚି ରହିଥାନ୍ତି । କେବଳ ବର୍ଷା ଋତୁରେ ଏମାନେ ଆତ୍ମପ୍ରକାଶ କରିଥାନ୍ତି । ସାଧବବୋହୂ ସେହି ଜାତି ଅନ୍ତର୍ଭୁକ୍ତ । ବାୟୁ ମଣ୍ଡଳରେ ଅତ୍ୟଧିକ ଆଦ୍ରତା ଓ କଅଁଳ ସୂର୍ଯ୍ୟକିରଣ ଏମାନଙ୍କ ପାଇଁ ଅନୁକୂଳ ହୋଇଥାଏ । ତେବେ ଇଶ୍ୱରଙ୍କ ଅନୁପମ ସୃଷ୍ଟି ଏହି ସାଧବବୋହୂ ଏ ଧରାଧାମରୁ ବିଦାୟ ନେବାକୁ ବସିଲେଣି । ଆଗପରି ଏମାନେ ମୌସୁମୀକୁ ସ୍ୱାଗତ ଜଣାଇବା ପାଇଁ ଆଉ ସବୁଜ ଘାସ ଉପରେ ଦଳଦଳ ହୋଇ ବୁଲୁ ନାହାନ୍ତି । ବର୍ଷା ଋତୁରେ କାଁଭାଁ ଏମାନଙ୍କୁ ଦେଖିବାକୁ ମିଳୁଛି । ବିକାଶର ପ୍ରସସ୍ତ ପଥ ଉପରେ ନିଜର କୁନିକୁନି ପାଦ ରଖିବାକୁ ଆଉ ସ୍ଥାନ ପାଉନାହିଁ ସାଧବବୋହୂ । ଜଳବାୟୁ ପରିବର୍ତ୍ତନର ଜ୍ୱାଳାରେ ଅନେକ ପ୍ରାଣୀ ଜୀବଜଗତରୁ ବିଲୁପ୍ତ ହୋଇଯାଉଥିବା ବେଳେ ଏହି ନିରୀହ ଜୀବଟି ଏବେ ସେହି ପଥରେ । ଏଥିପାଇଁ ମନୁଷ୍ୟକୃତ କାର୍ଯ୍ୟ ହିଁ ଦାୟୀ । ଚାଷ ଜମିରେ ଅତ୍ୟଧିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ,ଅତ୍ୟଧିକ ଉତ୍ତାପ ସାଧବବୋହୂର ବଂଶ ବିଲୁପ୍ତିର ପ୍ରମୁଖ କାରଣ ବୋଲି କୁହାଯାଇପାରେ । ଦିନଥିଲା



ମୌସୁମୀ ବର୍ଷା ମାଟି ଛୁଇଁବା ମାତ୍ରେ ଦଳଦଳ ସାଧବବୋହୂ ଘାସ ଉପରେ ଘୁରିବୁଲି ସବୁଜ ଧରଣୀକୁ ଅଧିକ ଆକର୍ଷଣୀୟ କରୁଥିଲେ । କିନ୍ତୁ



ସେ ଦୃଶ୍ୟ ଏବେ ଦୃଶ୍ୟାନ୍ତର । ଆଉ ସେ ବର୍ଷା ନାହିଁକି ସାଧବବୋହୂ ସବୁଜ ଘାସ ଗାଲିଚାରେ ଲାଲ୍ ଚଦର ଛାଉନି । ବିଲୁପ୍ତ ପ୍ରାଣୀ ତାଲିକାରେ ଯୋଡି ହୋଇ ଯାଇ ଏହି ସୁନ୍ଦର ଜୀବଟି ନିଜ ଜୀବନର ସତ୍ତା ଖୋଜୁଛି ।

***ଭୁଷଳ,ଭୁବନ,ଢେଙ୍କାନାଳ***
***ଦୂରଭାଷ : ୯୧୭୮୭୧୩୪୪୫***







# ଓଡ଼ିଶାରେ ସୁନା ଖଣିର ସନ୍ଧାନ



**ଭୁବନେଶ୍ୱର :** ଓଡ଼ିଶାରେ ୨ଟି ସ୍ଥାନରେ ସୁନା ଖଣିର ସନ୍ଧାନ ମିଳିଛି। ଆଉ ୧୦ଟି ସ୍ଥାନରେ ସୁନା ଖଣି ଚିହ୍ନଟ ପାଇଁ ଅନୁସନ୍ଧାନ ଜାରି ରହିଛି। ଏବେ ଗୋଟିଏ ସୁନା ଖଣି ଥିବା ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଆଉ ଗୋଟିଏ ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇନଥିବାରୁ ତା'ର ଉତ୍ତୋଳନ ପାଇଁ କୌଣସି ଯୋଜନା ହୋଇନାହିଁ ବୋଲି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି। ବିଧାନସଭାରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ଦେବଗଡ଼ ଜିଲ୍ଲାର ଆଡ଼ାସ-ରାମପାଲ୍ଲୀ ଅଞ୍ଚଳରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ତମ୍ବାପଥର ପାଇଁ ଜି-୨ ସ୍ତରର ଅନ୍ୱେଷଣବେଳେ ସୁନାପଥରର ସନ୍ଧାନ ମିଳିଛି। ଭୂତାତ୍ତ୍ୱିକ ଆକଳନରୁ ଏହି ଅଂଚଳରେ ସୁନା ଗଚ୍ଛିତ ଥିବା ଜଣାପଡ଼ିଛି ଓ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତି କରାଯାଉଛି। ଏହି ଅଞ୍ଚଳରେ ୦.୯୦ନିୟୁତ ଟନ୍ ସୁନା ଗଚ୍ଛିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ୧୯୮୧-୮୩ ଓ ୧୯୮୯-୯୬ରେ ଚିହ୍ନଟ ହୋଇଥିବା କେନ୍ଦୁଝର ଜିଲ୍ଲାର ଗୋପୁର-ଗାଜିପୁର ଅଂଚଳରେ ପ୍ରାଥମିକ ସର୍ବେକ୍ଷଣରୁ ମିଳିଥିବା ସୂଚନା ଆଧାରରେ ସୁନା ଖଣିର ପୁନଃ ଅନୁସନ୍ଧାନ କାର୍ଯ୍ୟକ୍ରମ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆନ ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଜି-୨ ସ୍ତରରେ ୨୦୨୧-୨୨ରୁ ଚାଲୁ ରହିଛି। ଏହି ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇନଥିବାରୁ ଏହାର ଉତ୍ତୋଳନ ନିମନ୍ତେ ସରକାରୀସ୍ତରରେ ଏବେ କୌଣସି ଯୋଜନା ନାହିଁ। ଅବଶ୍ୟ ଏହି ଖଣି ଅଞ୍ଚଳରେ ୩୧୧.୦୭ କେଜି ସୁନା ଗଚ୍ଛିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ରାଜ୍ୟରେ ସୁନା ଖଣିଗୁଡ଼ିକ ଉତ୍ତୋଳନ କରି ଏକ ପ୍ରୋସେସିଂ ୟୁନିଟ୍ ଖୋଲିବା ପାଇଁ ଏବେ ସରକାରଙ୍କ କୌଣସି ଯୋଜନା ନଥିବା ମନ୍ତ୍ରୀ ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲାର ମାଙ୍କଡ଼ଚୁଆ, ସଲେଇକଣା, ଡିମିରିମୁଣ୍ଡା ଅଞ୍ଚଳରେ ଓଡ଼ିଶା ଖଣି ନିଗମ ଦ୍ୱାରା ଜି-୪/ଜି-୩ସ୍ତରରେ ସୁନାଖଣି ଚିହ୍ନଟ ପାଇଁ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡ଼ା, ରୁଆଁସି, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ (ଧୁସୁରା ପାହାଡ଼) ଏବଂ ବାଦାମପାହାଡ଼ ଅଂଚଳରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ସୁନା ଖଣି ଅନ୍ୱେଷଣ ନିମନ୍ତେ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ଏସବୁ ଅଞ୍ଚଳ ବ୍ୟତୀତ ରାଜ୍ୟର ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାର କେତେକ ସ୍ଥାନରେ ବିକ୍ଷିପ୍ତ ଭାବେ ସୁନା ଥିବାର ସୂଚନା ରହିଛି। ଯାହାର ସବିଶେଷ ଅନୁସନ୍ଧାନ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଧ୍ରୁବଚରଣ ସାହୁଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା ଏହି ସୂଚନା ଦେଇଛନ୍ତି।

## କେନ୍ଦୂପାଇ ଠାରୁ ପିପଳ ପଦର ରାସ୍ତା ଅବସ୍ଥା ଶୋଚନୀୟ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କେନ୍ଦୂପାଇ କଲନି ଠାରୁ ପିପଳ ପଦର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଚାରି ବର୍ଷ ତଳେ ଏନବିସିସି ଜରିଆରେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା। ହେଲେ ନିର୍ମାଣର ଛଅ ମାସ ନପୁରୁଣୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା। ନାଁଟା ପିଚୁ ରାସ୍ତା ହେଲେ ପିଚୁର ଦେଖା ନାହିଁ। କେବଳ ପୁରା ୪କିଲୋମିଟର ସ୍ଥାନେ ସ୍ଥାନେ ଟିକିଏ ପିଚୁ ଅଧିକ ମାଟି ରାସ୍ତା ହୋଇ ପଡିରହିଚି। ରାସ୍ତା ଅବସ୍ଥା ଏମିତି ଅଛି ଜିଏବି ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିବନି। ଖାଲ ଖମାରେ ପୁରା ଭର୍ତି ହୋଇ ରହିଚି ଉକ୍ତ ରାସ୍ତା। ଏନେଇ ତତ୍କାଳୀନ ପିପଳପଦର ସରପଞ୍ଚ ନାମ ମାଣ୍ଡିଙ୍ଗା ବ୍ଲକ୍ ଓ ଜିଲ୍ଲା ପ୍ରସାସନ ପାଖକୁ ଦୌଡିଦୌଡି ନୟାନ୍ତ ହୋଇ। ଜାଇଥିଲେ ମଧ କେହିବି ତାଙ୍କ କଥା ସୁଣୁ ନାହାନ୍ତି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ରାସ୍ତା ତିଆରି ସମୟରେ ବ୍ୟାପକ ଦୁର୍ନୀତି ହେଉଥିବା ଦେଖି ବିରୋଧ କରାଯାଇଥିଲା ହେଲେ କମ୍ପାନୀର ନାଲି ଆଖି ତଳେ ଆମେ କିଛି କରିପାରିଲୁନି ବୋଲି ଅଞ୍ଚଳର ମାଟିଆ ମାଣ୍ଡିଙ୍ଗା, ଗୋବିନ୍ଦ ମାଣ୍ଡିଙ୍ଗା, ସଗି ମିଣିଆକା, ଗୋପି ମାଣ୍ଡିଙ୍ଗା, ଅଚୁ ମାଣ୍ଡିଙ୍ଗା, ଡିୟୁ ମାଣ୍ଡିଙ୍ଗା, ସନ୍ତୋସ ମାଣ୍ଡିଙ୍ଗା, ମିନ ମାଣ୍ଡିଙ୍ଗା, ସିନ୍ଧୁ ମାଣ୍ଡିଙ୍ଗା ପ୍ରଭୃତି କହିଛନ୍ତି। ବର୍ତ୍ତମାନ ପୁରୁଣା ସରକାର ଜାଇ ନୂଆ ସରକାର ଆସିଲା। ହେଲେ ନୂଆ ସରକାରଙ୍କ ଶୁଭ ଦୃଷ୍ଟି ପିପଳପଦର ପଞ୍ଚାୟତ ଉପରେ କେବେ ପଡୁଛି ତାହା ଦେଖିବାକୁ ବାକି ଥିବା ବେଳେ ବ୍ଲକରେ ଏନବିସିସି କରିଥିବା ପ୍ରତ୍ୟେକ କାମକୁ ନେଇ ବିଧାନ ସଭାରେ ପ୍ରଶ୍ନ ଉଠାଇବି ବୋଲି ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି।

## ଆଦିବାସୀ ଉନ୍ନୟନ ନିଗମ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରମୁଖ ଶାସନ ସଚିବଙ୍କୁ ସାକ୍ଷାତ



**ଭୁବନେଶ୍ୱର :** ଓଡିଶା ଆଦିବାସୀ ଉନ୍ନୟନ ନିଗମ କର୍ମଚାରୀ ସମନ୍ୱୟ ସମିତି (ଟିଡିସିସି) ପକ୍ଷରୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଶୁକ୍ରବାର ସମିତିର ସଭାପତି ତଥା ବିଜେପି ଯୁବନେତା କନିସ୍କ ବୋଧିସତ୍ୱଙ୍କ ନେତୃତ୍ୱରେ ସମିତିର କର୍ମକର୍ତ୍ତାମାନେ ଶ୍ରୀଯୁକ୍ତ ସେଠୀଙ୍କୁ ସାକ୍ଷାତ କରିବା ସହିତ ଟିଡିସିସି କର୍ମଚାରୀ ଉନ୍ନୟନ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶ୍ରୀଯୁକ୍ତ ସେଠୀ ସମସ୍ୟା ସମାଧାନର ପ୍ରତିଶ୍ରୁତି ମଧ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ ଗୁପ୍ତା ଏବଂ ମୋନାଲିସା ନାୟକ ଉପସ୍ଥିତ ଥିଲେ।

## ୧୦ ମାସରେ ଲକ୍ଷ୍ମୀ ବସ୍ ପାଇଁ କ୍ଷତି ୩୭୪ କୋଟି



**ଭୁବନେଶ୍ୱର :** ମାତ୍ର ୧୦ ମାସ ମଧ୍ୟରେ ଲକ୍ଷ୍ମୀ ବସ୍ ପରିଚାଳନାରେ କ୍ଷତି ହେଲାଣି ୩୭୪ କୋଟି ଟଙ୍କା। ଆଖି ତରାଟିଲା ଭଳି ଏହି ତଥ୍ୟ ସାମନାକୁ ଆସିଛି ବିଧାନସଭାରେ ପରିବହନ ମନ୍ତ୍ରୀଙ୍କ ଉତ୍ତରରୁ। ନିର୍ବାଚନର ମାତ୍ର କିଛି ମାସ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଆରମ୍ଭ କରିଥିବା ଏହି ବସ୍ ସେବା, ଏବେ ସରକାରଙ୍କ ପାଇଁ ଏକ ପ୍ରକାର ବୋଝ ପାଲଟିଛି। ଯାହାକୁ ନେଇ ଘନେଇଛି ରାଜନୀତି। ଲକ୍ଷ୍ମୀ ବସ ପାଇଁ ରାଜ୍ୟ ସରକାର ୩୭୪ କୋଟି ୮ ଲକ୍ଷ ୫୮ ହଜାର ଟଙ୍କା କ୍ଷତିରେ ଅଛନ୍ତି। ୨୦୨୩ ମସିହା ଅକ୍ଟୋବର ୧୨ ତାରିଖରୁ ୨୦୨୪ ଅଗଷ୍ଟ ୧୯ ତାରିଖ ଯାଏଁ ମାତ୍ର ୧୦ ମାସରେ ଏହି କ୍ଷତି ସହିଛନ୍ତି ସରକାର। ବିଧାନସଭାରେ ଏକ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ। ଲକ୍ଷ୍ମୀ ଯୋଜନାରେ ରାଜ୍ୟରେ ୧୩୪୦ଟି ବସ୍ ଚାଲିଛି। ଏ ବାବଦରେ ରାଜ୍ୟ ସରକାର ୩୯୯ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ଆୟ ହୋଇଛି ମାତ୍ର ୨୫ କୋଟି ୩ ଲକ୍ଷ ୮୬ ହଜାର ଟଙ୍କା। ସରକାରୀ ତହବିଲରୁ କୋଟି କୋଟି ଅର୍ଥ ଖର୍ଚ୍ଚ ହୋଇ କାହା ସ୍ୱାର୍ଥ ଲାଗି ଏହି କ୍ଷତିକୁ ସହିଥିଲେ ସେତେବେଳର ବିଜେଡ ସରକାର ? ଏହାକୁ ନେଇ ତେଜିଛି ରାଜନୀତି। କଂଗ୍ରେସ କହିଛି, ଏହା ତତକାଳୀନ ବିଜେଡି ସରକାରର ନିର୍ବାଚନୀ ଥୋପ ଥିଲା। ଏବେ ସରକାର ବସ୍ ସେବାକୁ ନେଇ କି ପଦକ୍ଷେପ ନେଉଛନ୍ତି ତାକୁ ଅପେକ୍ଷା। ବିଜେଡି କହିଛି ଲୋକଙ୍କ ସୁବିଧା ପାଇଁ ସବ୍‌ସିଡି ମୂଲ୍ୟରେ ବିଜେଡି ସରକାର ଲକ୍ଷ୍ମୀ ବସ ସେବା ଯୋଗାଇ ଦେଇଥିଲେ। ବିଜେଡି ସରକାର ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ବାହାର ରାଜ୍ୟର ୮ଟି କଂପାନୀ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ସେ ସବୁ ସଂସ୍ଥାକୁ ନେଇ ମଧ ପ୍ରଶ୍ନ ଉଠିଛି। ନୂଆ ସରକାର ଆସିବା ପରେ ଲକ୍ଷ୍ମୀ ବସ ଯୋଜନାର ନାଁ ବଦଳି ହୋଇ ମୁଖ୍ୟମନ୍ତ୍ରୀ ବସ୍ ସେବା। କ୍ଷତିରେ ଚାଲିଥିବା ଏହି ଯୋଜନାର ଭବିଷ୍ୟତ ରୂପରେଖ କଣ ହେବ, ତା ଉପରେ ନଜର ସମସ୍ତଙ୍କର ରହିଛି।

## ବଲାଙ୍ଗିର ସାଂସଦଙ୍କ ଖପ୍ରାଖୋଲ ଗସ୍ତ; ବିଭିନ୍ନ ପ୍ରକଳ୍ପର ସମୀକ୍ଷା



**ବଲାଙ୍ଗିର, (ଜନାବ ଖାଁ) :** ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଗତ ଗୁରୁବାର ଖପ୍ରାଖାଲ ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ବ୍ଲକ ସଭା ଗୃହଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ସାଂସଦ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା, କାର୍ଯ୍ୟ ରୂପାୟନ ଓ ଖର୍ଚ୍ଚ ଆଦି ଉପରେ ଆଲୋଚନା କରିଥିଲେ ଶ୍ରୀମତୀ ସିଂହଦେଓ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ, ଜାତୀୟ ସାମାଜିକ ସୁରକ୍ଷା, ଖାଦ୍ୟ ଯୋଗାଣ ଆଦି ଯୋଜନାର ସମୀକ୍ଷା ମଧ କରିଥିଲେ। ପରେ ପରେ ଖପ୍ରାଖୋଲ ବ୍ଲକ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରିଥିବା ବେଳେ ୫ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଏଇ କୁଳମଣୀ ଭୋଇ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ବ୍ଲକ ଶିକ୍ଷାଧିକାରୀ ଶଙ୍କର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ସୂରଜ ଦୀପ୍, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ଏପିଓ ପ୍ରଶାନ୍ତ କୁମାର ସାହୁ, ପଦ୍ମକୁମାର ସିଂହ ବରିହା, ସନ୍ତୋଷ ଭଇଁସାଲ, ଉପେନ୍ଦ୍ର ଭୋଇ, ଦଶରଥ ପାଣିଗ୍ରାହୀ, ଦେବକାନ୍ତ ପାଣିଗ୍ରାହୀ ପ୍ରମୁଖ ଦଳୀୟ କର୍ମୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅସ୍ତରଙ୍ଗ ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ

## ଶରତ ସଭାପତି, ବୃନ୍ଦାବନ ସମ୍ପାଦକ ନିର୍ବାଚିତ




**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପ୍ରେସ୍ କ୍ଲବର କର୍ମକର୍ତ୍ତା ନିର୍ବାଚନ ଓ ବନ୍ଧୁ ମିଳନ ଅସ୍ତରଙ୍ଗର ପୀର ଜାହାନିଆଁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ, ପ୍ରଦୀପ ପ୍ରଜ୍ୱଳନ କରି ଏହି ସମାବେଶକୁ ଉଦ୍ଘାଟନ କରିଥିଲେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି। ମୁଖ୍ୟ ଅତିଥି ଭାବେ ନିମାପଡ଼ା ଏସ.ଡି.ପି.ଓ ପ୍ରଭାତ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଥିଲେ ଅସ୍ତରଙ୍ଗ ଆଇ.ଆଇ.ସି ରାଜେଶ କୁମାର ବଳିଆରସିଂହ ଯୋଗ ଦେଇଥିଲେ। ଅତିଥି ଗଣ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ତାର କାର୍ଯ୍ୟ କ୍ଷେତ୍ରରେ ସତ୍ୟ ନିରେପେକ୍ଷ ଓ ସଙ୍କୋଚ ଖବର ପ୍ରକାଶ କରି ରାଜନୈତିକ ଚିନ୍ତାଧାରା ଠାରୁ ଦୂରରେ ରହି, ଜନସାଧାରଣଙ୍କର ବିଶ୍ୱାସ ଭାଜନ ହେବା ଲାଗି ପରାମର୍ଶ ଦେଇଥିଲେ। ବୈଠକରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକଙ୍କୁ କ୍ଲବ୍ ମୁଖ୍ୟ ପରାମର୍ଶଦାତା ତଥା କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ରହିଥିବା ବେଳେ, କୋର୍ଡିନେଟର ଭାବେ ସାମ୍ବାଦିକ ଶୋଭାକର ବେହେରା, ସଭାପତି ଭାବେ ସାମ୍ବାଦିକ ଶରତ କୁମାର ପରିଡ଼ା, ଉପ ସଭାପତି ଭାବେ ମନୋଜ କୁମାର ବାରିକ, ସମ୍ପାଦକ ଭାବେ ବୃନ୍ଦାବନ ବିଶ୍ୱାଳ, ସହ ସଂପାଦକ ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପ୍ରିୟବ୍ରତ ମୁଦୁଲି, ସାଂସ୍କୃତିକ ସମ୍ପାଦକ ଭାବେ ବିନୋଦ କୁମାର ସେଠୀ ଓ ସଂଗଠନ ସମ୍ପାଦକ ଭାବେ ଅକ୍ଷୟ ପ୍ରସାଦ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିଲା। ଅଲେଖ ବିଶ୍ୱାଳ ଓ ଅମିୟ ରଞ୍ଜନ ବାରିକ ସୋସିଆଲ ମିଡ଼ିଆ କାର୍ଯ୍ୟ ନିର୍ବାହ କରିବାକୁ ରହିଥିବା ବେଳେ, ଆଇନ୍ ପରାମର୍ଶ ଦାତା ଭାବେ ଦିବ୍ୟଦର୍ଶୀ ବିଶ୍ୱାଳ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଶୋକ ବେହେରା, ଦୁର୍ଗାଚରଣ ନାୟକ, ସତ୍ୟଜିତ ରାୟ ଚୌଧୁରୀ, ଅନିଲ ବାରିକ, ପ୍ରଶାନ୍ତ ଜେନା,ପ୍ରଭୃତି ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା।

## ମଧ୍ୟାହ୍ନ ଭୋଜନ ମୁଣ୍ଡପିଛା ବଢ଼ିବ ୧ ଟଙ୍କା


**ଭୁବନେଶ୍ୱର :** ମଧ୍ୟାହ୍ନ ଭୋଜନ ଉପରେ ଦରବୃଦ୍ଧିର ପ୍ରଭାବ। ମିଲ୍ ପାଇଁ ମିଳୁନି ପର୍ଯ୍ୟାପ୍ତ ସହାୟତା। ମୁଣ୍ଡ ପିଛା ୧ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ଯାହାକି ସମୁଦ୍ରକୁ ଶଙ୍ଖେ। ଗଣଶିକ୍ଷା ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନାପସନ୍ଦ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ। ମିଲ୍ ପିଛା ୧ ଟଙ୍କା ବଢ଼ାଇଲେ କେମିତି ଗୁଣାତ୍ମକ ମାନର ଖାଦ୍ୟ ମିଳିବ ସେନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷେ ମିଲ୍ ପିଛା ୧ ଟଙ୍କା ବଦଳରେ ୨୦ ଟଙ୍କା ବୃଦ୍ଧି କରିବାକୁ ଦାବି କରିଛି ଅଭିଭାବକ ମହାସଂଘ। ମଧ୍ୟାହ୍ନ ଭୋଜନ ଉପରେ ଦରବୃଦ୍ଧିର ପ୍ରଭାବ। ୫ ଟଙ୍କା ୯୦ ପଇସାରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏବେ ଏଥିରେ ଆଉ ଟଙ୍କାଟିଏ ମିଶାଇଲେ କ'ଣ ଛାତ୍ରଛାତ୍ରୀଙ୍କୁ ଦିଆଯାଇପାରିବ ଗୁଣାତ୍ମକ ଭୋଜନ ? ମଧ୍ୟାହ୍ନ ଭୋଜନ ମିଲ୍ ପିଛା ୧ ଟଙ୍କା ବଢାଇବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ବଢ଼ିବାରେ ଲାଗିଛି ଅସନ୍ତୋଷ। ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ। ବଜାରରେ ପନିପରିବା ଓ ତେଜରାତି ସାମଗ୍ରୀ ଦରବୃଦ୍ଧି ତୁଳନାରେ ମଧ୍ୟାହ୍ନ ଭୋଜନରେ ମାତ୍ର ଏକ ଟଙ୍କା ବୃଦ୍ଧି ସମୁଦ୍ରକୁ ଶଙ୍ଖେ ବୋଲି କହିଛି ସଂଘ। ତେଣୁ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବା ସହ ଅଧିକ ବ୍ୟୟ ବରାଦ କରିବାକୁ ଦାବି ହୋଇଛି। ମାତ୍ର ଏକ ଟଙ୍କା ବଢ଼ାଇଲେ ପିଲାଙ୍କୁ ଦେଇ ହେବନି ଉନ୍ନତମାନର ଖାଦ୍ୟ। ଅତି କମରେ ମଧ୍ୟାହ୍ନ ଭୋଜନ ମିଲ୍ ୨୦ ଟଙ୍କା କରିବାକୁ ଦାବି କରିଛି ଓଡିଶା ଅଭିଭାବକ ମହାସଂଘ। ସେପଟେ ମନ୍ତ୍ରୀ ଏକ ଟଙ୍କା ବଢିବ ବୋଲି କହିଥିଲେ ମଧ ସରକାରୀ ସ୍ତରରେ କିଛି ନିର୍ଦ୍ଦେଶନାମା ଜାରି କରାଯାଇ ନାହିଁ। ମଧ୍ୟାହ୍ନ ଭୋଜନ ଦରବୃଦ୍ଧି ପାଇଁ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ଅନୁମୋଦନ ମିଳିଲେ ସେହି ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ଏମଡିଏମ ନୋଡାଲ ଅଫିସର। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମଧ୍ୟାହ୍ନ ଭୋଜନ ଦେବା ପାଇଁ ଗତ ମାସରେ ପାଚିକା ସହାୟିକାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଯେଉଁଥିରେ ୮୦୦ ପାଚିକା ଭାଗ ନେଇଥିଲେ। ଆଗାମୀ ଦିନରେ ବ୍ଲକ ଓ କ୍ଲଷ୍ଟର ସ୍ତରରେ ତାଲିମ ଦେବାକୁ ସ୍ଥିର ହୋଇଛି। ଗୁଣାତ୍ମକ ମଧ୍ୟାହ୍ନ ଭୋଜନ ଓ ପୁଷ୍ଟିକର ଖାଦ୍ୟ କିଭଳି ପ୍ରସ୍ତୁତ ହେବ ଏ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି କହିଛନ୍ତି ଏମଡିଏମ ନୋଡାଲ ଅଫିସର। ଚାଉଳଠୁ ଆରମ୍ଭ କରି ଡାଲି, ଆଳୁ, ପନିପରିବା, ଖାଇବା ତେଲ ଆଦି ସବୁ ସାମଗ୍ରୀର ଦର ବଢ଼ି ଚାଲିଛି। ଆଉ ଏହାର ପ୍ରଭାବ ସିଧାସଳଖ ମଧ୍ୟାହ୍ନ ଭୋଜନ ଉପରେ ପଡିଛି। ତେଣୁ ଏଭଳି ସ୍ଥିତିରେ ଟଙ୍କାଟିଏ ବୃଦ୍ଧି ଗୁଣାତ୍ମକ ଭୋଜନ ଦେବାରେ କେତେ ସହାୟକ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## କ୍ୟାନ୍ସରରେ ପୀଡିତ ସ୍ୱାଗତ; ସହାୟତା ପାଇଁ ନିବେଦନ



**ବରଗଡ :** ଭଟଲି ବ୍ଲକ ଉର୍ଦ୍ଦୁନା ଗ୍ରାମ ପଞ୍ଚାୟତର ବାସିନ୍ଦା ସରୋଜ ବାରିକଙ୍କ ଏକମାତ୍ର ପୁତ୍ର ସ୍ୱାଗତ ବାରିକ୍ (୧୩ ବର୍ଷ) ଦୂରାରୋଗ କ୍ୟାନ୍ସର ବ୍ୟାଧିରେ ପୀଡିତ ହୋଇ ରାୟପୁର ବାଲ୍‌କୋ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସ୍ୱାଗତଙ୍କ ଚିକିତ୍ସା ପାଇଁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକତା ରହିଥିଲା ବେଳେ ତାଙ୍କ ପିତା-ମାତା ଅତ୍ୟନ୍ତ ଗରିବ ହୋଇଥିବାରୁ ପୁଅର ଚିକିତ୍ସା ଖର୍ଚ୍ଚ ତୁଲାଇ ପାରୁନାହାନ୍ତି। ତେଣୁ ସ୍ୱାଗତଙ୍କ ଚିକିତ୍ସା ପାଇଁ ତାଙ୍କ ମାତା ଆହ୍ଲାଦିନ୍ ବାରିକ ବଦାନ୍ୟ ବ୍ୟକ୍ତିମାନଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ସହାୟତା ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ମୋବାଇଲ ନମ୍ବର : ୯୫୮୩୮୬୧୮୧୮ରେ ଯୋଗାଯୋଗ କରିବା ସହିତ ନିମ୍ନରେ ପ୍ରଦତ୍ତ ସ୍କାନ୍ ଦ୍ୱାରା ସହାୟତା ରାଶି ପଠାଇବାକୁ ଅନୁରୋଧ।




PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**